

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-99 ♦SUNDAY ♦5 OCTOBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୯୯ ♦ରବିବାର ♦୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


**ପୁଲିସ ଚାକିରି ବେପାର**

## ୧୧୮ ଗିରଫ; ଚେର ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ୍

# ବଡ଼ବଡ଼ିଆଙ୍କୁ ହାତ ପାଉନି

- ସମସ୍ତ ୯୩୩ ପଦ ବିକ୍ରି ପାଇଁ କରାଯାଇଥିଲା ଯୋଜନା
- ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମଧ୍ୟରେ ତଦନ୍ତ ସୀମିତ
- ବାରମ୍ବାର ପରୀକ୍ଷା ପରିଚାଳନା ସବ୍‌ଲେଟ୍ ସନ୍ଦେହଘେରରେ
- କିଏ ଦେଇଥିଲା ପରୀକ୍ଷା ପରିଚାଳନା ସଂସ୍ଥା ପରିବର୍ତ୍ତନ ଅନୁମତି
- ଆସନ୍ତା ୬ ତାରିଖରେ ପ୍ରତିବାଦ ଶୋଭାଯାତ୍ରା କରିବ ବିଜେଡି

■ **ଭୁବନେଶ୍ୱର/ବ୍ରହ୍ମପୁର, ୪।୧୦ (ସମିସ):** ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ମିଶାଇ ମୋଟ ୧୧୮ ଜଣ ଗିରଫ ହୋଇଛନ୍ତି। ମାତ୍ର ଘଟଣାକୁ ୫ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନାହିଁ। ପରୀକ୍ଷା ପରିଚାଳନା କରିବା ପାଇଁ ଟେଣ୍ଡର ପାଇଥିବା କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଜେରା କରାଯାଇ ନାହିଁ। ସେହି କମ୍ପାନୀ ଠାରୁ ସବ୍ ଟେଣ୍ଡର ପାଇଥିବା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଲିକନ୍ ଠାରୁ ସବ୍ ଟେଣ୍ଡର ନେଇଥିବା ପଞ୍ଚସଫ୍ଟ ଟେକ୍ନୋଲୋଜି ମଧ୍ୟରେ ହିଁ ତଦନ୍ତ ସୀମିତ ରହିଛି। ଅପରପକ୍ଷରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଜେଲ୍ ବିଭାଗର ଡିଜି ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ସମ୍ପୃକ୍ତି ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଟେଣ୍ଡର ପାଇଥିବାବେଳେ କେଉଁ ପରିସ୍ଥିତିରେ ▶ପୃଷ୍ଠା-୭

## ବାରଙ୍ଗରୁ ଆଉ ଜଣେ ଦଲାଲ ଗିରଫ



ବିଶ୍ୱରଞ୍ଜନ ବେହେରା

**ମୁନ୍ନା ମହାନ୍ତି, ଶଙ୍କର ପୃଷ୍ଟି ନିଖୋଜ**

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିର ବିକ୍ରି ରାକେଟ୍‌ର ଦୁଇ ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟିଙ୍କ ପତ୍ତା ପାଉନାହିଁ ପୁଲିସ। ଦୁହିଁଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଥିଲେ ବି ସେମାନେ ଫେରାର ଅଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ବାରଙ୍ଗ ଅଞ୍ଚଳରୁ ଅନ୍ୟ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଦଲାଲ ହେଲେ ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା। ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହିତ ନିୟମିତ ଯୋଗାଯୋଗ କରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସେ ହସ୍ତାନ୍ତର କରିଥିଲେ।

**ଅଧିନାୟକ ପଦରୁ ବିଦାହେଲେ ରୋହିତ**

# ଗିଲ୍‌ଙ୍କୁ ଦିନିକିଆ ନେତୃତ୍ୱ




■ **ମୁମ୍ବାଇ, ୪।୧୦ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ରୋହିତ ଶର୍ମାଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଦଳର ନେତୃତ୍ୱ ଦିଆଯାଇଛି। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ରୋହିତଙ୍କ ସ୍ଥାନରେ ମଧ୍ୟ ଗିଲ୍‌ଙ୍କୁ ନେତୃତ୍ୱ ନେବା ଲାଗି ଚୟନ କରାଯାଇଥିଲା। ଅଷ୍ଟ୍ରେଲିଆରେ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଲାଗି ଟେଷ୍ଟ ଓ ଟି-୨୦ କ୍ରିକେଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଶ୍ରେୟସ ଆୟରଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଥିଲାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍ ଲାଗି ବିଶ୍ରାମ ଦିଆଯାଇଛି। (ବିବରଣୀ: ଖେଳ ପୃଷ୍ଠାରେ...)

**ପ୍ୟାର୍ ପକାଇବାକୁ ପେଞ୍ଚ**

# ମିଛ ଧରାଇଦେଲା ଶ୍ରୀକାକୁଲମ୍ ପୁଲିସ୍

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ଆନ୍ଧ୍ରପ୍ରଦେଶର ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲ ଧରା ପଡ଼ିବା ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ରାଜ୍ୟରେ ଚାକିରି ବିକ୍ରି ସ୍ପଷ୍ଟ ହେବା ଓ ଏହି ସମୟରେ ସରକାରଙ୍କ ରହସ୍ୟମୟ ନିରବତାକୁ ବିଭିନ୍ନ ମହଲରେ କଟୁ ସମାଲୋଚନା ପରେ ଏଥିରେ ତାଳି ପକାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିବା ପରେ ପୁଲିସ ତତ୍କାଳ ପଦକ୍ଷେପ ଗ୍ରହଣ କରି ପରୀକ୍ଷାର୍ଥୀମାନଙ୍କୁ ଧରିବାକୁ ଶ୍ରୀକାକୁଲମ୍ ପୁଲିସର ସହଯୋଗ ଲୋଡ଼ାଯାଇଥିବା କୁହାଯାଉଛି।

ଅନୁରୂପ ଭାବରେ ପୁଲିସ ମୁଖ୍ୟଙ୍କ ନିକଟକୁ ଆସିଥିବା ଏକ ହ୍ୱାଟ୍ସ ଆପ୍ ମେସେଜ ଆଧାରରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି । ମାତ୍ର ଘଟଣା ଦିନ ବିଳମ୍ବିତ ରାତିରେ ଶ୍ରୀକାକୁଲମ୍ ପୁଲିସ୍ ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ସବୁ ମିଛକୁ ଧରାଇ ଦେଇଛି। ଶ୍ରୀକାକୁଲମ୍ ଡିଏସ୍‌ପି ବିବେକାନନ୍ଦ ୩୦ ତାରିଖରେ ସ୍ଥାନୀୟ ଗଣମାଧ୍ୟମକୁ ଯେଉଁ ସୂଚନା ଦେଇଥିଲେ ତାହା ଭିନ୍ନ ଦିଗକୁ ଇଙ୍ଗିତ କରିଛି। ବିବେକାନନ୍ଦ କହିଥିଲେ ଯେ ୨୯ ତାରିଖ ବିଳମ୍ବିତ ରାତିରେ ବ୍ରହ୍ମପୁର ଏସ୍‌ପି ଡ. ଶର୍ବଣା ବିବେକ୍ ଓଡ଼ିଶାରୁ ୩ଟି ବସ୍‌ରେ କିଛି ଯାତ୍ରୀ ଯାଉଥିବା ତାଙ୍କୁ ସୂଚନା ଦେବା ସହ ଓଡ଼ିଶାର ଯାତ୍ରୀ ହୋଇଥିଲେ ସେମାନଙ୍କୁ ଅଟକ ରଖିବାକୁ ଅନୁରୋଧ କରିଥିଲେ। କିଛି ବିଭାଗୀୟ ସମସ୍ୟା ଥିବାରୁ ସେମାନଙ୍କୁ ଅଟକାଇ ପଚରାଉଚୁରା କରିବା ପରେ ଆପଣ ସବୁ ଜାଣିପାରିବେ ବୋଲି କହିଥିଲେ। ଏହାପରେ ଶ୍ରୀକାକୁଲମ୍ ପୁଲିସ୍ ପକ୍ଷରୁ ସବୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ବ୍ରହ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ବସ୍‌ରେ ଥିବା ▶ପୃଷ୍ଠା-୭

## ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ଓପିଆର୍‌ବି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୪।୧୦ (ସମିସ):** ଏସ୍‌ଆଇ ପରୀକ୍ଷା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିବା ଗନ୍ଧ ବାରିଥିଲେ ପୂର୍ବତନ ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ। ୨୦୨୪ରେ ପୁଲିସ ଏସଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପରେ ପ୍ରକ୍ରିୟାର ଦାୟିତ୍ୱ ନେଇଥିଲା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆରବି। ସେତେବେଳେ ଓପିଆରବିର ଅଧ୍ୟକ୍ଷ ଥିଲେ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ। ପରୀକ୍ଷା ପରିଚାଳନା ପାଇଁ ଓପିଆରବି ଦାୟିତ୍ୱ ଦେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜୁରାଟର ଆଇଟିଆଇ ସଂସ୍ଥାକୁ। ଆଇଟିଆଇ ଗୁଜୁରାଟର ଆଉ ଏକ ସଂସ୍ଥା ରିଚ୍ ମାଇନସ ଡ଼ିଜିଟାଲକୁ ଏହି ଦାୟିତ୍ୱ ଦେଲା। ଏଥିରେ ଦୁର୍ନୀତି ଆଶଙ୍କାରେ ସେ ଯେଉଁଥିପାଇଁ ନିଜଆଡୁ ସେ ଗତ ଏପ୍ରିଲମାସରେ ଇସ୍ତଫା ଦେଇଥିଲେ। ଓପିଆରବି ଅଧ୍ୟକ୍ଷ ପଦରୁ ସନ୍ତୋଷ ଉପାଧ୍ୟାୟ ଇସ୍ତଫା ଦେବା ପରେ ସୁଶାନ୍ତ ନାଥ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ। ଏହା ପରେ ବଦଳିଗଲା ଓପିଆରବି ଅଧୀନରେ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା।

## ସିଲିକନ୍ ଟେକ୍‌ଲାବ୍‌ରେ ୧୬ ଅଂଶୀଦାର

**୩ ଜଣଙ୍କ ନିକଟରେ ୭୭.୩୧ ପ୍ରତିଶତ ଅଂଶ**

■ **ଭୁବନେଶ୍ୱର, ୪।୧୦ (ସମିସ):** ଚାକରି ବେପାର ଘଟଣାରେ ବିବାଦୀୟ ସିଲିକନ୍ ଟେକ୍‌ଲାବ୍ ସମ୍ପର୍କରେ ଯେତେ ଖୋଳତାଡ଼ ହେଉଛି, ସେତିକି ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ପରୀକ୍ଷା ପରିଚାଳନାର ସାମାନ୍ୟ ଅଭିଜ୍ଞତା ନ ଥିବା ଏହି ସଂସ୍ଥା ଓପିଆର୍‌ବି ଠାରୁ ଦାୟିତ୍ୱ ପାଇଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇଠାରୁ ଏସ୍‌ଆଇ ପରୀକ୍ଷା ପରିଚାଳନା ଭାର ଗ୍ରହଣ କରିଥିଲା ଓଡିଶାରେ ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ଉଦ୍ୟୋଗ ଆଇଟିଆଇର ପ୍ରଥମ ସହଯୋଗୀ ସଂସ୍ଥା ଥିଲା ଗୁଜୁରାଟର ଘରୋଇ ସଂସ୍ଥା ରିଚ୍ ମାଇଣ୍ଡସ। ସେତେବେଳେ ବି ଅନୁରୂପ ଅନିୟମିତା ଅଭିଯୋଗ ହୋଇଥିଲା ଓ ଏହି ସଂସ୍ଥାକୁ ପରୀକ୍ଷା ପରିଚାଳନାରୁ ଅବ୍ୟାହତି ଦିଆଯାଇଥିଲା। ଏହାପରେ ଓଡ଼ିଶାର ଘରୋଇ ସଂସ୍ଥା ସିଲିକନ୍ ଟେକଲାବ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା। ସେତେବେଳେ ସିଲିକନ୍ ସଂସ୍ଥାର ଅଭିଜ୍ଞତା ଓ ବିଶ୍ୱସନୀୟତାକୁ କିଏ ଯାଞ୍ଚ କରିଥିଲା ତାର କୌଣସି ତଥ୍ୟ ନାହିଁ। ପୁନଶ୍ଚ ଏହି ସଂସ୍ଥା ପୁଣି ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ସଂସ୍ଥା ଭାବେ ପରୀକ୍ଷା ପରିଚାଳନା ପାଇଁ ବାଛିବା ପଛରେ କାହାର ହାତ ଥିଲା ତାହା ଏବେ ମଧ୍ୟ ସନ୍ଦେହରେ। କମ୍ପାନୀ ରେକର୍ଡ ଅନୁସାରେ ଏହି ସଂସ୍ଥାରେ ୧୬ଜଣ ଅଂଶୀଦାର ଥିଲେ ହେଁ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ସମୀର ରଥ, ଶାଶ୍ୱତୀ ମିଶ୍ର ଏବଂ ଏସ ଭି ଏରାଙ୍କ ପ୍ରମୁଖ ୫ ଜଣ ନିର୍ଦ୍ଦେଶକ ରହିଥିଲେ। ମାତ୍ର କୌତୂହଳର କଥା ହେଉଛି ଏହାର ୧୬ ଅଂଶୀଦାରଙ୍କ ନିକଟରେ ମାତ୍ର ୨୨.୬୯% ଅଂଶ ରହିଥିବାବେଳେ ୩ଜଣଙ୍କ ନିକଟରେ ଥିଲା ୭୭.୩୧ ଅଂଶ। ନିର୍ଦ୍ଦେଶକ ସୁରେଶ ନାୟକଙ୍କ ନିକଟରେ ୩୦.୭%, ସଞ୍ଜୀବ ନାୟକଙ୍କ ନିକଟରେ ୨୧.୩୬% ଓ ଏସ୍‌ଟିପିଏଲ୍ ନାମକ ଏକ ସଂସ୍ଥା ନିକଟରେ ୨୫.୨୫% ଅଂଶ ଥିବା ସୂଚନା ମିଳିଛି। ତେଣୁ ଚାକିରି ବେପାରରେ ଅନ୍ୟ ଅଂଶୀଦାରଙ୍କ ଭୂମିକା କ'ଣ ରହିଛି ତାହାର ଅନୁସନ୍ଧାନ ହେବାର ଆବଶ୍ୟକ ରହିଛି ବୋଲି ଦାବି ହୋଇଛି।

**ଭାଇଚାରାର ସହରରେ ରକ୍ତର ଛିଟା**

# ଭସାଣିରେ ଗୋଷ୍ଠୀ ସଂଘର୍ଷ: ୬ ଗୁରୁତର, ଆଇସିୟୁରେ ୨

■ **କଟକ, ୪।୧୦ (ସମିସ):** ଭାଇଚାରାରେ ରକ୍ତଛିଟା। ଐତିହାସିକ କଟକ ଦୁର୍ଗାପୂଜା ଭସାଣିରେ ଗତକାଲି ବିଳମ୍ବିତ ରାତିରେ କଟକ ଦରଘାବଜାର ଥାନା ଅଞ୍ଚଳରେ ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ମଧ୍ୟରେ ଢେଲା ଓ କାଚ ବୋତଲ ମାଡ଼ ହୋଇଥିବା ବେଳେ ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୬ ଆକ୍ରମଣକାରୀଙ୍କୁ

**ଡିସିପିଙ୍କ ସମେତ ୩ ପୁଲିସ କନେଷ୍ଟବଳ ଆହତ**

**ସୋମବାର ଭିଏଚ୍‌ପିର 'କଟକ ବନ୍ଦ' ଡାକରା**

ଦରଘାବଜାର ପୁଲିସ ଗିରଫ କରିଛି। ଅନ୍ୟପଟେ ସିସି କ୍ୟାମେରା, ନିୟୋଜିତ ଡ୍ରୋନ୍ ଫୁଟେଜ୍ ଏବଂ ପୁଲିସ ପକ୍ଷରୁ ସୁଟିଂ ହୋଇଥିବା ଭିଡିଓ ଫୁଟେଜ୍‌ରୁ ଆକ୍ରମଣକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସର୍ଚ୍ଚ ଅପରେସନ୍‌କୁ ମଧ୍ୟ ପୁଲିସ ଜୋରଦାର୍ କରିଛି।

ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ଉଭୟ ଗୋଷ୍ଠୀ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ବି ଆହତ ହୋଇଛନ୍ତି। ପଥର ମାଡ଼ରେ ତାଙ୍କ ଆଖିପତା ଫାଟି ଯାଇଛି। ସେହିପରି ▶ପୃଷ୍ଠା-୭

## ନିନ୍ଦାକଲେ ନବୀନ

**ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ**

**ଆଇନଶୃଙ୍ଖଳାକୁ ବିଗାଡ଼ିଦେଉଛି ପୁଲିସ ଉପରେ ଚାପ**




■ **ଭୁବନେଶ୍ୱର, ୪।୧୦ (ସମିସ):** ଦୁର୍ଗାପୂଜା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ୍ ଚିନ୍ତାଜନକ। ଭସାଣି ସମୟରେ ଢେଲା-ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ବିମାନବନ୍ଦରରୁ ପୁଣି ଜବତ ହେଲା ୩ କୋଟିର ମାରିଜୁଆନା

■ **ଭୁବନେଶ୍ୱର, ୪।୧୦ (ସମିସ):** ନିଶା ଚାଲାଣର ସହଜ ବାଟପାଲଟିଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର। ଏଠାରେ ଯାଞ୍ଚ କଡ଼ାକଡ଼ି ନଥିବାରୁ ନିଶା ମାଫିଆଙ୍କ ଆଖି ଏହି ବିମାନ ବନ୍ଦର ଉପରେ। ଗତ କିଛି ମାସ ହେବ ନିୟମିତ ଭାବେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଦେଇ ନିଶା ଚାଲାଣ ହେଉଛି। ଯେତେ ଧରାପଡୁଥିଲେ ମଧ୍ୟ ନିଶା ଚାଲାଣ ଥମୁନି। ଦେଢ଼ମାସ ପୂରିନି ପୁଣି ଥରେ ଜବତ ହୋଇଛି ମାରିଜୁଆନା। ବିମାନବନ୍ଦରରୁ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ମାରିଜୁଆନା ଆଣିଥିବା କେରଳର ଯାତ୍ରୀଙ୍କୁ କଷ୍ଟମ ବିଭାଗ ଅଟକ ରଖି ପଚରାଉଚରା କରୁଛି। ଏହି ଯାତ୍ରୀ ଜଣକ ହେଉଛନ୍ତି ମହମ୍ମଦ।

ବ୍ୟାଙ୍କକରୁ ମାରିଜୁଆନା ଆଣି ଏୟାରଇଣ୍ଡିଆ ବିମାନରେ ଭୁବନେଶ୍ୱର ଆସିଥିଲେ। ଏହି ଯାତ୍ରୀଙ୍କ ଚାଲିଚଳନରେ ସନ୍ଦେହ ହେବାରୁ ବିମାନ ବନ୍ଦରରେ ଅଟକାଇ ଲଗେଜ ବ୍ୟାଗର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩.୨ କିଲୋ ମାରିଜୁଆନ ମିଳିଥିଲା। ▶ପୃଷ୍ଠା-୭



**ବ୍ୟାଙ୍କକରୁ ଆସୁଥିଲା, ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା**

**ଭୁବନେଶ୍ୱରକୁ ନିଶା ହବ୍ କରିବାକୁ ଅନ୍ତର୍ଜାତୀୟ ଚକ୍ରାନ୍ତ**

**ସିନେଟ୍‌ରେ ଅଟକିଛି ଅର୍ଥ ବିଲ୍**

# ୪ ଦିନ ହେଲା ଆମେରିକା ସଟ୍‌ଡାଉନ୍

**ନାସା ବି ବନ୍ଦ ■ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର କର୍ମଚାରୀ**

■ **ୱାଶିଂଟନ, ୪।୧୦ (ଏଜେନ୍ସି):** ସିନେଟ୍‌ରେ ଅର୍ଥ ବିଲ୍ ଅନୁମୋଦନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାରୁ ଗତ ୪ ଦିନ ଧରି ଆମେରିକା ଅଚଳ (ସଟ୍‌ଡାଉନ୍) ହୋଇଯାଇଛି। କେବଳ କିଛି ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସେବା ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏପରିକି ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବନ୍ଦ ହୋଇଯାଇଛି। ଦେଶର ସାଢ଼େ ସାତ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟତ ଏବେ ବିପଦ ମୁହଁକୁ ଠେଲି ହୋଇଯାଇଛି। ସାତ ଲକ୍ଷ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଛଟେଇ ହେବାର ଆଶଙ୍କା ରହିଛି। ଏହାଛଡ଼ା ଅନେକ କର୍ମଚାରୀଙ୍କୁ ଏବେ ବିନା ବେତନରେ କାମ କରିବାକୁ ପଡ଼ିବ। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ଆମେରିକାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି।

**ଜିଦ୍‌ରେ ଅଟଳ ଡେମୋକ୍ରାଟ୍ ସଦସ୍ୟ; ଅଡୁଆରେ ଟ୍ରମ୍ପ**

ନିୟମ ଅନୁଯାୟୀ ଆମେରିକାର ବିଭିନ୍ନ ବିଭାଗ ପାଇଁ ସଂସଦ ପ୍ରତିବର୍ଷ ଅକଟୋବର ପହିଲା ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର କରିଥାଏ। ମଞ୍ଜୁରୀ ମିଳିବା ପେରେ ୧ ତାରିଖରୁ ବିଭାଗଗୁଡ଼ିକ ବଜେଟ ଖର୍ଚ୍ଚ ଆବଣ୍ଟନ କରାଯାଏ। କିନ୍ତୁ ଏଥର ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏବଂ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ମତଭେଦ ଯୋଗୁଁ



ଏହା ସମ୍ଭବ ହୋଇପାରି ନାହିଁ। ସ୍ୱାସ୍ଥ୍ୟ ସେବାକୁ ମିଳୁଥିବା ସବସିଡିକୁ କାଟିବା ଲାଗି ଟ୍ରମ୍ପ ପ୍ରଶାସନ ଜିଦ୍ ଧରିଥିବା ବେଳେ ଡେମୋକ୍ରାଟିକ ପାର୍ଟି ଏହାର ବିରୋଧ କରୁଛି। ଯେଉଁ ପର୍ଯ୍ୟନ୍ତ ଏହି ସବସିଡି ବ୍ୟବସ୍ଥା ଅବ୍ୟାହତ ରଖାନଯାଇଛି, ସେପର୍ଯ୍ୟନ୍ତ ଡେମୋକ୍ରାଟ୍ ସାଂସଦ ଅର୍ଥ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ସଂସଦ ବା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍)ରେ ଟ୍ରମ୍ପଙ୍କ ପାର୍ଟିର ସଂଖ୍ୟାଗରିଷ୍ଠତା ଥିବା ବେଳେ ଉଚ୍ଚ ସଦନ (ସିନେଟ)ରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ଅଧିକ ସାଂସଦ ରହିଛନ୍ତି। ତେଣୁ ସିନେଟରେ ବିଲ୍ ପାସ୍ କରିବାକୁ ହେଲେ ଡେମୋକ୍ରାଟ୍ ପାର୍ଟିର ସମର୍ଥନ ଜରୁରୀ। ତେଣୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଅର୍ଥ ମଞ୍ଜୁର ହୋଇନଥିବାରୁ ଜାତୀୟ ଅର୍ଥନୀତି ପୂରା ଠପ୍ ହୋଇଯିବାର ▶ପୃଷ୍ଠା-୭






# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

ହାଇଦରାବାଦ,୪।୧୦(ଏଜେନ୍ସି): ଆମେରିକାର ଡଲାସ୍ ସହରରେ ଜଣେ ଭାରତୀୟ ଦନ୍ତ ଚିକିତ୍ସା ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ହାଇଦରାବାଦ୍‌ରୁ ୨୭ ବର୍ଷୀୟ ଚନ୍ଦ୍ରଶେଖର ପୋଲ୍ ଡଲାସର ଏକ ଗ୍ୟାସ ଷ୍ଟେସନରେ ପାର୍ଟ ଟାଇମ୍ ଚାକିରି କରୁଥିଲେ। ସେ ହାଇଦରାବାଦ୍‌ରେ ଡେଣ୍ଟାଲ ସର୍ଜରୀରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ତେବେ ଗତ ରାତିରେ କେତେଜଣ ଅଜଣା ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ୬ ମାସ ତଳେ ସେ ଆମେରିକାରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ସେ ଫୁଲ୍ ଟାଇମ୍ ଚାକିରି ପାଇଁ ଚେଷ୍ଟା କରୁଥିଲେ। ଆମେରିକାରୁ ପୁଅର ମୃତଦେହ ଆଣିବାକୁ ଚନ୍ଦ୍ରଶେଖରଙ୍କ ପରିବାର ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ତେବେ କେଉଁ କାରଣରୁ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯାଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ବିଆରଏସ୍ ବିଧାୟକ ଟି ହରିସ ରାଓ ମୃତଦେହ ଫେରାଇ ଆଣିବାକୁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବେଲୁଚିସ୍ତାନରେ ବନ୍ଦର ନିର୍ମାଣ କରିବ ଆମେରିକା

ଇସ୍‌ଲାମାବାଦ୍,୪।୧୦(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଏକ ବନ୍ଦର ନିର୍ମାଣ କରିବାକୁ ଆମେରିକାକୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଦେଇଛନ୍ତି ପାକିସ୍ତାନ ସେନା ମୁଖ୍ୟ ହାସିମ ମୁନୀରଙ୍କ ଉପଦେଷ୍ଟା। ଏ ନେଇ ପ୍ରମୁଖ ନ୍ୟୁଜି ଏଜେନ୍ସି ରଏଟର୍ସ। ବେଲୁଚିସ୍ତାନର ପସନୀ ସହରରେ ଆରବ ସାଗର ଉପକୂଳରେ ଏକ ନୂଆ ବନ୍ଦର ନିର୍ମାଣ କରିବା ସହ ଏହାକୁ ଚଳାଇବାକୁ ପାକିସ୍ତାନ ଆନୁଷ୍ଠାନିକ ଭାବେ ଆମେରିକାକୁ ପ୍ରସ୍ତାବ ଦେଇଛି। ତେବେ ଏହି ବନ୍ଦର କେବଳ ବ୍ୟବସାୟ ଓ ଖଣିଜ ସମ୍ପଦର ନେବା ଆଣିବା ପାଇଁ ନିର୍ମାଣ ହେବ ବୋଲି କୁହାଯାଇଛି। ଆମେରିକାକୁ ପ୍ରସ୍ତାବିତ ବନ୍ଦରରେ କୌଣସି ସୈନ୍ୟ ଠିକଣା ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ତରଫରୁ ସ୍ପଷ୍ଟ କରାଯାଇଛି। ପସନୀ ଚୀନ ନିର୍ମିତ ବନ୍ଦର ଗ୍ୱାଦର ବନ୍ଦରଠାରୁ ମାତ୍ର ୧୧୨ କିମି ଦୂରରେ ଅବସ୍ଥିତ। ଏହି ବନ୍ଦର ମାଧ୍ୟମରେ ପାକିସ୍ତାନରୁ ତମ୍ବା ଓ ଆଣ୍ଟିମନୀ ଭଳି ଖଣିଜ ପଦାର୍ଥ ଆମେରିକାକୁ ସହଜରେ ପଠାଯାଇପାରିବ। ଏହି ବନ୍ଦରକୁ ଦେଶର ପଶ୍ଚିମାଞ୍ଚଳ ସହ ଯୋଗାଯୋଗ ପାଇଁ ୧୧ ହଜାର କୋଟି ଟଙ୍କା ବିନିମୟରେ ନୂଆ ରେଳ ଲାଇନ୍ ବିଛା ଯିବ। ମୁନୀର କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରେଳ ଖଣିଜ ସମ୍ପଦର ବ୍ରିଫକେସ୍ ଦେଖାଇଥିଲେ ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଭାରତର ଅପରେସନ ସିନ୍ଦୂର ପରେ ଆମେରିକା ଓ ପାକିସ୍ତାନ ନିକଟତର ହୋଇଛନ୍ତି।

# ଡଲାର ମୁଦ୍ରାରେ ଟ୍ରମ୍ପଙ୍କ ଚିତ୍ର ଖୋଦିତ

ୱାଶିଂଟନ,୪।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିତ୍ର ଖୋଦିତ ଏକ ଡଲାର ବିଶିଷ୍ଟ ମୁଦ୍ରା ବା କଏନ ଜାରି ହେବା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆମେରିକାର ଟ୍ରେଜେରୀ ବିଭାଗ ଶୁକ୍ରବାର ଏହି ମୁଦ୍ରାର ଡ୍ରାଫ୍ଟ ଡିଜାଇନ୍ ଜାରି କରିଛି। ଏହି ମୁଦ୍ରା ୨୦୨୬ରେ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ଅବସରେ ଜାରି କରାଯିବ ବୋଲି ଟ୍ରେଜେରୀ ବିଭାଗ ତରଫରୁ କୁହାଯାଇଛି। ଏହି ମୁଦ୍ରାର ଗୋଟିଏ ପଟେ ଟ୍ରମ୍ପ




ନିଜ ମୁଠା ଉଠାଇଥିବାର ଦେଖାଯାଇଛି ଓ ଏହି ପଟେ ଫାଇଟ୍, ଫାଇଟ୍, ଫାଇଟ୍ ବୋଲି ଲେଖାଯାଇଛି। ଏହି ଶବ୍ଦ ଟ୍ରମ୍ପ ଗତବର୍ଷ ଏକ ଆକ୍ରମଣରୁ ବର୍ତ୍ତିବା ପରେ କହିଥିଲେ। ସେହିପରି ମୁଦ୍ରାର ଅନ୍ୟପଟେ ଟ୍ରମ୍ପଙ୍କ ଚିତ୍ର, ଲିବର୍ଟି ଓ ତାରିଖ (୧୯୭୭-୨୦୨୬) ଲେଖା ଯାଇଛି। ମୁଦ୍ରାର ଏହି ଡିଜାଇନ୍ ଦେଶର ଦୃଢ଼ ମାନସିକତାକୁ ଦର୍ଶାଉଛି ବୋଲି ଟ୍ରେଜେରୀ ତରଫରୁ କୁହାଯାଇଛି। ମୁଦ୍ରାର ଅନ୍ତିମ ଡିଜାଇନ୍ ଏପର୍ଯ୍ୟନ୍ତ ଚୟନ ହୋଇନାହିଁ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ୧୯୭୬ରେ ଆମେରିକାର ୨୦୦ତମ ସ୍ୱାଧୀନତା ଦିବସ ଅବସରରେ ଲିବର୍ଟି ବେଲ୍ ଓ ଚନ୍ଦ୍ରକୁ ନେଇ ମୁଦ୍ରା ପ୍ରସ୍ତୁତ କରାଯାଇଥିଲା। ଏଥିରେ ପୂର୍ବତନ ରାଷ୍ଟ୍ରପତି ଏଇସେନହାୱାରଙ୍କ ଚିତ୍ର ଥିଲା। ଟ୍ରମ୍ପଙ୍କୁ ଏହି ମୁଦ୍ରାର ଡିଜାଇନ ପସନ୍ଦ ଆସିବ ବୋଲି ହ୍ୱାଇଟ୍‌ହାଉସ୍ ମୁଖପାତ୍ର କାରାଲିନ ଲେବିଟ କହିଛନ୍ତି।


# ତଳ କୋର୍ଟର ଦୁଇ ବିଚାରପତିଙ୍କୁ ହଟାଇଲେ ବମ୍ବେ ହାଇକୋର୍ଟ

ମୁମ୍ବାଇ,୪।୧୦(ଏଜେନ୍ସି): ବମ୍ବେ ହାଇକୋର୍ଟ ଶୁକ୍ରବାର ତଳ କୋର୍ଟର ଦୁଇଜଣ ବିଚାରପତିଙ୍କୁ ପଦରୁ ହଟାଇଛନ୍ତି।



ଅନୁଚିତ ତଥା ଅଶୋଭନୀୟ ଅଚାରଣ ଓ ଦୁର୍ନୀତି ପାଇଁ ହାଇକୋର୍ଟ ଦୁଇ ବିଚାରପତି ସତାରାର ଅତିରିକ୍ତ ସେସନ ଜଜ୍ ଧନଞ୍ଜୟ ନିକମ ଓ ପାଲଘର ସିଭିଲ ଜଜ୍ (ସିନିଅର ଡିଭିଜନ) ଇର୍ଫାନ ଶେଖଙ୍କୁ ପଦରୁ ବହିଷ୍କାର କରିଛନ୍ତି। ଶୃଙ୍ଖଳାଗତ କମିଟିର ତଦନ୍ତ ପରେ ହାଇକୋର୍ଟ ଏହି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇଛନ୍ତି। ଧନଞ୍ଜୟଙ୍କ ନାମରେ ଉତ୍କୋଚ ତଥା ଲାଞ୍ଚ ନେବାର ଅଭିଯୋଗ ଆସିଥିଲା। ସେହିପରି ଏକ ଶୁଣାଣି ଅବସରରେ ଇର୍ଫାନ ଦୁର୍ନୀତି କରିବାର ଅଭିଯୋଗ ହୋଇଥିଲା। ଇର୍ଫାନ ଜବତ ହୋଇଥିବା ନିଶାଦ୍ରବ୍ୟ ସେବନ କରିବାର ଅଭିଯୋଗ ହୋଇଥିଲା ଓ ଏ ନେଇ ବମ୍ବେ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ତେବେ ଆମେ ନିର୍ଦ୍ଦୋଶ ବୋଲି ବହିଷ୍କୃତ ହୋଇଥିବା ଏହି ଦୁଇ ବିଚାରପତି କହିଛନ୍ତି। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ମୁମ୍ବାଇ ନ୍ୟାୟିକ ବ୍ୟବସ୍ଥାରେ ହଇଚଇ ସୃଷ୍ଟି ହୋଇଛି।

# ଜୁବିନଙ୍କୁ ବିଷ ଦେଇଛନ୍ତି ମ୍ୟାନେଜର!



ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ଜଣାଶୁଣା ବଲିଉଡ ଓ ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁକୁ ନେଇ ନୂଆ ନୂଆ କଥା ସାମନାକୁ ଆସିବାରେ ଲାଗିଛି। ଜୁବିନଙ୍କୁ ହତ୍ୟା କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ଲାଗି ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲକୁ ଚୟନ କରାଯାଇଥିଲା। କେବଳ ଏତିକି ନୁହେଁ, ତାଙ୍କୁ ପାଣିରେ ବୁଡ଼ାଇ ମାରିବା ଲାଗି ବିଷ ଦିଆଯାଇଥିଲା। ଏଭଳି ଷଡ଼ଯନ୍ତ୍ର କରି ଜୁବିନଙ୍କୁ ବିଷ ଦେଇଛନ୍ତି ତାଙ୍କର ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହନ୍ତ। ଏଭଳି ଅଭିଯୋଗ ଆଣିଛନ୍ତି ଜୁବିନଙ୍କ ବ୍ୟାଣ୍ଡମେଟ୍ ତଥା ସାଥି ଗାୟକ ଶେଖର ଜ୍ୟୋତି ଗୋସ୍ୱାମୀ।

ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସ୍‌ଆଇଟି ଅଧିକାରୀଙ୍କ ସାମନାରେ ଶେଖର ଏହି ବୟାନ ଦେଇ କହିଛନ୍ତି ।।ଯେ ଏହି ଦୁଇଜଣ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର କରିଥିଲେ। ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲରେ ମ୍ୟାନେଜର

**ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ହୋଇଛି ଷଡ଼ଯନ୍ତ୍ର**

ସିଦ୍ଧାର୍ଥ ସେମାନଙ୍କ ସହ ରହୁଥିଲେ। ଜୁବିନଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଆଚରଣ ସନ୍ଦେହଜନକ ଥିଲା। ସିଦ୍ଧାର୍ଥ ସମୁଦ୍ର ମଝିରେ ବୋଟ୍‌ର ଚାଳକଙ୍କୁ ହଟାଇ ନୟନ୍ତ୍ରଣ ହାତକୁ ନେଇଥିଲେ। ଜୁବିନ ସମୁଦ୍ରକୁ ଭିତରକୁ ଯିବା ପରେ ଅଣନିଶ୍ୱାସୀ ହେବା ଭଳି ଲାଗୁଥିଲା। ଏହାସତ୍ତ୍ୱେ ସିଦ୍ଧାର୍ଥ ଜୁବିନଙ୍କୁ ଯିବାକୁ ଦିଅ, ଯିବାକୁ ଦିଅ ବୋଲି କହିଥିଲେ। ତେଣୁ ଏହା ଆଦୌ ଦୁର୍ଘଟଣା ନଥିଲା ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ସିଙ୍ଗାପୁରରେ ସେପ୍ଟେମ୍ବର ୧୯ରେ ଜୁବିନ ସ୍କୁବା ଡାଇଭିଂ କରିବା ବେଳେ ମୃତ୍ୟୁବରଣ କରିଥିଲେ। ୨୦ ତାରିଖରେ ସିଙ୍ଗାପୁରରେ ହେବାକୁ ଥିବା ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଂଗୀତ ପରିବେଷଣ କରିଥାନ୍ତେ। କିନ୍ତୁ ଜୁବିନ ଇଭେଣ୍ଟ ପୂର୍ବରୁ ୱାଟର ଆଡଭାନଚର ଆକ୍ଟିଭିଟିରେ ଭାଗ ନେଇଥିଲେ। ଜୁବିନଙ୍କୁ ଭଲଭାବେ ପହଁରା ଜଣାଥିଲା। ତେଣୁ ସେ ପାଣିରେ ବୁଡ଼ି ମୃତ୍ୟୁବରଣ କରିନାହାନ୍ତି ବୋଲି ଶେଖର ଦାବି କରିଛନ୍ତି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଗାଜାରେ ଶାନ୍ତି ପାଇଁ ବାଟ ଫିଟୁଛି

ୱାଶିଂଟନ,୪।୧୦(ଏଜେନ୍ସି):

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକର ୬ ଘଣ୍ଟା ପରେ ହମାସ ଅସ୍ତ୍ରବିରତି ପାଇଁ ରାଜି ହୋଇଛି। ହମାସ ଶୁକ୍ରବାର ରାତିରେ ଏ ନେଇ ଘୋଷଣା କରିଛି। ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୋଜନା ଅନୁଯାୟୀ ବଞ୍ଚିଥିବା ଓ ମୃତ୍ୟୁବରଣ କରିଥିବା ସବୁ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସ ପ୍ରସ୍ତୁତ ଅଛି ବୋଲି କହିଛି। ଏଥିସହ ଗାଜା ଉପରୁ ନିୟନ୍ତ୍ରଣ ଛାଡ଼ିବାକୁ ହମାସ ମଧ୍ୟ ରାଜି ହୋଇଛି। ତେବେ ଟ୍ରମ୍ପ ଦେଇଥିବା ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବରେ କେତୋଟି ସ୍ଥାନରେ ଆଲୋଚନା କରିବାର ଆବଶ୍ୟକତା ଅଛି ବୋଲି ହମାସ କହିଛି। ହମାସ ଅସ୍ତ୍ର ଛାଡ଼ିବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ। ହମାସର ଏହି ଘୋଷଣା ପରେ ଗାଜା ଉପରେ ଆକ୍ରମଣ ନ କରିବାକୁ ଟ୍ରମ୍ପ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲ ମଧ୍ୟ ଟ୍ରମ୍ପଙ୍କ ଗାଜା ଯୋଜନା ଉପରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି କହିଛି। ଟ୍ରମ୍ପଙ୍କ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟ ଲାଗୁ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।



**ନିୟନ୍ତ୍ରଣ ଛାଡ଼ିବ ହମାସ**

**ମୁକ୍ତ ହେବେ ପଣବନ୍ଦୀ**

**ଇସ୍ରାଏଲର ପୁଣି ଆକ୍ରମଣ, ୬ ମୃତ**

ଉଲ୍ଲେଖଥାଉ କି, ହମାସ ପାଖରେ ୪୮ ଜଣ ଇସ୍ରାଏଲ ପଣବନ୍ଦୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଏବେ ୨୦ ଜଣ ବଞ୍ଚିଛନ୍ତି। ଅସ୍ତ୍ରବିରତି ଘୋଷଣା ହେବାର ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ ମଧ୍ୟ ୨,୦୦୦ରୁ ଅଧିକ ପାଲେଷ୍ଟାଇନ୍ ସୁରକ୍ଷାକର୍ମୀ ଓ ମୃତାହତ ହୋଇଥିବା ଗାଜା ବାସୀଙ୍କ ମୃତଦେହ ଫେରାଇବାକୁ କୁହାଯାଇଛି। ଇସ୍ରାଏଲ ଓ ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ଟିମ୍ ସାଥିହୋଇ କାର୍ଯ୍ୟ କରିବେ। ଗାଜାରେ ଆକ୍ରମଣ ରୋକିବାକୁ ଇସ୍ରାଏଲ ପ୍ରସ୍ତୁତ ବୋଲି କହିଛି। ତେବେ ଅତି ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ କରିବାକୁ ଇସ୍ରାଏଲ କହିଛି। ହମାସର ଏଭଳି ଆଚରଣ ଗାଜାରେ ଶାନ୍ତି ପାଇଁ ବାଟ ଫିଟାଇଛଇ ବୋଲି କୁହାଯାଉଛି।

ଶାନ୍ତି ତଥା ଅସ୍ତ୍ରବିରତି ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଥିବା ବେଳେ ଇସ୍ରାଏଲ ଗାଜା ଉପରେ ପୁଣି ଶନିବାର ଆକ୍ରମଣ କରିଛି। ଫଳରେ ସ୍ଥିତି ବିଗିଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଗୋଟିଏ ଆକ୍ରମଣରେ ଗାଜା ସିଟିର ଏକ ଘରେ ରହୁଥିବା ୪ ଜଣ ପ୍ରାଣ ହରାଇଥିଲେ। ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ରେ ଆଉ ଏକ ଆକ୍ରମଣରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବରୁ ଗାଜା ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ ଅକ୍ଟୋବର ୭ ପରେ ହମାସର ଆତଙ୍କବାଦୀ ଆକ୍ରମଣ ପରେ ଇସ୍ରାଏଲ୍ ଗାଜାରେ ଆକ୍ରମଣ ଜାରି ରଖିଛି। ହମାସର ଏହି ଆକ୍ରମଣରେ ୧୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଏଥିସହ ହମାସ୍ ୨୫୧ଜଣଙ୍କୁ ପଣବନ୍ଦୀ ରଖିଥିଲା ଗାଜାରେ ଇସ୍ରାଏଲ ଏହି ସେନା ଅଭିଯାନରେ ଏପର୍ଯ୍ୟନ୍ତ ୬୬,୦୦୦ ଲୋକ ପ୍ରାଣ ହରାଇଲେଣି।

# ଭାରତ ରୁଷ୍‌ଠାରୁ ଆହୁରି ଅଧିକ ଏସ୍-୪୦୦ କିଣିବ



ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ଭାରତ ରୁଷିଆଠାରୁ ଆହୁରି ଅଧିକ ଏସ୍-୪୦୦ କ୍ରୟ କରିପାରେ। ପୂର୍ବରୁ ୫ଟି ଏସ୍-୪୦୦ କ୍ରୟ ନେଇ ଚୁକ୍ତି ହୋଇସାରିଛି। ଭାରତ ମଧ୍ୟ ୩ଟି ଏସ୍-୪୦୦ ପାଇ ସାରିଛି। ଏବେ ଆଉ କିଛି ସିଷ୍ଟମ ପାଇଁ ଚୁକ୍ତି ହେବ। ଆଗାମୀ ଡିସେମ୍ବରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ଅବସରରେ ଚୁକ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରେସନ ସିନ୍ଦୂରରେ ଏସ୍-୪୦୦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ପାକିସ୍ତାନକୁ ଚକ୍‌ମା ଦେବାରେ ସଫଳ ହୋଇଥିଲା। ପାକିସ୍ତାନ ତରଫରୁ ଆସିଥିବା ସବୁ ଡ୍ରୋନ୍ ଓ ମିସାଇଲକୁ ଏସ୍-୪୦୦ ନିଷ୍କ୍ରିୟ କରିଥିଲା। ଭାରତ ୨୦୧୮ ଅକ୍ଟୋବର ୫୦୦ କୋଟି ଡଲାର ବିନିମୟରେ ଏସ୍-୪୦୦ କ୍ରୟ କରିବାକୁ ଚୁକ୍ତି କରିଥିଲା। ସେତେବେଳେ ଆମେରିକା ଏ ନେଇ ଚେତାବନୀ ମଧ୍ୟ ଦେଇଥିଲା। ଏବେ ଭାରତ ଏସ୍-୫୦୦ ମିସାଇଲ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି। ଏସ୍-୪୦୦ ଓ ଏସ୍- ୫୦୦ ଦୁଇଟି ଯାକ ଅତ୍ୟାଧୁନିକ ସିଷ୍ଟମ ଭାବେ ପରିଗଣିତ ହେଉଛି। ଆକାଶମାର୍ଗରୁ ଶତ୍ରୁର ଆକ୍ରମଣକୁ ପଣ୍ଡ କରିବା ପାଇଁ ଏହି ସିଷ୍ଟମର ବ୍ୟବହୃତ ହୋଇଥାଏ। ଆବଶ୍ୟକତା ଅନୁଯାୟୀ ଭାରତ ଏସ୍-୪୦୦ ଓ ଅନ୍ୟ ଡିଫେନ୍ସ ସିଷ୍ଟମ କ୍ରୟ କରିବ ବୋଲି ଏୟାର ଚିଫ୍ ମାର୍ଶାଲ ଏପି ସିଂ ପୂର୍ବରୁ କହି ସାରିଛନ୍ତି।

**ଏସ୍-୫୦୦ କ୍ରୟ ନେଇ ବିଚାର କରାଯାଇ ପାରେ**

**ଡିସେମ୍ବରରେ ପୁଟିନଙ୍କ ଭାରତ ଗସ୍ତରେ ଚୁକ୍ତି ହୋଇପାରେ**

# ପିଲାଙ୍କ ପାଇଁ କାଳ କଫ୍ ସିରପ୍






ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ତାମିଲନାଡୁ ପରେ ମଧ୍ୟପ୍ରଦେଶରେ କଫ୍ ସିରପକୁ ନିଷେଧ କରାଯାଇଛି। କଫ୍ ସିରପ ସେବନ କରି ଏପର୍ଯ୍ୟନ୍ତ ରାଜସ୍ଥାନ।।ରେ ୩ ଓ ମଧ୍ୟପ୍ରଦେଶ।।ରେ ୯ଜଣ ପିଲା ମୃତ୍ୟୁବରଣ କରିଛନ୍ତି। ଫଳରେ ଏହି ଦୁଇ ରାଜ୍ୟରେ କଫ୍ ସିରପକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ମଧ୍ୟପ୍ରଦେଶରେ ଶନିବାରଠାରୁ କୋଲ୍ଡରିଫ୍ ସିରପ ଓ ନେକ୍ସେଟ୍ରୋ-ଡିଏସ୍ ବିକ୍ରି କରିବାକୁ ନିଷେଧ କରାଯାଇଛି। ଏହି ଦୁଇ କଫ୍ ସିରପ ତାମିଲନାଡୁର କାଞ୍ଚିପୁରମ୍‌ରେ ତିଆରି କରାଯାଉଥିଲା। ପିଲାଙ୍କ ମୃତ୍ୟୁପରେ ତାମିଲନାଡୁ ସରକାର ଏହି ଔଷଧଗୁଡିକର ତିଆରି ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ସେପଟେ ରାଜସ୍ଥାନରେ ଡେକ୍ସଟ୍ରୋମେଥେରୋଫାନ ହାଇଡ୍ରୋବ୍ରେମାଇଡ୍ କଫ୍ ସିରପ୍‌ର ଉତ୍ପାଦନକାରୀ କମ୍ପାନୀ କସନ ଫାର୍ମାକୁ ମଧ୍ୟ ବ୍ୟାନ କରାଯାଇଛି। ଏହି କମ୍ପାନୀର ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ମଧ୍ୟ

- **୧୨ ପିଲାଙ୍କ ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ**
- **ତାମିଲନାଡୁ ପରେ ମଧ୍ୟପ୍ରଦେଶରେ ନିଷିଦ୍ଧ**
- **ରାଜସ୍ଥାନରେ ଡ୍ରଗ୍ସ କଣ୍ଟ୍ରୋଲର ସସ୍‌ପେଣ୍ଡ**

ରହିଛି। ଏଥିପାଇଁ ରାଜସ୍ଥାନର ଜଣେ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସସ୍‌ପେଣ୍ଡ କରାଯାଇଛି।

ଉଲ୍ଲେଖଥାଉ କି, କୋଲ୍ଡାରିଫ୍ ଓ ନୋକ୍ସଟ୍ରୋ ଡିଏସ୍ ସେବନ କାରଣରୁ ମଧ୍ୟ ପ୍ରଦେଶରେ ଗତ ୨୬ ଦିନ ମଧ୍ୟରେ ୯ ଜଣ ପିଲା ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଭରତପୁର ଓ ସିକାରରେ ମଧ୍ୟ ସମକାରଣ ଯୋଗୁ ତିନିଜଣ ପିଲା ମୃତ୍ୟୁବରଣ କରିଥିଲେ। ମଧ୍ୟପ୍ରଦେଶ ଏ ନେଇ ଚିଠି ଦେବା ପରେ ୪୮ ଘଣ୍ଟା ମଧ୍ୟରେ ତାମିଲନାଡୁରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେପଟେ ଦୁଇବର୍ଷରୁ କମ୍ ବୟସ୍କ ପିଲାଙ୍କୁ କଫ୍ ସିରପ ନ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମହାରାଷ୍ଟ୍ରକୁ ବିପଦ 'ଶକ୍ତି'

ମୁମ୍ବାଇ,୪।୧୦(ଏଜେନ୍ସି):

ଗୁଜରାଟର କଚ୍ଛ ନିକଟରେ ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବାତ୍ୟାର ରୂପ ନେଇଛି। ଶ୍ରୀଲଙ୍କା ଏହି ବାତ୍ୟାର ନାମ 'ଶକ୍ତି' ରଖିଛି। ମହାରାଷ୍ଟ୍ରରେ ୩ରୁ ୭ ଅକ୍ଟୋବର ମଧ୍ୟରେ ବାତ୍ୟା ଶକ୍ତିକୁ ନେଇ ସତର୍କତା ଜାରି କରାଯାଇଛି। ମୁମ୍ବାଇ, ଥାନେ, ପାଲଘର, ରାଇଗଡ଼, ରତ୍ନଗିରି ଓ ସିନ୍ଧୁଦୁର୍ଗ ଜିଲ୍ଲାରେ



ଶକ୍ତିର ପ୍ରଭାବ ଦେଖିବାକୁ ମିଳିବ ଓ ୪୫ରୁ ୫୫ କିମି ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପବନର ବେଗ ୬୫ କିମିରେ ମଧ୍ୟ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି। ଅକ୍ଟୋବର ୫ରେ ମହାରାଷ୍ଟ୍ର ଉପକୂଳରେ ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ ବୋଲି ଅନୁମାନ କରାଯାଉଛି। ମୌସୁମୀର ଲେଉଟାଣି ପରେ ଶକ୍ତି ପ୍ରଥମ ବାତ୍ୟା ଭାବେ ଆରବ ସାଗରରେ ସୃଷ୍ଟି ହୋଇଛି। ଶକ୍ତି କିନ୍ତୁ ଭାରତରେ ଲ୍ୟାଣ୍ଡଫଲ କରିବ ନାହିଁ। ଅକ୍ଟୋବର ୭ ସୁଦ୍ଧା ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ, ଜୋରରେ ପବନ ବହିବା ସାଙ୍ଗକୁ ଗୁଜରାଟ ଓ ଉତ୍ତର ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି। ବଙ୍ଗୋପ ସାଗରରେ ଗଭୀର ଅବପାତ କାରଣରୁ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର କୋତୋଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ବର୍ଷା କାରଣରୁ ଆନ୍ଧ୍ରରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଓଡ଼ିଶାର ଗଜପତି ଜିଲ୍ଲାରେ ୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ସମୁଦ୍ରରେ ଏବେ ୧୦୦ କିମିରୁ ଅଧିକ ବେଗରେ ପବନ ବହୁଛି। ଅକ୍ଟୋବର ୬ ବେଳକୁ ଶକ୍ତି ଦୁର୍ବଳ ହେବ। ସମୁଦ୍ର ଭିତରକୁ ନ ଯିବା ପାଇଁ ମାଛ ଧରାଳିଙ୍କୁ ସତର୍କ କରି ଦିଆଯାଇଛି। ମହାରାଷ୍ଟ୍ରର ବିଭିନ୍ନ ଜିଲ୍ଲାରେ ଧନଜୀବନ ହାନିକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

**୬୫ କିମି ବେଗରେ ପବନ ବହିବ**

# ସାର୍ କ୍ରିକ୍ ପାଇଁ ଭାରତ-ପାକିସ୍ତାନ ମୁହାଁମୁହିଁ

ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ସାର କ୍ରିକ୍‌କୁ ନେଇ ପୁଣିଥରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି। ଗୁଜରାଟର କଚ୍ଛ ଜିଲ୍ଲା ଓ ପାକିସ୍ତାନର ସିନ୍ଧ ରାଜ୍ୟର ସୀମାକୁ ଏକ ୯୬ କିମି ଦୀର୍ଘର ଜୁଆରିଆ ମୁହାଣ ନିର୍ଦ୍ଧାରିତ କରୁଛି। ଏହି ମୁହାଣ ସିଧା ଆରବ ସାଗରକୁ ସଂଯୋଗ କରୁଛି। ଜୁଆର ଓ ଭଟ୍ଟା ଅନୁସାରେ ଏହି ସାର କ୍ରିକ୍‌ର ଜଳ ପତନ ବୃଦ୍ଧି ଓ ହ୍ରାସ ହୋଇଥାଏ। ଦୁଇ ଦେଶ ଏହି ସାମୁଦ୍ରିକ ସୀମାକୁ ନେଇ ଭିନ୍ନ ଭିନ୍ନ ମତ ଓ ତର୍କ ଦେଇ ଆସୁଛନ୍ତି। ଏହି ଅଞ୍ଚଳ ଐତିହାସିକ, ଭୌଗଳିକ, ଆର୍ଥନୈତିକ, ପରିବେଷ ଦୃଷ୍ଟିକୋଣରୁ ଦୁଇ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି। ଏହାକୁ ପୂର୍ବେ 'ବନ ଗଙ୍ଗା' କୁହାଯାଉଥିଲା। କିନ୍ତୁ ଇଂଗ୍ରେଜ ଶାସନ ବେଳେ ବ୍ରିଟିଶ ଅଧିକାରୀ ସାର କ୍ରିକ୍‌ଙ୍କ ଅନୁସାରେ ଏହାର ନୂଆ ନାମକରଣ ହୋଇଥିଲା। ଏବେ ଏହି ଅଞ୍ଚଳ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ପାକିସ୍ତାନ ସେନା ତା'ର ଉପସ୍ଥିତି ଜାହିର କରୁଛି। ତେଣୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଏଥିପାଇଁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ଏହି ଅଞ୍ଚଳରେ ପାକିସ୍ତାନ କିଛି ଦୁଃସାହାସ କରେ ତେବେ ତା' କଡ଼ା ଜବାବ ଦିଆଯିବ ଓ ଇତିହାସ ସମେତ ଭୂଗୋଳ ମଧ୍ୟ ବଦଳାଇ ଦିଆଯିବ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି। ଏହି ଅଞ୍ଚଳରେ ପାକିସ୍ତାନ ତା'ର ସୈନ୍ୟ ଭିତ୍ତିଭୂମି ନିର୍ମାଣ କରୁଥିବାର ଖବର ଆସିବା ପରେ ରାଜନାଥ ପାକିସ୍ତାନକୁ ଏହି ସତର୍କବାଣୀ ଶୁଣାଇଛନ୍ତି।। ପୂର୍ବରୁ ଏହି ସୀମା ବିବାଦକୁ ସମାଧାନ କରିବାକୁ ଏକାଧିକବାର ପ୍ରୟାସ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ। କାରଣ ପାକିସ୍ତାନ ସମଗ୍ର ଅଞ୍ଚଳକୁ ନିଜର ବୋଲି ଦାବି କରୁଛି।

# ଜାପାନରେ ପ୍ରଥମଥର ପାଇଁ ମହିଳା ହେବେ ପ୍ରଧାନମନ୍ତ୍ରୀ

ଟୋକିଓ,୪।୧୦(ଏଜେନ୍ସି): ପୂର୍ବ ଏସୀୟ ଦେଶ ଜାପାନରେ ପ୍ରଥମଥର ପାଇଁ ଜଣେ ମହିଳା ପ୍ରଧାନମନ୍ତ୍ରୀ ପଦରେ ଅଳଙ୍କୃତ ହେବେ। ସେ ହେଉଛନ୍ତି ୬୪ ବର୍ଷୀୟା କନଜରଭେଟିଭ୍ ରାଜନେତ୍ରୀ ସାନାଏ ତାକାଇଚି। ତାକାଇଚି ବ୍ରିଟେନ ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ଜଣେ ପ୍ରଶଂସକ ଭାବେ ବେଶ୍ ଜଣାଶୁଣା। ଖୁବ୍‌ଶୀଘ୍ର ତାଙ୍କର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଜାପାନରେ ବହୁମତ ହାସଲ କରିଥିବା ପାର୍ଟିର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ପରମ୍ପରା ରହିଆସିଛି। ତେଣୁ ତାକାଇଚି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ନିକଟତର ଓ ଚୀନ୍-ବରୋଧୀ ନେତା ବୋଲି ବିବେଚିନା କରାଯାଏ।



ତାକାଚାଇ ଜାପାନରେ ପୁରୁଷ ରାଜା ଶାସନର ସମର୍ଥକ ଭାବେ ବେଶ୍ ଜଣାଶୁଣା। ଏଥିସହ ସେ ରାଣୀ ରାଷ୍ଟ୍ରମୁଖ୍ୟ ଭାବେ ଶାସନ ଭାର ସମ୍ଭାଳିବା ବିପକ୍ଷରେ ରହିଥାନ୍ତି। ତାକାଚାଇ ୨୦୦୪ରେ ସାଥି ସାଂସଦ ତାକୁ ୟମାମେଟୋଙ୍କୁ ବିବାହ କରିଥିଲେ। ତେବେ ୨୦୧୭ ଜୁଲାଇରେ ରାଜନୈତିକ ମତଭେଦ କାରଣରୁ ଦୁହେଁ ଅଲଗା ହୋଇଥିଲେ। କିନ୍ତୁ ୨୦୨୧ରେ ଦୁହେଁ ପୁଣି ଏକାଠି ହୋଇଥିଲେ ଓ ପୁଣିଥରେ ବିବାହ କରିଥିଲେ।

# ଚାକିରି ବିକ୍ରି: ମେଧାବୀଙ୍କ ଆଖିରେ ଲୁହ

## ବଡ଼ ଆନ୍ଦୋଳନ ପାଇଁ ସଜବାଜ

ଭୁବନେଶ୍ୱର, ୪।୧୦(ସମିସ): ରାଜ୍ୟରେ ଚାକିରି ବିକ୍ରି ହେଉଛି। ଯାହା ପାଖରେ ଟଙ୍କା ଅଛି, ସେ ଲାଞ୍ଚ ଦେଇ ଚାକିରି ପାଉଛି। ଏପରିକି, ବଡ଼ବଡ଼ ପଦରେ ଥିବା ଅଧିକାରୀମାନେ ସେମାନଙ୍କ ପୁଅ-ଝିଅ ପାଇଁ ଚାକିରି କିଣି ଦେଉଛନ୍ତି। ଫଳରେ ପରୀକ୍ଷାରେ ଆଖି ଖୋସି ହୋଇଗଲା ପରି କଟ୍-ଅଫ୍ ଯାଉଛି। ଦୀର୍ଘ ବର୍ଷ ଧରି ଦିନରାତି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କଟ୍-ଅଫ୍ ଦେଖିଲା ପରେ ମୁଣ୍ଡରେ ହାତ ଦେଉଛନ୍ତି। ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ମେଧାବୀଙ୍କ ଚିନ୍ତା ବହୁଗୁଣିତ ହୋଇଛି। ଖୁଲମ୍‌ଖୁଲା ଚାକିରି କିଣାବିକା ହେଉଥିବାରୁ କେମିତି ସରକାରୀ ଚାକିରି ଖଣ୍ଡେ ପାଇବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ପାଠପଢ଼ା ଛାଡ଼ି ବିକଳ୍ପ ଚିନ୍ତା କରିବା ସହ ତୀବ୍ର ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ ବୋଲି ବିଚାର କରୁଛନ୍ତି। ଭୁବନେଶ୍ୱର ଓ କଟକରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟର କୋଣ ଅନୁକୋଣରେ ଆନ୍ଦୋଳନ କରବା ପାଇଁ ସଜବାଜ ହେଉଛନ୍ତି।

ମୋଟ୍ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ପଦ ମଧ୍ୟରୁ ପ୍ରାୟ ୪୨୦ଟି ପଦ ବିକ୍ରି କରିବା ପାଇଁ ଡିଲ୍ ହୋଇଥିଲା। କିଛି ଦଲାଲ୍ ଏନେଇ ଆଶାୟୀ ପ୍ରାର୍ଥୀଙ୍କୁ ହ୍ୱାଟସ୍-ଆପ୍ ମେସେଜ୍‌ରେ କହିଥିବାର ସ୍କ୍ରିନ୍‌ସଟ୍ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଅର୍ଥାତ୍ ପ୍ରାୟ ୫୦% ସିଟ୍ ବିକ୍ରି ହେଉଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ଧରା ହେବା ଚାକିରି ବିକ୍ରି ଅଭିଯୋଗ ଉପରେ ମୋହର ମାରିଛି। ହେଲେ ଏହା ପୂର୍ବରୁ ମଧ ପ୍ରାୟ ୨ଶହ ଆଶାୟୀଙ୍କୁ ନିଆଯାଇଥିବା ମେଧାବୀମାନେ ଅଭିଯୋଗ କରିଛନ୍ତି। କିଛି ପରୀକ୍ଷାର୍ଥୀ ଧରାପଡ଼ିବା ପରେ ଅନ୍ୟମାନେ ଅଲଗା ଅଲଗା ହୋଇ ଟ୍ରେନ୍ ଓ ବିମାନ ଯୋଗେ ବିଭିନ୍ନ ସ୍ଥାନକୁ ପଳାଇଛନ୍ତି।

'ଟଙ୍କା ଦିଅ, ଚାକିରି ନିଅ' ନାମକ ଏକ ଅଘୋଷିତ ଯୋଜନା ଆରମ୍ଭ ହୋଇଥିବାରୁ ପ୍ରକୃତ ମେଧାବୀମାନେ ଚିନ୍ତା ଓ ଚାପରେ ପଡ଼ିଛନ୍ତି। ଗ୍ରାମାଞ୍ଚଳ ଓ ଗରିବ ପରିବାରରୁ ଆସି ୫ଟଙ୍କିଆ ଆହାର ଖାଇ ପଢୁଥିବା ପିଲାମାନେ ଚାକିରି କିପରି ପାଇବେ ବୋଲି ଭାବୁଛନ୍ତି। କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନାହିଁ, ଯାହା ଦେଇ ଚାକିରି କିଣି ପାରିବେ। ପାଠ ପଢ଼ିଲେ ମଧ ଚାକିରି ପାଇବେ ନାହିଁ, କାରଣ ସେମାନେ ଲକ୍ଷ୍ୟ ରଖି ପଢୁଥିବା ପଦଗୁଡ଼ିକ ବିକ୍ରି ହୋଇ ଯାଉଛି। ଟଙ୍କା ଦେଇ ପୂର୍ବରୁ ପ୍ରଶ୍ନପତ୍ର ପାଉଥିବାରୁ ୯୫%ରୁ ଅଧିକ କଟ୍-ଅଫ୍ ଯାଉଛି। ଏପରି ସ୍ଥିତିରେ ସରକାରୀ ଚାକିରି ଖଣ୍ଡେ ପାଇବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି।

ମେଧା ଭିତ୍ତିରେ ଚାକିରି ପାଇବାକୁ ଆଶାୟୀମାନେ ବିକଳ୍ପ ଚିନ୍ତା କରୁଛନ୍ତି। ଗତକାଲି ଅର୍ଥାତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଆଶାୟୀମାନେ ଏକତ୍ରିତ ହେବା ସହ ଆନ୍ଦୋଳନ କରିଛନ୍ତି। ସରକାର ଚାକିରି ବିକ୍ରି ବନ୍ଦ କରିବାକୁ ଦାବି କରିବା ସହ ମାଷ୍ଟମାଇଣ୍ଡକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହାର ଦିନକ ପରେ ଅର୍ଥାତ୍ ଶନିବାର କଟକସ୍ଥିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ଗ୍ରନ୍ଥାଗାର ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଘଟଣାର ୫ଦିନ ପରେ ମଧ ପୁଲିସ୍ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ଯୋଜନା କରୁଛନ୍ତି।

## ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ: ଗର୍ଜିଲା ବିଜେଡି

# ସିବିଆଇ ତଦନ୍ତ ଦାବି; ୬ରେ ପ୍ରତିବାଦ ଶୋଭାଯାତ୍ରା

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି। ପୁଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ। ତେଣୁ ଏପରି ସ୍ୱର୍ଶକାତର ଘଟଣାର ସିବିଆଇ ତଦନ୍ତ ଦାବିରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆସନ୍ତା ସୋମବାର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଶ୍ରୀ ଘଡେଇ କହିଛନ୍ତି ଯେ ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର । କାହା ନିର୍ଦ୍ଦେଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା। ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ରାଜ୍ୟ ସରକାର ବାଟ ତିଆରି କରିଥିଲେ। ଏହି ଘଟଣାରେ ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ



ପୁଲିସ ଅଧିକାରୀ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ। ଯଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡେଇ କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା। ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା। ନିଯୁକ୍ତି ପରୀକ୍ଷା ଆୟୋଜନ କରିବାରେ ତିଳେ ମାତ୍ର ଅଭିଜ୍ଞତା ନ ଥିବା ସଂସ୍ଥା ପଞ୍ଚସଫ୍ଟକୁ ଆଉଟସୋର୍ସିଂ କରାଯାଇଥିଲା। ଏହି କମ୍ପାନୀ ମାଧ୍ୟମରେ ଆଶାୟୀମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥିଲା। ପ୍ରତି ଆଶାୟୀଙ୍କ ଠାରୁ ଦଶ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଆଦାୟ ହୋଇ ସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରୀ ପାଇବା ପରେ ଆଉ ପନ୍ଦର ଲକ୍ଷ ଦେବାକୁ ବାକି ରହିଥିଲା। କିନ୍ତୁ ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀମାନଙ୍କୁ ସେମାନଙ୍କ ଅରିଜିନାଲ ସାର୍ଟିଫିକେଟ ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା । କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୁଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମ ଠାରେ ପୁଲିସ ଗିରଫ କରିଥିଲା। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ହେବାର ସର୍ବାଧିକ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ୧୫ ମାସରେ ୧୫ ପରୀକ୍ଷା ମହାଦୁର୍ନୀତି: କଂଗ୍ରେସ

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ଦୁର୍ନୀତି ଓ ଅନିୟମିତତା ଦେଖା ଦେଇଛି, ତାହା ରାଜ୍ୟର ଯୁବଶକ୍ତିର ଆସ୍ଥାକୁ ଭଙ୍ଗି ଦେଇଛି। ବର୍ଷକୁ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ଆଜି ହତାଶାରେ ଥିବାବେଳେ ଦୁର୍ନୀତିଖୋରମାନେ ଖୋଲା ଘୁରି ବୁଲୁଛନ୍ତି। ବିଜେପି ଅମଳରେ ଗତ ୧୫ ମାସରେ ୧୫ଟି ପରୀକ୍ଷା ଦୁର୍ନୀତି ହୋଇ ସାରିଲାଣି। ଏହା ଏକ ଅନ୍ତଃରାଜ୍ୟ ରାକେଟ୍ ହୋଇଥିବାରୁ ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଛି କଂଗ୍ରେସ। ସେହିପରି ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ମାସିକ ୨୦ ହଜାର ଭତ୍ତା ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି।



ଅନ୍ତଃରାଜ୍ୟ ରାକେଟ୍‌ର ହେଉ ସିବିଆଇ ତଦନ୍ତ

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳ ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ଏହି ଦୁର୍ନୀତି ପଛରେ ୨୫ ଲକ୍ଷ ଟଙ୍କାର ଡିଲ ହୋଇଛି। ଖୋଦ୍ ପୁଲିସ ଏହା ସ୍ୱୀକାର କରିଛି। ଗରିବ ବାପା ମା ଓ ତାଙ୍କ ପିଲାର ଭବିଷ୍ୟତକୁ ଚାକିରି ଦଲାଲମାନେ ଅନ୍ଧକାର କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାର ଯୁବକ ମାନଙ୍କୁ ଦାଦନ ଖଟିବାକୁ ସରକାର ବାଧ୍ୟ କରୁଛନ୍ତି। ଗରିବ, ଶ୍ରମିକଙ୍କ ପିଲାଙ୍କୁ ଚାକିରି ଦେବା ନାଁରେ ସରକାର ହଜାର ହଜାର କୋଟି ଟଙ୍କା ଲୁଟୁଛନ୍ତି। ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନ ପତ୍ର ଲିକ୍ ହୋଇଛି। ସରକାରୀ ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫିସ ବାବଦ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଛି। ସରକାରଙ୍କ ପକ୍ଷରୁ ଯଦିଓ ଚାକିରି ପିଛା ୨୫ ଲକ୍ଷ ଟଙ୍କାର ପିସି କାରବାର ହୋଇଥିବା କୁହାଯାଉଛି, ବାସ୍ତବିକ୍ ଏଥିରେ ପାଖାପାଖି ୫୦ ଲକ୍ଷ ଟଙ୍କା ଅର୍ଥାତ୍ ସିଧାସଳଖ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ଗରିବ ପିଲାଙ୍କୁ ଲୁଟିବା ପାଇଁ ଏକ ଦୁର୍ନୀତିର ଚକ୍ରବ୍ୟୁହ ରଚନା କରାଗଲା। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ସମ୍ପର୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ରହିଛି, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ବ୍ୟକ୍ତିଙ୍କୁ ଦଳରେ ବିଧିବଦ୍ଧ ଭାବରେ ସାମିଲ କରିଥିଲେ। ଗରିବ ପିଲାଙ୍କୁ ଲୁଟି ଶଙ୍କର ପୃଷ୍ଟି ଜରିଆରେ ବିଜେପି ନେତାଙ୍କୁ ମାଲାମାଲ କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ରଚାଯାଇଥିଲା। ଏହି ସ୍କାମ୍ ପଛରେ ଥିବା ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, ପୁଲିସ କମିଶନରଙ୍କୁ ଥରେ ହେଲେ ବି ପଚରା ଉଚରା କରାଗଲା ନାହିଁ। ସମଗ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ବର୍ତ୍ତମାନ ଶାସନ ଯେଉଁ ରାବଣ ହାତରେ ରହିଛି ସେଥିରେ ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଇଛି ବୋଲି ଅନ୍ୟତମ ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଛାତ୍ର ନେତା ତଥା ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହେଇଯାଇଛି ଓ ଏହି ବ୍ୟବସାୟୀ ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ।

# ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୪।୧୦ (ସମିସ): ପୁଲିସ ସବଇନ୍ସପେକ୍ଟର ପରୀକ୍ଷା କେଳେଙ୍କାରୀକୁ ନେଇ ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଓପିଆରବି (ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ) ଅଧ୍ୟକ୍ଷ ସୁଶାନ୍ତ ନାଥ, ଓପିଆରବି ସଦସ୍ୟ ଆଇପିଏସ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ବୈଠକରେ ମୁଖ୍ୟ ସଚିବ ଏସଆଇ କେଳେଙ୍କାରୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଛନ୍ତି। ଏପରି ଦୁର୍ନୀତି କିପରି ହେଲା, ଦୁର୍ନୀତିର ମୂଳ ଖିଅ ଖୋଜିବା ପାଇଁ ତଦନ୍ତ କେତେବାଟ ଯାଇଛି, ପରୀକ୍ଷା ପରିଚାଳନାରେ ମୂଳ ତ୍ରୁଟି କେଉଁଠି ରହିବା ସେନେଇ ବୈଠକରେ ବ୍ୟାପକ ବିଚାର ବିମର୍ଶ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ହୋଇଥି ତଦନ୍ତ ସମ୍ପର୍କରେ ମଧ ଆଲୋଚନା କରାଯାଇଥିବା ନେଇ ମଧ ସୂଚନା ହସ୍ତଗତ ହୋଇଛି। ଏ ସମ୍ପର୍କରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି, ଯାହା ଘଟଣା ଘଟିଛି କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ। ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ଶ୍ରୀ ନାଥ କହିଛନ୍ତି।

# ଗିରଫଙ୍କ ମଧ୍ୟରେ ଅବସରପ୍ରାପ୍ତ ଜେଲ୍ ଡିଆଇଜିଙ୍କ ପୁଅ

ଭୁବନେଶ୍ୱର, ୪।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି କିଣାବିକା ଘଟଣାରେ ବଡ଼ବଡ଼ିଆ ପୁଲିସ୍ ଅଧିକାରୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗିରଫ ହୋଇଥିବା ଆଶାୟୀଙ୍କ ମଧ୍ୟରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ଅମୀୟ ବେହେରା (୨୮) ମଧ ରହିଛନ୍ତି। ଗତ ମାର୍ଚ୍ଚରେ ଜେଲ୍ ବିଭାଗରୁ ଏହି ବରିଷ୍ଠ ଅଧିକାରୀ ଅବସର ନେଇଥିବାବେଳେ ସେହି ଜେଲ୍ ବିଭାଗର ଡିଜି ମଧ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଅଛନ୍ତି। ଏଣୁ ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ସମେତ ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସମ୍ପୃକ୍ତ ରହିଥିବା ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଓପିଆର୍‌ବି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ନାଥ ଜେଲ୍ ବିଭାଗର ଡିଜି ଭାବେ ମଧ କାର୍ଯ୍ୟରତ ଅଛନ୍ତି। ସେହି ବିଭାଗରେ ଡିଆଇଜି ଭାବେ କାର୍ଯ୍ୟ କରିଥିବାରୁ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଏଣୁ କ୍ଷମତାର ଅପବ୍ୟବହାର କରି ତାଙ୍କ ପୁଅକୁ ଏସ୍ଆଇ କରିବାକୁ ପ୍ରୟାସ କରୁଥିଲେ। ଚାକିରି ବିକ୍ରି ରାକେଟ୍ ସମ୍ପର୍କରେ ଅବଗତ ଥାଇ ମଧ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ଶ୍ରୀ ବେହେରାଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଆହୁରି ବଡ଼ ପୁଲିସ୍ ଅଧିକାରୀ ଚାକିରି ବିକ୍ରି ରାକେଟ୍‌ରେ ସାମିଲ୍ ଥିବା ସେ ଆଶଙ୍କା କରିଛନ୍ତି। ବଡ଼ବଡ଼ ଅଧିକାରୀଙ୍କ ଉପରେ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ କିପରି ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଣୁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଥିବା ବଡ଼ବଡ଼ିଆଙ୍କୁ ଧରିବାକୁ ରାଜ୍ୟ ସରକାର ଏହି ଦୁର୍ନୀତିର ତଦନ୍ତ ଭାର ତୁରନ୍ତ ସିବିଆଇକୁ ଦିଅନ୍ତୁ, ଅନ୍ୟଥା ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ମେଧାବୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ସରକାର ନୀରବତା ଭାଙ୍ଗନ୍ତୁ, ନହେଲେ ରାଜ୍ୟର କୋଣଅନୁକୋଣରେ ମେଧାବୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଆଶାୟୀଙ୍କ ମଧ୍ୟରେ ଦମ୍ପତି ଓ ଦୁଇ ଭାଇ

ଭୁବନେଶ୍ୱର, ୪।୧୦ (ସମିସ): ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜେଲ୍ ବିଭାଗର ଜଣେ ପୂର୍ବତନ ଡିଆଇଜିଙ୍କ ପୁଅ ଓ ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଥିବା ସୂଚନା ମିଳିଛି। ସେହିପରି ଗିରଫ ହୋଇଥିବା ୧୧୮ ଆଶାୟୀଙ୍କ ମଧ୍ୟରେ ବଲାଙ୍ଗୀର ମୁରିବାହାଲ ଥାନା ଅଞ୍ଚଳର ପ୍ରହଲ୍ଲାଦ ନାଗ ଓ ତାଙ୍କ ପତ୍ନୀ ମୁନକୀ ରାଜପାଲିଆ ରହିଥିବା ସୂଚନା ମିଳିଛି। ଚାକିରି ପାଇଁ ଉଭୟଙ୍କ ସହ ୩୦ ଲକ୍ଷ ଟଙ୍କା ଲେଖାଏଁ ଡ଼ିଲ୍ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ପ୍ରହଲ୍ଲାଦଙ୍କ ପତ୍ନୀ ମୁନକୀ ଗତ ପଞ୍ଚାୟତ ନିର୍ବାଚନରେ ପତ୍ରାପାଲି ପଞ୍ଚାୟତ ପାଇଁ ସମିତି ସଭ୍ୟ ଭାବେ ନିର୍ବାଚନ ମଧ ଲଢିଥିଲେ। ସେହିପରି ବୌଦ୍ଧର ଦୁଇଭାଇ ମଧ ପୁଲିସ ଚାକିରି ପାଇଁ ଟଙ୍କା ଦେଇ ଗିରଫ ହୋଇଛନ୍ତି।

# ଚୌଦ୍ୱାର ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଚମ୍ପଟ

ଚୌଦ୍ୱାର, ୪।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଗୁରୁବାର ବିଳମ୍ବିତ ରାତିରେ ଫେରାର୍ ହୋଇଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟର ସର୍ବବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର କଡ଼ା ସୁରକ୍ଷା

- ଜୁଏଲାରୀ ଦୋକାନରୁ ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ
- ତଦନ୍ତ ଆରମ୍ଭ, ୨ ୱାର୍ଡର୍ ନିଲମ୍ବିତ
- ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ଘୋଷଣା
- ରଡ୍ କାଟିବାକୁ ଆରି ଆଣିଲେ କେଉଁଠୁ?

ବ୍ୟବସ୍ଥା ସତ୍ତ୍ୱେ ଏହାର ସୁଉଚ୍ଚ ପାଚେରୀ ଡେଇଁ ୨ଜଣ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବିହାର ରାଜ୍ୟର ମୁଫସିଲ ଥାନା ଅଧୀନ ଲୋହିଆ ନଗରର ରାଜା ସାହାଣୀ ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଗତ ୮ ମାସ ହେବ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଥିଲେ। ବହୁଚର୍ଚ୍ଚିତ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ପଣ୍ଡା ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଓ ସର୍ବସାଧାରଣରେ ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ଭଳି ସଙ୍ଗିନ୍ ଅପରାଧରେ ସେମାନେ ସାମିଲ ଥିଲେ। ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ତଳେ ଦୁହିଁଙ୍କୁ ଯାଜପୁର ରଗଡ଼ି ଜେଲ୍‌ରୁ ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏଠାକୁ ଆସିବା ପରଠାରୁ ସେମାନେ ଜେଲ୍‌ରୁ ଫେରାର୍ ହେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିଛି ମାସ ତଳେ ଏହି ୨ ଅପରାଧୀ ଫେରାର୍ ହେବା ପାଇଁ ଜେଲ ପରିସରରେ ସିନ୍ଧି କରିବା ପାଇଁ ଯୋଜନା କରୁଥିବା ବେଳେ ପୂର୍ବତନ ଅଧୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ। କିନ୍ତୁ ଏହି ଗୋଟିଏ ବିଫଳତାରେ ସେମାନେ ଅଟକି ଯାଇନଥିଲେ। ଜେଲ୍ ଭିତରେ ସେମାନଙ୍କୁ



ଦିଆଯାଇଥିବା କମ୍ବଳ ଓ ପିନ୍ଧାବସ୍ତ୍ରକୁ କାଟି ସେଥିରୁ ଦଉଡ଼ି ତିଆରି କରିଥିଲେ। ଦଶହରା ରାତିରେ ଜେଲ୍ ଭିତରେ ସମସ୍ତେ ଭୋଜିଭାତରେ ମସଗୁଲ୍ ରହିଥିବା ବେଳେ ଏହାର ସୁଯୋଗ ନେଇ ଅପରାଧୀଦ୍ୱୟ ସେମାନେ ରହୁଥିବା ସେଲର ସ୍ପେଶାଲ ଗ୍ରିଲକୁ କାଟି ଦେଇଥିଲେ। ପୂର୍ବରୁ ତିଆରି କରିଥିବା ଦଉଡ଼ି ଓ ବାଉଁଶ ସାହାଯ୍ୟରେ ଜେଲର ସୁଉଚ୍ଚ ପାଚେରି ଡେଇଁ ସେମାନେ ଫେରାର୍ ହୋଇଯାଇଥିଲେ।

ଏହି ଘଟଣା ଜଣାପଡ଼ିବା ପରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଜେଲର ସିସିଟିଭିକୁ ଯାଞ୍ଚ କରାଯିବା ସହ କାର୍ଯ୍ୟରେ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଲ ଡିଜି ସୁଶାନ୍ତ କୁମାର ନାଥ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଫେରାର୍ ଦୁଇ ଅପରାଧୀଙ୍କ ସମ୍ପର୍କରେ ସଠିକ ସୂଚନା ଦେବା ବ୍ୟକ୍ତିବିଶେଷଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିସନରେଟ୍ ପୁଲିସ ତରଫରୁ ଘୋଷଣା କରାଯାଇଛି। ଜେଲ ଭିତରେ ରଡ୍ କାଟିବା ପାଇଁ ସେମାନେ ଆରି ବା ଅସ୍ତ୍ର ପାଇଲେ କିପରି, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି।

# ଅକ୍ଟୋବର ୯ ରୁ ବିଜେଡିର ଜନସମ୍ପର୍କ ଅଭିଯାନ

## ଗାନ୍ଧୀ ମୂର୍ତ୍ତି ତଳେ ସଂକଳ୍ପନେଲେ ନେତା, କର୍ମୀ

ଭୁବନେଶ୍ୱର, ୪।୧୦(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତର

- ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଦଳ ଜଣାଇଲା ଶ୍ରଦ୍ଧାଞ୍ଜଳି
- ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ ପଦଯାତ୍ରା
- ପୂର୍ବ ସରକାରଙ୍କ ସଫଳତା, ଏବେର ସରକାରଙ୍କ ବିଫଳତା ସମ୍ପର୍କରେ ସଚେତନ କରିବେ



ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଥିଲେ।

ମହାତ୍ମା ଗାନ୍ଧୀ ଅହିଂସାର ପ୍ରତୀକ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଦାବି କରି ଆସୁଛନ୍ତି। ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବା ପାଇଁ ବିଜେଡି ସଂଗ୍ରାମ ଜାରି ରଖିବ ବୋଲି ସଂକଳ୍ପ ନିଆଯାଇଛି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘରକୁ ଘର ବୁଲି ନବୀନ ପଟ୍ଟନାୟକ ସରକାରଙ୍କ ସଫଳତା ଓ ବର୍ତ୍ତମାନର ବିଜେପି ସରକାରଙ୍କ ବିଫଳତା ନେଇ ବିଜେଡି ସଚେତନତା ସୃଷ୍ଟି କରିବ। ଏହା ନଭେମ୍ବର ୯ ଯାଏଁ ମାସେ ବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲ୍ଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ। ବିଶେଷକରି ଏହି ପଦଯାତ୍ରା ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅବତାରଣା କରାଯିବା ସହ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା, ମହିଳାମାନଙ୍କୁ ପ୍ରତାରଣା ଓ ନିର୍ଯାତନା, ଆଇନଶୃଙ୍ଖଳାର ଅଧୋଗତି, ପଞ୍ଚାୟତରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଅଭିସନ୍ଧି, ଚାଷୀମାନଙ୍କ ସମସ୍ୟା ପ୍ରତି ବିମୁଖତା, ଯୁବସମାଜ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା, ଦରଦାମ ବୃଦ୍ଧି, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ଉପେକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ସୁମିତ୍ରା ଜେନା, ମିନତି ବେହେରା, ସ୍ଥାନୀୟ କର୍ପୋରେଟର୍ ଓ ଦଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଆନନ୍ଦ ଉଲ୍ଲାସରେ ସରିଲା ଦଶହରା

# ଶାବର ଶ୍ରୀକ୍ଷେତ୍ରରେ ଲାଠିଯାତ୍ରା ସମ୍ପନ୍ନ

କୋରାପୁଟ, ୪।୧୦(ସମିସ)

ଶାରଦୀୟ ଦୁର୍ଗାପୂଜାର ପବିତ୍ର ଦଶହରା ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା କୋରାପୁଟ ସହର। ଆନନ୍ଦ ଉଲ୍ଲାସରେ ଭକ୍ତିମୟ ପରିସରରେ ଦଶହରା ପର୍ବ ଶେଷ ହୋଇଛି। ମଣ୍ଡପରେ ମା'ଙ୍କର ଦୁର୍ଲଭ ସିଂହବାହିନୀ ଓ ମହିଷାମର୍ଦ୍ଦିନୀ ରୂପ ଦର୍ଶନ ପାଇଁ ସମସ୍ତ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରଙ୍ଗୀନ ଆଲୋକ, ସୁଉଚ୍ଚ ତୋରଣ ଓ ପାର୍ଶ୍ୱ ଦେବଦେବୀଙ୍କୁ ନେଇ ପୂଜାମଣ୍ଡପଗୁଡ଼ିକ ଚମକୁଥିଲା। ଏହି ଅବସରରେ ଶାବର ଶ୍ରୀକ୍ଷେତ୍ରରେ ଲାଠିଯାତ୍ରା ସମ୍ପନ୍ନ ହୋଇଯାଇଛି। ଆଦିବାସୀଙ୍କ ଦଶହରା ସବୁଠୁ ନିଆରା। ଦଶହରା ଆସିଲେ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ଲୋକେ ଅପେକ୍ଷା କରନ୍ତି ଲାଠି ଯାତ୍ରା ଦେଖିବା ପାଇଁ। ପ୍ରବଳ ବର୍ଷା ସତ୍ତ୍ୱେ କୋରାପୁଟର ପାଖଆଖ ୨୦ଟି ଗ୍ରାମରୁ ନିଜ ନିଜ ଗ୍ରାମଦେବୀଙ୍କ ପ୍ରତିନିଧି ସ୍ୱରୂପ ଲାଠି ସହିତ ଜଗନ୍ନାଥ ମନ୍ଦିରରେ ଶହ ଶହ ଆଦିବାସୀ ପରିବାର ପାରମ୍ପରିକ ଯାତ୍ରାରେ ସାମିଲ ହେବା ପାଇଁ ଆସି ପହଞ୍ଚିଥିଲେ। ଗୁରୁମାଇଙ୍କ ଆଦିବାସୀ ଭାଷାରେ ଉଚ୍ଚାରିତ ମନ୍ତ୍ର ସହିତ ପାରମ୍ପରିକ ବାଦ୍ୟର ଝଙ୍କାର ମଧ୍ୟରେ ସମସ୍ତେ ନାଚି ଉଠିଲେ। ବିଭିନ୍ନ ରଙ୍ଗର ପତ୍ର, ଫୁଲରେ ସଜେଇ ହୋଇଥିବା ବାଉଁଶ ଖଣ୍ଡେ ଗାଁ ଠାକୁରାଣୀଙ୍କ ପ୍ରତିନିଧି। ଦଶହରା ଦିନ ଏମିତି ଲାଠି ପ୍ରତିନିଧିଙ୍କ ସମାଗମ ହୁଏ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ। ଆଖପାଖ ଗାଁଗୁଡ଼ିକରୁ ଆସେ ଏହି ଲାଠି। ଲାଠି ଧରନ୍ତି ଗାଁ ଦିଶାରୀ। ସାଥିରେ ଥାଆନ୍ତି ଗାଁର ପୁରୁଷ ଓ ମହିଳା। ପ୍ରଥମେ ମା' ବିମଳାଙ୍କ ପାଖରେ ଧୂପ, ଦୀପ, ନୈବଦ୍ୟ ଅର୍ପଣ କରିବା ପରେ ଲମ୍ବା ଲାଠିଗୁଡ଼ିକୁ ଧରି ବାଜାବାଜେଣି ସହ ସହର ପରିକ୍ରମା କରିଥା'ନ୍ତି। ଏହାପରେ କୋରାପୁଟର ଗ୍ରାମ ଦେବୀ ନିଶାଣୀ ମୁଣ୍ଡାଙ୍କ ପୀଠରେ ଆସି ଏକତ୍ରିତ ହୁଅନ୍ତି। କୋରାପୁଟର ଏହି ଲାଠି ଯାତ୍ରା ଏକ ଭିନ୍ନ ଯାତ୍ରା। ଯେଉଁଠି ବାଉଁଶଖଣ୍ଡ ହୁଅନ୍ତି ଗ୍ରାମର ପ୍ରତିନିଧି। ଗ୍ରାମଦେବତୀ ଭାବେ ପୂଜା ପାଆନ୍ତି ବାଉଁଶଖଣ୍ଡ। ଗାଁଗୁଡ଼ିକରୁ ଲାଠି ଏକାଠି ନ ହେଲେ ଆରମ୍ଭ ହୁଏନି ଦଶହରା। ଆଦିବାସୀ ସମ୍ପ୍ରଦାୟର ଶନିବାର ବିଜୟା ଦଶମୀରେ ମନ୍ଦିରକୁ ସେମାନଙ୍କର ପବିତ୍ର 'ଲାଠି', ସମୃଦ୍ଧି ଏବଂ ସୁରକ୍ଷାର ପ୍ରତୀକ ଭାବରେ ବିବେଚିତ ବାଉଁଶକୁ ଶାବର ଶ୍ରୀକ୍ଷେତ୍ରକୁ ଆଣିଥିଲେ। ଗ୍ରାମରୁ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ତା'ପରେ ସହରର ନିଶାଣୀ ମୁଣ୍ଡା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆଦିବାସୀ ପରମ୍ପରା ଏବଂ ମନ୍ଦିର ସଂସ୍କୃତି ମଧ୍ୟରେ ନିରନ୍ତର ସମ୍ପର୍କକୁ ପ୍ରତିଫଳିତ କରେ ବୋଲି କୋରାପୁଟର ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଶନିବାର ସକାଳୁ କୋରାପୁଟରେ ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ ଗ୍ରାମରୁ ପବିତ୍ର ଲାଠି ସହ ଗ୍ରାମବାସୀ ଏହି ଉତ୍ସବରେ ଯୋଗଦେଇଥିଲେ।



## ଦଶହରା ପଡ଼ିଆରେ ରାବଣ ପୋଡ଼ି



ଜୟପୁର, ୪।୧୦(ସମିସ): ଗତ ଦଶମୀ ତିଥି ଗୁରୁବାରରେ ପ୍ରବଳ ବର୍ଷା ଯୋଗୁଁ ଜୟପୁର ସହରର ଦଶହରା ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ରାବଣ ପୋଡ଼ି ଉତ୍ସବ ବାତିଲ୍ କରାଯାଇଥିଲା। କିନ୍ତୁ ଶନିବାର ଦଶହରା ପୂଜା ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏସ୍‌ପି ରୋହିତ ବର୍ମା ନିଜ ପତ୍ନୀଙ୍କ ସହ ଯୋଗଦେଇ କାଗଜ ଏବଂ ବାଉଁଶରେ ନିର୍ମିତ ରାବଣରେ ଅଗ୍ନି ସଂଯୋଗ କରିବା ସହ ରାବଣପୋଡ଼ି ଉତ୍ସବ ହୋଇଥିଲା। ଏହି ଅବସରରେ ବିଭିନ୍ନ ରଙ୍ଗର ଆତସବାଜି ଏବଂ ବିଭିନ୍ନ ରଙ୍ଗର ଆଲୋକ ଆକାଶରେ ଦୃଶ୍ୟମାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦଶହରା ଉତ୍ସବ ବାର୍ଷିକ ପୁସ୍ତକ ଅପରାଜିତାର ଶୁଭ ଉନ୍ମୋଚନ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହିପରି ଗବେଷକ ଡ. ପରେଶ ରଥଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ମେମୋରି ଅଫ୍ ଜୟପୁର ଦଶହରା ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅପରାଜିତା ପୁସ୍ତକ ପ୍ରକାଶର ସମ୍ପାଦନାମଣ୍ଡଳୀ ଡ. ସୁରେଶ ଦାଶ, ହରିହର କରସୁଧା ପଟ୍ଟନାୟକ, ଡ. ପରେଶ ରଥ ଏବଂ ନବକୃଷ୍ଣ ରଥଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ପୋଣ୍ଡିକୋଟ ଗ୍ରାମବାସୀ

ପାପଡ଼ାହାଣ୍ଡି, ୪।୧୦(ସମିସ): ପାପଡ଼ାହାଣ୍ଡି ବ୍ଲକ ପୋଣ୍ଡିକୋଟ ଗ୍ରାମରେ ଗତ ୫ ଦିନ ହେଲା ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ଲୋକ ବିଭାଗୀୟ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି କରାଯାଇ ବିଦ୍ୟୁତ୍ ସଂଯୋଗ ନ ହେବା ପର୍ଯ୍ୟନ୍ତ ଘେରଉ ଜାରି ରହିବ ବୋଲି କହିଛନ୍ତି। ପୋଣ୍ଡିକୋଟ ଗ୍ରାମର ହରିଜନ ସାହି, ମୁଡୁଲା ସାହି, ବାଲି ସାହି, ମାଝୀ ସାହି, ଗୌଡ଼ ସାହିରେ ୩୦୦ରୁ ଊର୍ଦ୍ଧ୍ୱ



ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଗତ ୫ ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ଯୋଗୁଁ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ରାତି ୯ଟାରେ ଗ୍ରାମବାସୀ କାର୍ଯ୍ୟାଳୟକୁ ଆସି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବାରମ୍ବାର ଗ୍ରାମରେ ବିଦ୍ୟୁତ୍ କାଟିବା ସହ ଠିକ୍‌ରେ ବିଦ୍ୟୁତ୍ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମଣ ସାହୁଙ୍କୁ ଯୋଗାଯୋଗ କରିବାରୁ ପୋଣ୍ଡିକୋଟ ଗ୍ରାମରେ କର୍ମଚାରୀ ପହଞ୍ଚି ଟ୍ରାନ୍ସଫର୍ମର ମରାମତି କରୁଥିଲେ, କିନ୍ତୁ ହୋଇପାରିଲା ନାହିଁ। ତେଣୁ ରବିବାର ପୋଣ୍ଡିକୋଟ ଅଞ୍ଚଳର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ବସ୍-ଟ୍ରକ୍ ମୁହାଁମୁହିଁ: ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ, ଟ୍ରକ୍ ଡ୍ରାଇଭର ମୃତ

ମୈଦଲପୁର, ୪।୧୦(ସମିସ): ମୈଦଲପୁର ଥାନା ଅଧୀନ ଆମ୍ବପାଣି ଘାଟି ଖଡ଼କା ବୁଲାଣି ମଧ୍ୟରେ ବସ୍ ଓ ଟ୍ରକ୍ ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଯାତ୍ରୀ ଆହତ ହୋଇଥିବା ଦେଖିବାକୁ ମିଳିଛି।

ସୂଚନାନୁସାରେ, ଏସ୍‌ବିଏମ୍‌ଏସ୍ ନାମକ ଏକ ଘରୋଇ ବସ୍ କଳାହାଣ୍ଡି ଦେଇ ଜୟପୁର ଅଭିମୁଖେ ଆସୁଥିବା ସମୟରେ ବିପରୀତ ଦିଗ ଦେଇ ଯାଉଥିବା ଏକ ମାଲ୍‌ବୋଝେଇ ଟ୍ରକ୍ ସହ ଆମ୍ବପାଣି ଘାଟି ଏକ ବୁଲାଣି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବସ୍‌ରେ ବସିଥିବା ଯାତ୍ରୀ ଆହତ ହୋଇଥିବାବେଳେ ଘଟଣାସ୍ଥଳରେ ହିଁ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନି। ଘଟଣାସ୍ଥଳରେ ମୈଦଲପୁର ପୁଲିସ ଓ କଳାହାଣ୍ଡି କୋକସରା ଓ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ମୃତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଅନ୍ୟପଟେ ମେଡିକାଲରେ ଡାକ୍ତର ନ ଥିବାରୁ ଆହତଙ୍କ ସମ୍ପର୍କୀୟ ହୋ-ହଲ୍ଲା କରିଥିଲେ। ପରେ ପାପଡ଼ାହାଣ୍ଡିରୁ ଡାକ୍ତର ପହଞ୍ଚି ଚିକିତ୍ସା କରିଥିଲେ। ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ ମଧ୍ୟ ମେଡିକାଲରେ ପହଞ୍ଚି ଆହତଙ୍କ ସହ ଆଲୋଚନା କରିବା ସହ ଘଟଣାସ୍ଥଳକୁ ଯାଇଥିଲେ।



## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଡାବୁଗାଁ, ୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ କାରାଗାଁ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁସାରେ, ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ ଧୋଡ୍ରା ଶିଂସାରୀ ମୁଖ୍ୟ ରାସ୍ତାରେ ବି.ଏସ୍.ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮) ଓ ବୁଦୁରାମ ଶବର (୩୨) ବାଇକ୍‌ରେ କାରାଗାଁକୁ ଯାଉଥିବା ସମୟରେ କାରାଗାଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା କରି ଚାଲିଯାଇଥିଲା। ଫଳରେ ୨ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେ ସଙ୍ଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ରାତିରେ ତୁଳସୀରାମ ଗଣ୍ଡଙ୍କର ମୃତ୍ୟୁ ଘଟିଥିଲା। ବୁଦୁରାମଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମହୁମାଛି ଆକ୍ରମଣରେ ୬ ଗୁରୁତର

ବୈପାରୀଗୁଡ଼ା, ୪।୧୦(ସମିସ): ମହୁମାଛି ଆକ୍ରମଣରେ ଛୋଟ ଛୁଆ ସମେତ ୬ ପଥଚାରୀ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତର ଗୋଟିଏ ପରିବାର ସଦସ୍ୟ। ଗୁରୁତର ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ସହ ୩ ଛୋଟ ଛୁଆ ଅଛନ୍ତି। ସେମାନଙ୍କୁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୈପାରୀଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତ ଅନ୍ତର୍ଗତ ରତଲିଆଗୁଡ଼ା ଛକରେ ଘଟିଛି ଅଘଟଣ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ପୋଡ଼ାଗଡ଼, ୪।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତ ସଦର ମହକୁମାସ୍ଥିତ କୁମ୍ଭରସାହିର କୁନି ପାଇକଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ଦେଖାଦେଇଛି। ଯାହା ଫଳରେ କୁନି ଅନ୍ୟ ଲୋକଙ୍କ ଘରେ ଆଶ୍ରୟ ନେଇଥିବା ଗ୍ରାମବାସୀ କହିଛନ୍ତି। ଘର ଭାଙ୍ଗି ଦୁଇଦିନ ବିତିଯାଇଥିଲେ ସୁଦ୍ଧା କୌଣସି ସରକାରୀ କର୍ମଚାରୀ କିମ୍ବା ସରପଞ୍ଚ କି ସମିତିସଭ୍ୟ ମଧ୍ୟ କୁନିର ଘରକୁ ଯାଇ ନ ଥିବା ଗ୍ରାମବାସୀ କହିଛନ୍ତି।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବୈପାରୀଗୁଡ଼ା, ୪।୧୦(ସମିସ): ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ହେଲେ ବୈପାରୀଗୁଡ଼ା ବ୍ଲକ ବୋଦାପୁଟ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡ୍ରିଗୁଡ଼ା ଗାଁର ୧୨ ବର୍ଷୀୟଅଶୋକ ଦିଶାରୀ। ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡ଼ି ଯାଇଥିଲା। ତାଙ୍କୁ ଉଦ୍ଧାର କରି ବୈପାରୀଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଡାବୁଗାଁ, ୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ରାବଣାଗୁଡ଼ା ଗ୍ରାମରେ ବିଷପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଯେ, ଡାବୁଗାଁ ବ୍ଲକ ଅଧୀନ ଗୋଦାମା ଗ୍ରାମର ଫୁଲମତି ଭତ୍ରା (୪୦) ଗତ ୧୮ ବର୍ଷ ତଳେ ରାବଣାଗୁଡ଼ା ଗ୍ରାମର ବନସିଂ ଭତ୍ରାଙ୍କ ପୁଅ କୁଶ ଭତ୍ରାଙ୍କୁ ବିବାହ କରିଥିଲେ। ତାଙ୍କର ୪ଟି ସନ୍ତାନ ରହିଛି। ସେ ବହୁ ଦିନ ହେଲା ମାନସିକ ବିକୃତ ରୋଗରେ ପୀଡ଼ିତ ଥିଲେ। ଗତ ୩୦ ତାରିଖ ଦିନ ପ୍ରାୟ ୧୧ଟା ସମୟରେ ଫୁଲମତି ବିଷପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ବଡ଼ ଭାଇ ସନଧର ଭତ୍ରା ଶନିବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏସ୍‌ଆଇ ବିକ୍ରମ କିଶୋର ସାହୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବର୍ଷାରେ ଘର ଭାଙ୍ଗି ୪ ଗୁରୁତର

ନନ୍ଦପୁର, ୪।୧୦(ସମିସ): ପାର୍ବଣରେ ଦୁଃଖ। ଲଗାଣ ବର୍ଷାରେ ଘର ଭାଙ୍ଗି ଗୋଟିଏ ପରିବାରର ୪ଜଣ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଗୁରୁତର ଅବସ୍ଥାରେ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ୩ ତାରିଖରେ ଲଘୁଚାପ ବର୍ଷାରେ ନନ୍ଦପୁର ବ୍ଲକ ଅନ୍ତର୍ଗତ ରାଇ ସିଂ ଗ୍ରାମ ପଞ୍ଚାୟତର ମାଙ୍ଗେରେଲ ଗ୍ରାମ ସୀସା ପରିବାର ଘର ଭାଙ୍ଗି ଚାରି ଜଣ ଗୁରୁତର ହୋଇଛନ୍ତି।

ସେମାନେ ହେଲେ ରଘୁ ସୀସା, ସନ୍ୟା ସୀସା, ଲଛମା ସ୍ୱାମୀ, ପ୍ରିୟଙ୍କା ସୀସା ଗୁରୁତର ହୋଇ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହୋଇଛନ୍ତି। ଦୁଇ ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ନେଇ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।






















# ଅନାସ୍ଥା ଭୋଟ୍‌ରେ ହାରିଲେ ବ୍ଲକ୍ ଅଧକ୍ଷା ରାଜେଶ୍ୱରୀ

କୁନ୍ଦୁରା, ୪ା୧୦(ସମିସ): ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୋଧରେ ହୋଇଥିବା ଅନାସ୍ଥା ଭୋଟ୍ ହୋଇଛି । ଗତ ଦୁଇ ମାସ ହେବ ବ୍ଲକ ଅଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗର ଶନିବାର ଭୋଟ୍ ପ୍ରକ୍ରିୟା ଶେଷ ହୋଇଛି । ଗତ ସେପ୍ଟେମ୍ବର ୧୯ ତାରିଖ ଜୟପୁର ଉପଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା -୭୮୫୭/୨୫ ଅନୁସାରେ ତହସିଲ୍‌ଦାର ତଥା ମାଜିଷ୍ଟ୍ରେଟ୍ ବିନୋଦ କୁମାର ନାଏକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସମିତି ବୈଠକ ଓ ଅନାସ୍ଥା ପ୍ରସ୍ତାବ ଭୋଟ୍ ହୋଇଥିଲା । ଦିନ ୧୧ଟାରେ ଆରମ୍ଭ ହୋଇ ସାଢ଼େ ୧୨ଟାରେ ସରିଥିଲା ପ୍ରକ୍ରିୟା । ବିପକ୍ଷରେ ଗୋଟିଏ ହେଲେ ଭୋଟ୍ ପଡ଼ି ନ ଥିବାବେଳେ ସପକ୍ଷରେ ଯାଇଥିଲା ୨୮ ଭୋଟ୍ । ନିୟମ ଅନୁସାରେ ପ୍ରତିନିଧିଙ୍କ ସମ୍ମୁଖରେ ଗଣତି କରାଯାଇ ଭୋଟ୍ ବାକ୍ସ ସିଲ୍ କରାଯାଇଥିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭୋଟ୍ ପ୍ରକ୍ରିୟା ଲିପିବଦ୍ଧ କରି ପାଠ କରାଯାଇଥିଲା ଓ ସମସ୍ତଙ୍କ ଦସ୍ତଖତ ନିଆଯାଇଥିଲା । ଅନାସ୍ଥା ପ୍ରସ୍ତାବ ଆଣିବା ପରେ ଦସ୍ତଖତ ପ୍ରାମାଣିକ ଯାଞ୍ଚ ସମୟରେ ସମୁଦାୟ ୨୬ ଜଣ ଜନ ପ୍ରତିନିଧି ଦସ୍ତଖତ ଦେଇଥିଲେ କିନ୍ତୁ ଶନିବାର ଆଉ ଦୁଇ ଜଣ ସମିତି ସଭ୍ୟା ସାମିଲ୍ ହୋଇଥିଲେ । କୁନ୍ଦୁରା ଜିପିଡିଓ ଜଗତସିଂହ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ପୁଲିସ୍ ଟିମ୍ ସହ ରହି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ । ଅଧକ୍ଷାଙ୍କ ଇସ୍ତଫା ଦେବା ପରେ ଅନାସ୍ଥା ଭୋଟ୍ ହେବା ନେଇ ବିଭିନ୍ନ ମହଲରେ ଦ୍ୱନ୍ଦ୍ୱ ଲାଗିରହିଥିଲା । କିନ୍ତୁ ତାହା ଆଜି ଦୂର ହୋଇଛି । ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା । ଶେଷ ମୁହୂର୍ତ୍ତରେ ଅଧକ୍ଷା ଇସ୍ତଫା ଦେଲେ ତାହା ଜିଲ୍ଲାପାଳଙ୍କ ଦ୍ୱାରା ଗ୍ରହଣ ହୋଇଥିଲେ ଭୋଟ୍ ହୋଇ ନ ଥା'ନ୍ତା । ସମୟସାପେକ୍ଷ ହେତୁ ଗ୍ରହଣ ପ୍ରକ୍ରିୟା ଶେଷ ହୋଇପାରିଲା ନାହିଁ । ଏଣୁ ଶନିବାର ଭୋଟ୍ ହେଲା । ନୂତନ ଅଧକ୍ଷ, ଅଧକ୍ଷା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଉପାଧକ୍ଷ ତରୁଣୀସେନ ବିଶୋୟୀ ଦାୟିତ୍ୱରେ ରହିବାକୁ ନିୟମ ରହିଛି ବୋଲି କହିଛନ୍ତି ତହସିଲ୍‌ଦାର ଶ୍ରୀ ନାଏକ । ଏନେଇ ବିଡିଓ ପି.ମନସ୍ୱିତାଙ୍କୁ ପଚାରିବାରୁ ଅଧକ୍ଷାଙ୍କ ଇସ୍ତଫା ପରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ । ନିୟମ ପ୍ରକାରେ ଉପାଧକ୍ଷ ଦାୟିତ୍ୱରେ ରହିବେ ବୋଲି କହିଛନ୍ତି । କାର୍ଯ୍ୟକ୍ରମ ସରିବା ପରେ ସମସ୍ତ ପ୍ରତିନିଧି ଓ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା । ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲିକ, ଯୁବ ସଭପତି ବିକ୍ରମ କୁମାର ବେହେରା, ବରିଷ୍ଠ ନେତା ନରେନ୍ଦ୍ର ପ୍ରଧାନ, ଜୟପୁର ନିର୍ବାଚନମଣ୍ଡଳୀ ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର (କୁନି) ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ୭ ବର୍ଷର ରେକର୍ଡ ଭାଙ୍ଗିଲା ଇନ୍ଦ୍ରାବତୀ ଜଳଭଣ୍ଡାର

- କ୍ରମାଗତ ବୃଦ୍ଧି ପାଉଛି ଜଳ ପତ୍ତନ
- ୭ ବର୍ଷ ବ୍ୟବଧାନରେ ଫାଟକ ଖୋଲିବାକୁ ପ୍ରଶାସନ ପକ୍ଷରୁ ଘୋଷଣା

ତେନ୍ତୁଲିଖୁଣ୍ଟି, ୪ା୧୦(ସମିସ)



ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାର ଜଳପତ୍ତନ ୬୪୦.୭୫ ମିଟରରେ ପହଞ୍ଚିଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ହୋଇଥିବାବେଳେ ଅବବାହିକା ଅଞ୍ଚଳରେ ଯଦି ଲଗାଣ ବର୍ଷା ଜାରି ରହେ ତେବେ ଜଳପତ୍ତନ ୬୪୧ ମିଟର ଅତିକ୍ରମ କରିବା ପରେ ଯେକୌଣସି ସମୟରେ ଫାଟକ ଖୋଲିବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି ।

ଜଳଭଣ୍ଡାର ଜଳପତ୍ତନ ୬୪୧ ମିଟର ଅତିକ୍ରମ କରିବା ପରେ ୨୦୧୭ ଅଗଷ୍ଟ ୧୫ରେ ଶେଷଥର ପାଇଁ ଏହାର ୭ଟି ଫାଟକ ମଧ୍ୟରୁ ୨ଟି ଫାଟକ ଅଧ ମିଟର ଲେଖାଏଁ ୨ ଦିନ ପାଇଁ ଖୋଲାଯାଇଥିଲା । ଏହା ପରେ ୭ ବର୍ଷ ଧରି ଜଳଭଣ୍ଡାର ପୂର୍ଣ୍ଣ ହେଉ ନ ଥିବାରୁ ଫାଟକ ଖୋଲିବା ଆବଶ୍ୟକତା ପଡ଼ି ନ ଥିବା ସୂଚନା ମିଳିଛି । ବୃହତ୍ ଇନ୍ଦ୍ରାବତୀ ଜଳଭଣ୍ଡାର କପୁର, ମୁରାନ, ପୋଡ଼ାଗଡ଼ ଓ ଇନ୍ଦ୍ରାବତୀ ଭଳି ୪ଟି ଚିରସ୍ରୋତା ନଦୀକୁ ନେଇ ଗଠିତ । ଜଳଭଣ୍ଡାର ପରିସୀମା କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ, କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ, ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଓ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଓ ନନ୍ଦହାଣ୍ଡି ବ୍ଲକକୁ ସ୍ପର୍ଶ କରିଛି । ୨୬୩୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳର ବର୍ଷାଜଳ ୧୧୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଜଳଭଣ୍ଡାରରେ ଗଚ୍ଛିତ ରହେ । ଚଳିତ ବର୍ଷ ବଙ୍ଗୋପ ସାଗରରେ ଏକାଦଶତମ ଲଘୁଚାପ ସକ୍ରିୟ ଥିବା ସହ ଜଳଭଣ୍ଡାର ଅବବାହିକା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାର ପୂର୍ଣ୍ଣ ହେବା ନେଇ ଆଶା ସୃଷ୍ଟି ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩୯୩.୮୯୫ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ମୁଖିଗୁଡ଼ାସ୍ଥିତ ୧୫୦ ମେଗାୱାଟ୍ ଶକ୍ତି ସମ୍ପନ୍ନ ୪ଟି ଟର୍‌ବାଇନ୍ ମାଧ୍ୟମରେ ୩୬୪୧ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ପରେ ସେକେଣ୍ଡ ପ୍ରତି ୮୪.୮୭୫ ଘନମିଟର ଜଳ ପାୱାର ଚ୍ୟାନେଲ ମାଧ୍ୟମରେ ମଙ୍ଗଳପୁର ବ୍ୟାରେଜ୍‌ରେ ଗଚ୍ଛିତ ରହି ହାତୀ ନଦୀ, ତେଲ ନଦୀରେ ପ୍ରବାହିତ ହେବା ପରେ ମହାନଦୀରେ ସମିଶ୍ରଣ ହୋଇ ବଙ୍ଗୋପ ସାଗରରେ ମିଶିଥାଏ । ମୁଖିଗୁଡ଼ାସ୍ଥିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ନରେଶ ଚନ୍ଦ୍ର ପାତ୍ର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଇନ୍ଦ୍ରାବତୀ ମୁଖ୍ୟ ଜଳଭଣ୍ଡାର ନିକଟରେ ପୋଡ଼ାଗଡ଼ ଓ ମୁରାନ୍ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ନେଲ୍‌ସନ୍ ତାଡିଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରଜତ କୁମାର ପାତ୍ର, ଯାନ୍ତ୍ରିକ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶ୍ରୀକାନ୍ତ କୁମାର ସାହୁ, ପୋଡ଼ାଗଡ଼ ବନ୍ଧ ବିଭାଗ ବରିଷ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସରୋଜକାନ୍ତ ଦାସ, କନିଷ୍ଠ ଯନ୍ତ୍ରୀ ଇଂ. ଏସ୍ ଚିଦାନନ୍ଦ, ଇଂ. ଅମର ପ୍ରସାଦ ସେଠୀ ତଦାରଖ କରିଥିବାବେଳେ ମୁରାନ୍ ବନ୍ଧ ନିକଟରେ ଇଂ. ସିଏଚ୍ ଭବାନୀ ଶଙ୍କର, ଇଂ. ଅରବିନ୍ଦ ପ୍ରଧାନ, ଇଂ. ଚିନ୍ମୟ କୁମାର ରାଉତରାୟ, ବରିଷ୍ଠ ଉପଦେଷ୍ଟା ବୈଷ୍ଣବ ଚରଣ ସାହୁ ପ୍ରମୁଖ ଅନୁଧ୍ୟାନ କରିଥିବା ବେଳେ ମୁଖିଗୁଡ଼ା ମହୁଲପାଟନା ଟନେଲ ଇନ୍ ଟେକ୍ ଦାୟିତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବୁଧୂରାଇ ସୋରେନ ଅନୁଧ୍ୟାନ କରିଛନ୍ତି । ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଦପ୍ତର ଖାତିଗୁଡ଼ାସ୍ଥିତ ଜଳସମ୍ପଦ ବିଭାଗ ତରଫରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଜଳଭଣ୍ଡାର ଜଳପତ୍ତନ ଓ ଅବବାହିକା ଅଞ୍ଚଳରେ ବର୍ଷା ସମ୍ପର୍କରେ ପ୍ରତି ଘଣ୍ଟାରେ ରିପୋର୍ଟ ପ୍ରଦାନ କରିବାକୁ ଜୟପୁରରେ ଅବସ୍ଥାପିତ ଉପର କୋଲାବ ଓ ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ଇଂ ଯୁଗଳ କିଶୋର ଖଟୁଆ ନିର୍ଦ୍ଦେଶ ଦେଇଛନ୍ତି ।

# ମାଟି ଘର ଭୁଶୁଡ଼ି ଶିଶୁ ମୃତ

ଉମରକୋଟ, ୪ା୧୦(ସମିସ): ମାଟି ଘର ଭୁଶୁଡ଼ି ତଳେ ଚାପିହୋଇ ଜଣେ ୭ ବର୍ଷ ଶିଶୁର ମୃତ୍ୟୁ ଘଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ଥାନା ଅଞ୍ଚଳ ପଞ୍ଚାୟତ ପଇଁରିଚଚରା ଗାଁରେ । ମୃତ ଶିଶୁ ହେଲା ପୀତବାସ ସାନ୍ତାଙ୍କ ଝିଅ ଭୂମିକା ସାନ୍ତା(୭) । ଗତ ୧ ତାରିଖରେ ସନାଧର ସାନ୍ତାଙ୍କ ୨ ଝିଅ ସୁଡି (୪), ଏଲିସା(୨) ଏବଂ ପୀତବାସଙ୍କ ଝିଅ ଭୂମିକା ତିନିଜଣ ମିଶି ସନାଧରଙ୍କ ପୁରୁଣା ମାଟିଘର ପାଖରେ ଖେଳୁଥିଲେ । ସେହି ସମୟରେ ହଠାତ୍ ପୁରୁଣା ମାଟି ଘରଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଯାଇଥିଲା । ଘଟଣାସ୍ଥଳରେ ଭୂମିକାଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଅବସ୍ଥାରେ ସୁଡି ଓ ଏଲିସାଙ୍କୁ ପରିବାର ଲୋକେ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଉଭୟ ଶିଶୁଙ୍କ ମୁଣ୍ଡ, ଛାତି ଓ ମୁହଁରେ ଗଭୀର ଆଘାତ ଲାଗିଛି । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ବାଇକ୍ ଧକ୍କାରେ ମହିଳା ମୃତ

ନବରଙ୍ଗପୁର, ୪ା୧୦(ସମିସ): ଶୁକ୍ରବାର ମଧ୍ୟାହ୍ନ ସମୟରେ ନବରଙ୍ଗପୁର ଥାନା ଅନ୍ତର୍ଗତ ନବରଙ୍ଗପୁର ପାପଡ଼ାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତା ତାରାଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଉକ୍ତ ସ୍ଥାନରେ ତିନି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଗୁରୁତର ଆହତଙ୍କୁ ପୁଲିସ ଗାଡ଼ିରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଛି । ନବରଙ୍ଗପୁର ପୌରପାଳିକାର ସଫେଇ କର୍ମଚାରୀ ମୁକୁନ୍ଦ ଜାନୀ, ପତ୍ନୀ ନନ୍ଦେଇ ଜାନୀ, ପୁଅ ଚିଣ୍ଟୁ, ଝିଅ ରୋଷଣି ଗୋଟିଏ ବାଇକ୍‌ରେ ପାପଡ଼ାହାଣ୍ଡି ଦୁର୍ଗାପୂଜା ଦେଖିବା ପାଇଁ ଯାଉଥିଲେ । ତେବେ ରାସ୍ତାରେ ପଛପଟୁ ଗୋଟିଏ ପଲ୍‌ସର ବାଇକ୍ ଆସି ଧକ୍କା ଦେଇଥିଲା । ଫଳରେ ମୁକୁନ୍ଦ ଜାନୀଙ୍କ ବାଇକ୍ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ବାଇକ୍‌କୁ ପିଟି ଦେଇଥିଲା । ଦୁର୍ଘଟଣା ଏତେ ଜୋର୍‌ରେ ହୋଇଥିଲା ଯେ ଦୁଇଟି ବାଇକ୍‌ର ୬ ଜଣ ଯାକ କିଛି ଦୂରକୁ ଛିଟିକି ପଡ଼ିଥିଲେ । ଦୁର୍ଘଟଣାରେ ମୁକୁନ୍ଦ ଓ ତାଙ୍କ ପତ୍ନୀ ନନ୍ଦେଇଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନନ୍ଦେଇଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# ମହୁମାଛି ଆକ୍ରମଣରେ ମହିଳା ମୃତ

ନବରଙ୍ଗପୁର/ନନ୍ଦାହାଣ୍ଡି, ୪ା୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମର ନୀଳା ପାତ୍ର (୫୭) ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି । ଲୀଳା ତାଙ୍କ ପୁଅ ସାଙ୍ଗରେ ନିକଟ ସରୁଗୁଡ଼ା ଗ୍ରାମର ସିଏସ୍‌ସିକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ । ଅଟୋ ଯୋଗେ ଫେରିବା ସମୟରେ ଜଙ୍ଗଲରୁ ଦାନ୍ତକାଠି ଓ ପତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ଓହ୍ଲାଇଥିଲେ । ଆର୍‌ଏମ୍‌ସି ଗୋଦାମ ନିକଟ ବିହନ ଯାତ୍ରା ପଡ଼ିଆର ବଟ ଗଛରେ ରହିଥିବା ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ । କିଛି ସମୟ ପରେ ଉମାଶଙ୍କର ସବୁଜ ଦୁନିଆ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନାୟକ ଓ କିଛି ଲୋକଙ୍କ ସହାୟତାରେ ଉଦ୍ଧାର କରି ତାଙ୍କ ଘରକୁ ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

**● ପ୍ରବଳ ବର୍ଷା ସତ୍ତ୍ୱେ ପରମ୍ପରା ବଜାୟ ରହିଲା**

# ରାତିରେ ଦେବୀଙ୍କ ପଟୁଆରରେ ଲୋକଙ୍କ ଭିଡ଼

ଜୟପୁର, ୪ା୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ପୁରୁଣା ପରମ୍ପରା ଓ ଐତିହାସିକ ଦଶହରା ମହୋତ୍ସବ ଗତ ଗୁରୁବାର ଭୋର୍‌ରୁ ଅପରାଜିତା ପୂଜା ଏବଂ ଭସାଣିରେ ସମାପ୍ତ ହୋଇଛି । ଗତ ଗୁରୁବାର ଭୋର୍‌ରୁ ପ୍ରବଳ ବର୍ଷା ସତ୍ତ୍ୱେ ଦେବୀମାନଙ୍କ ପଟୁଆର ବାହାରିବା ସହ ରୀତିନୀତିରେ ପୂଜାର୍ଚ୍ଚନା ପରମ୍ପରା ବଜାୟ ରହିବା ସହିତ ଚଳିତ ବର୍ଷର ଦେବୀଙ୍କ ଦଶହରା ଉତ୍ସବ ସମାପ୍ତ ହୋଇଛି । ଦଶମୀ ତିଥିରେ ଭୋର୍‌ରୁ ସାରା ଦିନ ପ୍ରବଳ ବର୍ଷା ଯୋଗୁଁ ସନ୍ଧ୍ୟାର ରହିଥିବା ରାବଣପୋଡ଼ି, ଦେବୀପୀଠ ଆସିଥିବା ଲାଠିଧାରୀଙ୍କୁ ସମ୍ମାନିତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ୍ କରାଯାଇଥିଲା । ବର୍ଷା ଛାଡ଼ିବା ପରେ ଜୟପୁର ଐତିହାସିକ ଦଶହରା ପରମ୍ପରା ଓ ରୀତିନୀତି ଅନୁଯାୟୀ ରାତି ସାଢ଼େ ୧୨ଟା ଭଗବତୀ ଦେବୀ ପୀଠରୁ ଦେବୀ ଭଗବତୀ, ଦେବୀ କାଳୀଙ୍କ ପ୍ରତିମୂର୍ତ୍ତି ବିମାନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ଦେବୀ ପୀଠରୁ ଆସିଥିବା ପ୍ରତୀକ ସ୍ୱରୂପ ଲାଠି, ଖଡ୍‌ଗ, ଗାଦିଗୁଡ଼ିକ ପଟୁଆରେ ବାହାରିଥିଲେ । ଏହିପରି ରଥପଡ଼ିଆ ଛକଠାରେ ଦେବୀ କନକ ଦୁର୍ଗାଙ୍କ ବିମାନ ଏବଂ ମହିଷାସୁର ମର୍ଦ୍ଦିନୀଙ୍କ ମୃଣ୍ମୟୀ ମୂର୍ତ୍ତି ଯୋଗଦେଇଥିଲେ । ବିଳମ୍ବିତ ରାତି ୩ଟା ସମୟରେ ୪ଟି ଦୈବୀପୀଠର ଦେବୀଙ୍କ ପ୍ରତମୂର୍ତ୍ତି ଏବଂ ଅବିଭିକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦୈବୀପୀଠର ପ୍ରତୀକ ଦଶହରା ପଡ଼ିଆରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ଅପରାଜିତା ପୂଜା ଭୋର୍ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି ପଟୁଆରରେ ଜୟପୁର ଦଶହରା ମହୋତ୍ସବ ପୂଜା କମିଟିର ଅଧ୍ୟକ୍ଷ ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସାମିଲ୍ ହୋଇଥିଲେ । ଜୟପୁର ରାଜ ପରିବାର ରାଜକୁମାର ବିଶ୍ୱେଶର ଚନ୍ଦ୍ରଚୂଡ଼ ଦେଓ ଏବଂ ମାତାରାଣୀ ଶାରିକା ଦେବୀଙ୍କ ଉପସ୍ଥିତିରେ ରାଜମହଲ ଭିତରେ ଏବଂ ବାହାରେ ଦେବୀମାନଙ୍କ ବିମାନ ଏବଂ ଦେବୀ ପୀଠର ଲାଠିମାନଙ୍କ ପୂଜାର୍ଚ୍ଚନା ଏବଂ ଆଳତି କରିଥିଲେ । ଚଳିତ ବର୍ଷ ବର୍ଷା ଯୋଗୁଁ ସ୍ଥାନୀୟ ସୌରା ସାହିର ପାଇକ ଆଖଡ଼ା ବନ୍ଦ ରହିଥିଲା । କିନ୍ତୁ ସ୍ଥାନୀୟ ପାରମ୍ପରିକ ବାଜାବାଜଣା ସହିତ ଆଦିବାସୀଙ୍କ ଦୁରୁଆ, ଢେମ୍‌ସା, କିନ୍ନରଙ୍କ ସମେତ ବିଭିନ୍ନ ପୌରାଣିକ ଦେବଦେବୀ ଓ ଅସୁର ବେଶଧାରୀ ନୃତ୍ୟ ପରିବେଷଣ କରିଥିଲେ ।

# ବର୍ଷାରେ ଭିଜି ଭିଜି ମା' ଭଣ୍ଡାର ଘରଣୀଙ୍କ ବିଜୟ ଯାତ୍ରା



ନବରଙ୍ଗପୁର, ୪ା୧୦(ସମିସ): ଭୀଷଣ ବର୍ଷାରେ ଭିଜି ଭିଜି ସମ୍ପନ୍ନ ହେଲା ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ପୀଠରେ ନବରାତ୍ରି ପୂଜାବିଧି ନୀତିକାନ୍ତି, ବିଜୟ ଯାତ୍ରା ଏବଂ ଲାଖବିନ୍ଧା ନୀତି । ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ଭିତରର ଦଶହରା ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ହେବା ପରେ ଅପରାହ୍ନରେ ପୂର୍ଣ୍ଣାହୁତି କରାଯାଇଥିଲା । ପରେ ବିଜୟା ଦଶମୀ ତଥା ଦଶହରା ଗୁରୁବାର ଦିନ ନବରଙ୍ଗପୁର ନିକଟବର୍ତ୍ତୀ ତଥା ଜିଲ୍ଲାର ବିଭିନ୍ନ ସ୍ଥାନର ଦେବୀ ପୀଠରୁ ଆସିଥିବା ପ୍ରତିକ ଲାଠି, ମା'ଙ୍କ ଚୌକି ଆଦି ମା' ଭଣ୍ଡାର ଘରଣୀଙ୍କ ପୀଠରୁ ବାହାରି ଦଶହରା ପଦା ଅଭିମୁଖେ ଭୀଷଣ ବର୍ଷାରେ ମହାପଟୁଆରରେ ବିଜୟ ଯାତ୍ରାରେ ବାହାରିଥିଲେ ମା' । ମା'ଙ୍କ ଏହି ବିଜୟ ଯାତ୍ରା ସହିତ ନବରଙ୍ଗପୁର ସହରର କେଉଟ ସାହି, ଗୌଡ଼ ସାହି, ସୌରାସାହି ଆଦିର ଆଖଡ଼ା, ବିଭିନ୍ନ ଲୋକନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ବାଜାବାଜଣା ସହ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦଶହରା ପଡ଼ିଆକୁ ସନ୍ଧ୍ୟାରେ ପହଞ୍ଚିଥିଲା । ପରେ ଆରମ୍ଭ ହୋଇଥିଲା ମା'ଙ୍କ ପୂଜାର୍ଚ୍ଚନା । ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ହେବା ପରେ ଆରମ୍ଭ ହେଲା ଲାଖବିନ୍ଧା ନୀତି । ସେଠାରେ ପୂଜାର୍ଚ୍ଚନା ହୋମ ଆଦି ସମ୍ପୂର୍ଣ୍ଣ ହେବା ପରେ ଏକ ବିରାଟକାୟ ଲମ୍ବା ବାଉଁଶ ଲାଠିରେ ବନ୍ଧା ଯାଇଥିବା ପେଣ୍ଡୁକୁ ଧନୁଶର ମାଧ୍ୟମରେ ଲାଖବିନ୍ଧା କରାଯାଇଥିଲା । ଜନଶୃତି ଅନୁସାରେ ସେହି ସମୟର ରାଜାଙ୍କ ଦ୍ୱାରା ଲାଖବିନ୍ଧା ପ୍ରତିଯୋଗିତା ଦଶହରା ସମୟରେ କରାଯାଉଥିଲା । ଏବେବି ତାହାର ପରମ୍ପରା ନବରଙ୍ଗପୁରଠାରେ ବଜାୟ ରହିଛି ଏବଂ ଦଶମୀ ଦିନ ତାହାକୁ ପାଳନ କରାଯାଉଛି । ମା'ଙ୍କର ଏହି ରୀତିନୀତି ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ପୂଜକ ମୃତ୍ୟୁଞ୍ଜୟ ରଥ, ରାଜୀବ ପୂଜାରୀ, ବାବୁନା ପୂଜାରୀ, ପୂଜକ ମନୋଜ, ପଙ୍କଜ, କୁଞ୍ଜ ରଥ, ପ୍ରସନ୍ନ ରଥ ପ୍ରମୁଖ ସମସ୍ତ ପୂଜାକାର୍ଯ୍ୟ ତୁଲାଇଥିଲେ ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ

କୋରାପୁଟ, ୪ା୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିବର୍ଷ ଭଳି ଦଳ ଚଳିତ ବର୍ଷ ମଧ୍ୟ ଜନ ସମ୍ପର୍କ ପଦଯାତ୍ରା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଉକ୍ତ ଦିନ ଦଶହରା ପଡୁଥିବା କାରଣରୁ ଚଳିତ ବର୍ଷ ଅକ୍ଟୋବର ୯ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ ତାରିଖ ଯାଏ ଚାଲିବ ବୋଲି ଜଣାପଡ଼ିଛି । ଏହି କାରଣରୁ ଜିଲ୍ଲା ବିଜେଡି ପକ୍ଷରୁ ୨ ତାରିଖରେ ପ୍ରତୀକାତ୍ମକ ପଦଯାତ୍ରା ଆରମ୍ଭ କରି ଜନସମ୍ପର୍କ ନିମନ୍ତେ ଦଳୀୟ ନେତା ଓ କର୍ମୀ ସଂକଳ୍ପ ନେଇଛନ୍ତି । ଜିଲ୍ଲା ବିଜେଡି ସଭାପତି ଝୀନ ହିକକା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରିତମ୍ ପାଢ଼ି, ପ୍ରଭୁ ଜାନି, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ପ୍ରସାଦ ବିଡିକା, ରଘୁ ଜାନି, ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ବିଜେଡି ନେତା ତ୍ରିନାଥ ପାତ୍ରଙ୍କ ସହ ଅନ୍ୟାନ୍ୟ ନେତା ଓ କର୍ମୀ କୋରାପୁଟ ଗାନ୍ଧୀ ପାର୍କରେ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହା ପରେ ସଭାପତିଙ୍କ ଦ୍ୱାରା ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନିଆଯାଇଛି ।




# ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଜୟପୁର, ୪ା୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଆମ୍ବାଗୁଡ଼ା ଗ୍ରାମପଞ୍ଚାୟତର ସଦର ଗ୍ରାମଠାରେ ବିଜୁ ଜନତା ଦଳ ପକ୍ଷରୁ ଗତ ଗୁରୁବାର ଗାନ୍ଧୀ ଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଛି । ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଆମ୍ବାଗୁଡ଼ା ମାର୍କେଟ କମ୍ପ୍ଲେକ୍ସଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏହି ପଦଯାତ୍ରା ଶୁଭାରମ୍ଭ ହୋଇ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ବିଜେପି ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତାକୁ ନେଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟ ଉନ୍ନତୀପଥରେ ଆଗେଇ ଯାଇଥିଲା । କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାର ନୂତନ ଯୋଜନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହିପରି ରାଜ୍ୟରେ ନାରୀ ନିର୍ଯାତନା, ଦୁର୍ନୀତି ବ୍ୟାପକ ଭାବେ ବୃଦ୍ଧି ପାଇଛି । ତେଣୁ ସାଧାରଣ ଲୋକ ଏନେଇ ସଚେତନ ହେବା ସହ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ନାଗୁ ଦୋରା, ବାଲିଙ୍ଗି ରାଓ, ଶିବ ପଟ୍ଟନାୟକ, ଲିଙ୍ଗରାଜ ପାତ୍ର, ରାଜେନ୍ଦ୍ର ରଥ, ସତ୍ୟାନନ୍ଦ ମହାନନ୍ଦିଆଙ୍କ ସମେତ ଅନ୍ୟାନ୍ୟ କର୍ମୀ ଯୋଗଦେଇଥିଲେ ।



**ବର୍ଷା ଆସିଲେ ମାଡ଼ିଆସୁଛି ଭୟ**

# ରେଳପଥ ଓ ସଡ଼କପଥ ଯୋଗାଯୋଗରୁ ବିଚ୍ଛିନ୍ନ

କୋରାପୁଟ/ପୋଡ଼ାଗଡ଼, ୪ା୧୦(ସମିସ)



ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଜନଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବିଭିନ୍ନ ସ୍ଥାନରେ ରାସ୍ତା ଜଳବନ୍ଦୀ ହୋଇଥିବାବେଳେ କେଉଁଠି ଘର ଭାଙ୍ଗିଥିଲା, ମାଟି ଅତଡ଼ା ଧସିଥିଲା ଏବଂ ଧୋଇ ନେଇଥିଲା ପୋଲ ପାଖ ରାସ୍ତା । ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବାବେଳେ ଦୁଃଖ ଦେଇଥିଲା ଜାତୀୟ ରାଜପଥ ୨୬ ଓ ୩୨୬ । କୋରାପୁଟ ବ୍ଲକ ଅନ୍ତର୍ଗତ ବଙ୍ଗଳାଗୁଡ଼ା ଅସ୍ଥାୟୀ ପୋଲ ଉପରେ ୨୦ ଫୁଟ୍ ପାଣି ପ୍ରବାହିତ କରୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ଜାତୀୟ ରାଜପଥ ୩୨୬ରେ ବଙ୍ଗଳାଗୁଡ଼ା ନିକଟରେ ୩ ବର୍ଷ ତଳେ ଭୁଶୁଡ଼ି ପଡ଼ିଥିବା ପୋଲକୁ ବିଭାଗ ଆଜିପର୍ଯ୍ୟନ୍ତ ନୂଆ ପୋଲ କରିପାରିନାହିଁ । ୮ କୋଟି ଟଙ୍କା ବ୍ୟୟ ଅନୁଦାନରେ କାମ ଚାଲୁଛି ଯେ କେବେ ସରିବ ଜଣାପଡୁନାହିଁ । ଅଳ୍ପ ବର୍ଷା ହେଲେ କୋରାପୁଟରୁ ରାୟଗଡ଼ା ଯାତାୟାତ ଠପ୍ ହୋଇଯାଉଛି । ସେହିପରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଲିଘାଟ ବିଷୋୟୀ ସାହିକୁ ସଂଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ ହୋଇଥିଲା । କୋରାପୁଟ ବ୍ଲକ ଅନ୍ତର୍ଗତ ମୋହନପଡ଼ା ନିକଟରେ ଅସ୍ଥାୟୀ ରାସ୍ତା ଉପରେ ପାଣି ଯାଉଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବାଧା ସୃଷ୍ଟି ହୋଇଥିଲା । ଉଭୟ ରାସ୍ତାରେ ଯିବାଆସିବା କରୁଥିବା ଛୋଟ ବଡ଼ ଯାତ୍ରୀବାହୀ ଗାଡ଼ି ସହ ଲୋକେ ଦହଗଞ୍ଜ ହେଉଛନ୍ତି । ସେହିପରି ଶୁଙ୍ଗି ଘାଟି ରାସ୍ତାରେ ବିରାଟ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା । ବ୍ଲକ ପ୍ରଶାସନ ସହାୟତାରେ ଗଛକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ନିର୍ଘ୍ନମ ବର୍ଷାରେ କୋରାପୁଟ-ରାୟଗଡ଼ା ରେଳପଥରେ କେଉଁଠି ପଥର ପାହାଡ଼ ଉପରୁ ଖସି ଆସିଥିଲା ତ ଆଉ କେଉଁଠି ରେଳଧାରଣା ଉପରେ ମାଟି ଅତଡ଼ା ଖସିବା ସହ ରେଳଧାରଣା ଦବିବା, ଏପରିକି ଗଛ ସହ ଟ୍ରାକ୍ ଉପରେ ଲହଡ଼ି ମାରିଥିଲା ପାଣି । ଯୁଦ୍ଧକାଳୀନ ଭିତ୍ତିରେ ରେଳ ବିଭାଗ ସଜାଡ଼ିଥିଲେ ବି ୧୨ ଘଣ୍ଟା ବିଳମ୍ବରେ ସ୍ୱାଭାବିକ ହେଲା ଟ୍ରାକ୍ । ଟ୍ରେନ୍‌ରେ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାୟଗଡ଼ାରୁ କୋରାପୁଟ ଆସିବାକୁ ୧୨ ଘଣ୍ଟା ଲାଗିଥିଲା ।

ବଙ୍ଗଳାଗୁଡ଼ା ରାସ୍ତାକୁ ବର୍ତ୍ତମାନ ପାଇଁ ବନ୍ଦ୍ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ ନାୟକ କହିଛନ୍ତି । ୨ ଜାତୀୟ ରାଜପଥ ପୋଲକୁ ଖୁବ୍‌ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । ଗତିପଥ ପରିବର୍ତ୍ତନ କରାଯାଇ ପୋଡ଼ାଗଡ଼ରୁ ମହାଦେଇପୁଟ, ମସ୍ତିପୁଟ ଦେଇ କୋରାପୁଟ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଲଘୁଚାପଜନିତ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାର ସମସ୍ତ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।

**● ବ୍ୟକ୍ତିଗତ ସ୍ଥାନରେ କରାଯାଉଛି ସରକାରଙ୍କ ଉନ୍ନୟନ କାର୍ଯ୍ୟ**

# ଗ୍ରାମରେ ତୀବ୍ର ଅସନ୍ତୋଷ, ବିଡିଓଙ୍କୁ ଦାବିପତ୍ର

ଚନ୍ଦାହାଣ୍ଡି, ୪ା୧୦(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ ତଥା ଗ୍ରାମାଞ୍ଚଳରେ ଆବଶ୍ୟକୀୟ ଅନୁଯାୟୀ ପ୍ରକଳ୍ପର ଉନ୍ନତିକରଣ ତଥା ନିର୍ମାଣ ଉଦ୍ଦେଶ୍ୟ ନେଇ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଭଳି ବିକାଶମୂଳକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ଏହି ଯୋଜନାର ନିର୍ମାଣ କାର୍ଯ୍ୟ ଗ୍ରାମରେ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସାମୂହିକ ସ୍ଥାନରେ ନ ହୋଇ ବ୍ୟକ୍ତିଗତ ସ୍ଥାନରେ ନିଜ ସ୍ୱାର୍ଥ ହାସଲ ପାଇଁ କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଏହାର ତଦାରଖ କରି ପଦକ୍ଷେପ ନେବାକୁ ଶତାଧିକ ଗ୍ରାମବାସୀ ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓ ଚଇନୁ ଗଣ୍ଡଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ଧୋବିପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗ୍ରାମର ଶିବ ମନ୍ଦିର ପରିସରରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ତଥା ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଭୋଗ ମଣ୍ଡପ ନିର୍ମାଣ ସକାଶେ ପଞ୍ଚାୟତ ମାଧ୍ୟମରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା । ତେବେ ବର୍ତ୍ତମାନ ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଗ୍ରାମକୁ ଏକ ଭୋଗ ମଣ୍ଡପ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏହାକୁ କିଛି ବ୍ୟକ୍ତି ନିଜର ସ୍ୱାର୍ଥସାଧନା ପାଇଁ ନିଜ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇ ଆବଶ୍ୟକୀୟ ସାମୂହିକ ସ୍ଥାନରେ ଏହାକୁ ନିର୍ମାଣ କରିବାକୁ ଦାବି ହୋଇଛି । ବ୍ଲକ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ବିଡିଓ ଶ୍ରୀ ଗଣ୍ଡ ଗ୍ରାମକୁ ଯାଇ ଏ ସମ୍ପର୍କରେ ତଦାରଖ ପରେ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଦାବିପତ୍ର ଦେବା ସମୟରେ ସରପଞ୍ଚ ଦୁର୍ଲ୍ଲଭ ପୂଜାରୀ, ବଳରାମ ପଟ୍ଟନାୟକ, ସୀମାଞ୍ଚଳ ଗଣ୍ଡା, ସଂଗ୍ରାମ କେଶରୀ ସାହୁ, ଲକ୍ଷ୍ମୀଧର ବାଘ, ଶିଶିର ମାଝୀ, ଥବିର ସେଠୀ, ପାରେଶ୍ୱର ଦାସ, ପ୍ରସାଦ ସେଠୀ, ମନୋଜ ମାଝୀ, ମୀନକେତନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।



## ସ୍ୱାଗତିକା ସ୍ୱାଇଁ

ନିଷ୍ଠୁରତମ ମାସ ଆଶ୍ୱିନ । ଏମିତିରେ ତ କହିବାକୁ ଏହା ହସଖୁସିର ପାର୍ବଣ ସମୟ । ମାତ୍ର ଆଜିକାଲି ତାହା ଆସେ, ତା' ସାଙ୍ଗରେ ନେଇ ଆସେ ହୃଦୟହୀନ ଖରାତାପ । ଘୋର ଜଳାଞ୍ଜଳି ଏବଂ ନିଷ୍ଠୁର କାଳ ବୈଶାଖୀ । ଅକସ୍ମାତ୍ ଝଡ଼ ତୋଫାନ । ହାଣ୍ଡିଶାଳ ପିଣ୍ଡାତଳ ଲିପି ସାରିବା ପରେ କଷ୍ଟରେ ଅଣ୍ଟା ସଳଖ କରି ଛିଡ଼ା ହେଲା, ଜଗା ବୋଉ । କାଦୁଅ ହାତ ଆଢୁଆଳ କରି ଚାହିଁଲା ସକାଳର ସୂର୍ଯ୍ୟ ଆଡ଼କୁ । ମନକୁ ମନ କହିଲା, "ବେଳ କେତେ ହେବ ! ଆଶ୍ୱିନରେ କେଡ଼େ ହାଁ ଖରା ।"

ଦିନଥିଲା, ସେ ଏକାଥରକେ ଚାରି ପାଞ୍ଚ ବଖରା ଘର ପିଣ୍ଡା ଲିପି ଆଣୁଥିଲା । ଆଜିକାଲି କିନ୍ତୁ ଆଉ ପାରୁନାହିଁ । ଆଣ୍ଠୁଗଣ୍ଠି ବାତ ସାଙ୍ଗକୁ ସେଦିନ, ସେ ବୟସ ବି ଆଉ କୋଉଠି ଅଛି ।

: ଏଥର ପୂଜା ସିଜନ୍‌ଟା ଖାଲି ଯାଉ । ତତେ ଆଉ କଷ୍ଟ କରିବାକୁ ପଡ଼ିବନି । ମାଟି ଖଞ୍ଜା ପୂରା ଭାଙ୍ଗି ଦବା । ଦାଣ୍ଡ ପାଖକୁ ଲଗେଇ ଦି ବଖରା ପକ୍କା ଘର ତୋଳି ଦେବି, ରହିଥା । ତୋର ଯେତେ ଇଚ୍ଛା ସେତେ ପୁନେଇ, ସଂକ୍ରାନ୍ତି ଘର ଧୁଆଧୁଇ କରୁଥିବୁ ବସି ।

ପ୍ରତ୍ୟେକ ଥର ମାଆକୁ କଷ୍ଟ କରି ଘର ଲିପା ପୋଛା କରୁଥିବାର ଦେଖିଲେ ଏଇ କଥା କହେ,ଜଗା । ପୁଣି କହେ, "ରାଜଧାନୀରେ ମୋର ଆଉ କୋଉଁଥି ପାଇଁ ଏତେ ପରିଶ୍ରମ କହିଲୁ! ଯଦି ତୋ ପାଇଁ ଦୁଇ ବଖରା ପକ୍କା ଘର ତୋଳି ଦେଇ ନ ପାରିଲି, ତା'ହେଲେ ମୁଁ ତୋର କି ପୁଅ ତୁ ମୋର କି ବୋଉ ।"

ପୁଅ କଥା ମନେପଡ଼ିଗଲା ତ ଜଗା ବୋଉ ଆଖିରୁ ଦି' ବୁନ୍ଦା ଲୁହ ଗଡ଼ି ପଡ଼ିଲା । ରକ୍ତକୁ ପାଣି କରି କି ଗଧ ଖଟଣି ନ ଖଟୁଚି ସିଏ ସେଠି । ଏଇ ପୁନେଇଁକୁ ତାକୁ ଛବିଶ ପୂରି ସତେଇଶି ଚାଲିବ । ଆଉ ଅପେକ୍ଷା କରି ହେବନି । ଏଇ ବର୍ଷ ଯେମିତି ବି ହେଲେ ତାକୁ ହାତକୁ ଦି' ହାତ କରିବାକୁ ପଡ଼ିବ । ବୁଢ଼ା ବାପାଙ୍କର ଆଉ କେତେ ବା ଆୟୁଷ । ଯେ ହେଲେ ପିଲାଟା ବୁଝିଲେ ସିନା । ତା'ର ତ ସେଇ ଗୋଟାଏ ଜିଦି । ମାଟି ଖଞ୍ଜା ଭାଙ୍ଗି ପକ୍କା ଘର ଗଢ଼ିବ । ତାପରେ ଯାଇ ଯାହା ହବ ।

ମାଆ ବୋଲି ଯଦି କେବେ ସିଏ ତାକୁ ବାହାଘର କଥା ଥରକୁ ଦି' ଥର କୁହେ, ତାହେଲେ ଜଗା ବିଗିଡ଼ିଯାଏ । ବଡ଼ ପାଟି କରି କହେ, "ତୋର ତ ମୋ' ଉପରେ ବିଶ୍ୱାସ ନାହିଁ ଦେଖୁଚି । ଭାବୁଚୁ କି ମୁଁ ଘର ଦି ବଖରା ତୋଳିପାରିବିନି !" ତାପରେ ମାଆ ପାଖକୁ ଚାଲିଆସି କଣ୍ଠରେ ହାଲୁକା ମିଠା ଭରି କହେ, "ଜାଣିଚୁ ନା ବୋଉ! ପେଟ୍ରୋଲ ପମ୍ପ ପାଖକୁ ବେପାର ଉଠେଇ ଆସିଲା ଦିନଠୁଁ ଆଜିକାଲି ପଇସା ଯାହାକୁ ଯେତେ । ତୁ ଜାଣିଛୁ, ଏହୁଁ ଏହୁଁ ଗାଡ଼ିବାଲାଏ ପରା ତେଲ ପକେଇ ସାରିଲେ ମୋଠୁଁ ଠେଲାଏଁ ମସଲା ମୁଢ଼ି କିଣିବେ ମାନେ କିଣିବେ । କହିବେ, କ'ଣ ଜଗନ୍ନାଥ, ତମେ କ'ଣ ତମ ମୁଢ଼ିରେ ଅଫିମ ପକେଇଚ ନା କ'ଣ । ନ କିଣିଲେ ମନ ମାନୁନି କି ଗାଡ଼ି ଗଡୁନି!

ପୁଅକୁ ମନେ ପକେଇ ଜଗା ବୋଉର ମନଟା ଏବେ ପୁଣି ଥରକ ପାଇଁ ସ୍ନେହ ସରାବୋଉ ହେଇ ଉଠିଲା । ସେ ସାମ୍ନାର ଅଗଣାକୁ ଚାହିଁଲା । ସେଠାକାର ଲିପାପୋଛା ପରିଷ୍କାର ମାଟି ଚଟାଣରେ ତାକୁ ପିଲାଟାର ହସକୁରା ମୁହଁଟିର ଛବି ଦେଖାଦେଇ ଗଲା । ସେ ଠାକୁରଙ୍କୁ ହାତ ଯୋଡ଼ିଲା । ମମତାର ଆବେଗ ଭରା ନିରବତା ଭିତରେ ତା'ର କୋଟି ଶୁଭ ମନାସିଲା ।

ଅଥଚ ଆକାଶର ଆଶ୍ୱିନର ସୂର୍ଯ୍ୟ କିନ୍ତୁ ମାଆ ମନର ସେଇ ନରମ ଆବେଗ ଭରା ଜାଗାଟି ଆଡ଼କୁ ଏତେ ଟିକେ ସଦୟ ଦୃଷ୍ଟିରେ ଆଦୌ ଚାହିଁ ନଥିଲା । ବନ୍ଧବାଡ଼ ନ ମାନି ତତଲା ନିଆଁ ଢାଳିବାରେ ଲାଗି ରହିଥିଲା ।

ଆଜିର ଦିନଟି ପରିବାର ପାଇଁ ସଙ୍କଟର ଦିନ ନେଇ ଆସିଛି । କାରଣ ଅଳ୍ପ ସମୟ ତଳେ ଜଗା ବାପା ପାଖକୁ ଅଜଣା ନମ୍ବରରୁ ଫୋନ୍‌ଟିଏ ଆସିଥିଲା ।

: କିଏ ଜଗନ୍ନାଥ ମଲ୍ଲିକ ବାପା କହୁଚ ।

: ହଁ କହୁଚି ।

: ତମ ପୁଅର ଗୋଟିଏ ଛୋଟ ଆକ୍ସିଡେଣ୍ଟ ହୋଇଯାଇଛି ।

: ହେଁ... କୋଉଠି କେତେବେଳେ? ପୁଅ ମୋର କୋଉଠି ଅଛି ?

: ବ୍ୟସ୍ତ ହୁଅନି । ସେଥିପାଇଁ ଖୋଦ୍ ସରକାରୀ ବ୍ୟବସ୍ଥା ହେଇଛି । ତମେ ଯେତେ ଶୀଘ୍ର ପାରୁଚ ସେତେ ଶୀଘ୍ର ଆସି ସଦର ହାସ୍‌ପାତାଲ୍‌ରେ ପହଞ୍ଚି ଯାଅ । ଚଞ୍ଚଳ ଆସିବ ।

ସେ ପାଖରୁ ଫୋନ୍ କଟିଗଲା ତ' ଏ ପାଖରେ ଜଗା ବାପା ମୁଣ୍ଡରେ ସତେକି ଘଡ଼ଘଡ଼ି ପଡ଼ିଗଲା । ସ୍ତ୍ରୀକୁ ଏକାଏକ୍ ଏଇ ଖବର ଜଣେଇଦବ କି ନାଇଁ ହଠାତ୍ ଠିକଣା କରି ହେଲା ନାହିଁ । ମନର ଭାବନା ମନରେ ଛପେଇ ରଖି ସେ ଏବେ ନିଭୃତ ସେଠି ଅଗଣା କୋଣ ନଳିଆ ପାଖରେ ହାତ ଧୋଉଥିବା ସ୍ତ୍ରୀ ଆଡ଼କୁ ଚାହିଁଲେ । କଥାଟାକୁ କ'ଣ କେମିତି ଖୋଲି କହିବେ ଦ୍ୱନ୍ଦ୍ୱରେ ପଡ଼ିଗଲେ ।

:କିଏ ଫୋନ୍ କରିଥିଲା?

ମାଟି କାଦୁଅ ହାତ ଧୋଇ ଦେଇ ଆସି ଜଗା ବୋଉ ନିଜ ଆଡୁ ପଚାରିଲା ।

: ନାଇଁ ଏଇ ଜଗାର କିଏ ସାଙ୍ଗ ଫୋନ୍ କରିଥିଲା ।

: ଜଗାର ସାଙ୍ଗ, ସିଏ କ'ଣ କହୁଥିଲା?

: କହୁଥିଲା ତମେ ଟିକିଏ ରାଜଧାନୀ ଆସ ।

: କାହିଁକି ?

: ଜଗାକୁ କ'ଣ ଟିକିଏ ବଡ଼ କରି ଜର ହେଇଯାଇଛି । ତୁ ଚଞ୍ଚଳ କାମ ସାରେ । ଆମେ ଦିହେଁ ଯାକ ଯିବା ।

ଅଗଣାର ଖରା ଏବେ ଆହୁରି ଅଧିକ ତେଜମୟ ଏବଂ ତତଲା ହେବାକୁ ଲାଗିଥିଲା । ଜଗା ବୋଉ ତା'ର କାନ୍ଦ କାନ୍ଦ ମୁହଁ ବୁଲେଇ ବିକଳରେ ସେ ଆଡ଼କୁ ଚାହିଁଲା । ଭାବୁଥିଲା, ଦେଖନା! କାଲି ସକାଳେ ଫୋନ୍ କରିଥିଲା । ବାପାର ଔଷଧପତ୍ର କଥା ବୁଝିଲା । ଗାଁ ବସ୍‌ରେ ଲେମ୍ବୁ, ଆଚାର ଡବାଟେ ପଠେଇବାକୁ କହିଲା । ଫେରନ୍ତା ଗାଡ଼ିରେ କଣ୍ଡକ୍ଟର ହାତରେ ପଇସା ପଠେଇବ ବୋଲି କହିଲା । ଆଉ ଦେଖିଲା ବେଳକୁ ଜରରେ ପଡ଼ିଗଲା ।

ଗାଧୋଇ ସାରି ଗଳବସ୍ତ୍ର ହୋଇ ଚଉରାରେ ପାଣି ଦେଲା ବେଳେ, କାମସାରି ଘରେ କୋଇପ ଦବା ବେଳେ ଏବଂ ବସ୍‌ରେ ବସି ଯିବା ସମୟ ଯାକ ଜଗା ବୋଉର ସେଇ ଗୋଟିଏ କଥା ବାରମ୍ବାର ମନେ ପଡ଼ି ଯାଉଥିଲା । ଅବଶ୍ୟ ବସ୍‌ରୁ ଠିକଣା ଜାଗାରେ ଓହ୍ଲେଇଲା ବେଳକୁ ତା' ମନ ଟିକିଏ ଅଲଗା ପ୍ରକାର ହେଇ ଯାଇଥିଲା ।

ସେ କେତେଥର ଭାବିଛି ଥରେ ଯାଇ ଦେଖନ୍ତା, ଖରାବର୍ଷାକୁ ଛାତିପାତି ଦେଇ ପୁଅ ତା'ର କୋଉଠି ବେପାର ପସରା ଖୋଲିଛି । କେମିତି ପିଆଜ, ଲଙ୍କା, ଆଚାର, ବାରମଜା, ସିଝାସୋଲା, ମିଶେଇ ମସଲା ମୁଢ଼ି ତିଆରି କରୁଛି । ଗରାଖଙ୍କ ମନ ଜିଣି ନଉଛି । ଆଜି ଏତେ ଦିନକେ ଆସିଚି ଯେତେବେଳେ ଥରେ ତା' ନିଶ୍ଚୟ ଦେଖିବି । ଛୁଆଟା ଭଲ ହେଇଯାଉ ଆଗ ।

ଦିନ ଦ୍ୱିପ୍ରହର ବେଳକୁ ସେମାନେ ଆସି ପହଞ୍ଚିଯାଇଥିଲେ । ସଦର ହାସ୍‌ପାତାଲ୍ ସାମ୍ନାରେ । ଶୁଖିଲା ମ୍ରିୟମାଣ ମୁହଁଟି ମାନ ଧରି ସେଠି ଆତଯାତ ହଉଥିବା ଲୋକଙ୍କର ଗହଳି ଭିତରେ ଜଣେ ହେଇ ଛିଡ଼ା ହେଇଥିଲେ । କେଜାଣି କେତେବେଳେ ଏ ଅବସ୍ଥାରେ ଛିଡ଼ା ହେବା ପରେ ସେଠି ସରକାରୀ ବାବୁ ଜଣେ ଆସି ତାଙ୍କ ସାମ୍ନାରେ ଛିଡ଼ା ହେଲେ । ସେ ତାଙ୍କ ବା ହାତରେ ପିନ୍ଧିଥିବା ହାତ ଘଣ୍ଟାଟିକୁ ଆର ହାତରେ ବାରମ୍ବାର ସଜାଡୁ ଥିଲେ । ସତେ ଯେମିତି ସେ ସମୟକୁ ସାମ୍ନା କରିବାର ସାହସ ଜୁଟାଉ ଥିଲେ । ବହୁ ସମୟ କାଟିବା ପରେ ସେ ହୁଏତ ନିଜକୁ ପ୍ରସ୍ତୁତ କଲେ । ଜଗା ବାପାଙ୍କର ଗୋଟିଏ ବାହୁକୁ ଜାବୁଡ଼ି ଧରି କହିଲେ, "ମଉସା ଧୈର୍ଯ୍ୟ ଧରିବ । ତମେ ବାପ । ମାଉସୀଙ୍କୁ ସମ୍ଭାଳିବ । ଛାତିକୁ ଭିଡ଼ି ଦିଅ । ଶୁଣ, ପୁଅ ତମର ଆଉ ନାହିଁ ।"

ଶବ୍ଦମାନେ ବିସ୍ଫୋରଣ କରନ୍ତି କି?? ବୋଧହୁଏ କରନ୍ତି । କାରଣ ଠିକ୍ ଏବେ କୁହାଯାଇଥିବା କେତୋଟି ଶବ୍ଦ ଯୋଡ଼ିଏ ନିରାଶ୍ରୟ ବାପାମାଆଙ୍କୁ ଗୁଣ୍ଡ ଗୁଣ୍ଡ କରି ଚୂନା କରିବା କେଇଟା କାପାସିଟର୍ ବେଶୀ ସମୟ ନେଇ ନଥିଲା । ସରକାରୀ ବାବୁଜଣଙ୍କ ଆଉରି କ'ଣ କ'ଣ କହୁଥିଲେ- "ସେଇଟା ଗୋଟାଏ ସାଢ଼େ ଚାରି ଟନ୍ କାପାସିଟର୍ ଅଣ୍ଡରଗ୍ରାଉଣ୍ଡ ଏଲ୍‌ପିଜି ଟ୍ୟାଙ୍କ । ସେଠି କ'ଣ ଛିଡ଼ା ହେଇ ବେପାର କରିବା କଥା । ଏ ଦୁର୍ଘଟଣାରେ ପରା କେତେ ବଡ଼ ବାବୁଙ୍କର କୋଠାବାଡ଼ିର ଗୁଡ଼ାଏ କ୍ଷତି ହୋଇଯାଇଛି ।"

ମାତ୍ର ସେସବୁ ଏଇ ଦୁଇ ସର୍ବହରାଙ୍କୁ ଆଦୌ ଶୁଭୁ ନ ଥିଲା । ସେମାନଙ୍କର ମନେ ହଉଥିଲା ସତେ ଯେମିତି ତାଙ୍କ ପାଦ ତଳେ ମାଟି ଧସି ହେଇଯାଉଛି ।

ଏବଂ ବିଧାତାର ଅଦୃଶ୍ୟ ହାତ ସେମାନେ ଦୁହିଁକୁ ଧରଣୀ ଗର୍ଭକୁ ଟାଣି ନଉଛି । ଏହା ସେମାନଙ୍କ ଶେଷଦିନ । ଏବଂ ସେଦିନ ଯେତେବେଳେ ଗଭୀର ରାତିର କାଳିମା ଚିରି ଗାଁ ମଶାଣିପଦାରେ ଲେଲିହାନ ଶିଖା ତେଜି ଜୁଇଟିଏ ଜଳିଥିଲା । ସେତେବେଳେ ଚାରିପାଖର ନିର୍ଜନତାକୁ ବିଦୀର୍ଣ୍ଣ କରି ଶୁଭିଥିଲା ନିଃସ୍ୱ ମାଆଟିର କରୁଣ ବିଳାପ – "କୁଆଡ଼େ ଗଲୁରେ ମୋ ନାରାୟଣ, ମୋ ଗଣ୍ଠିଧନ । ମତେ କାଙ୍ଗାଳୁଣୀ କରି କୁଆଡ଼େ ଚାଲିଗଲୁରେ ମୋ ଅନ୍ଧ ଲଉଡ଼ି !!"

ଯଦି ତମ ପାଖରେ ଏକାନ୍ତ ମନଟି ଥିବ, ତାହାଲେ ସେ ସ୍ୱର ଶୁଣି ତମେ ବି କହିବ ଅକିଞ୍ଚନ, ନିର୍ଦ୍ଧନଙ୍କ ପାଇଁ ସୁଖ ସ୍ୱପ୍ନ ପର୍ଯ୍ୟନ୍ତ ପହଞ୍ଚିଥିବାର ରାସ୍ତା ଏତେ ସହଜ ନୁହଁ । କାରଣ ତାଙ୍କ ପାଇଁ ସେ ରାସ୍ତାରେ ଗୋଟାଏ ବିରାଟ କାନ୍ଥ ଯୁଗ ଯୁଗ ଧରି ରହି ଆସିଛି, ଆଜି ବି ଅଛି ।

ଜଗନ୍ନାଥ ସାହି, ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ, କଟକ-୨
ମୋ: ୯୪୩୭ ୭୦୪୨୮୦



## ପତ୍ରିକା ପରିଚୟ

### ପଞ୍ଚବଟୀ

**ସଂପାଦକ : ସୁଶାନ୍ତ କୁମାର ନାୟକ**



ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼ା- ୭୬୫୦୦୧
ମୂଲ୍ୟ: ୩୦୦ ଟଙ୍କା

ବୃହତ୍ କଳେବର ନେଇ ସୁଶାନ୍ତ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଆମ ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୫ । ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, କଥାକାର, ପ୍ରାବନ୍ଧିକ, ଗୀତିକବିଙ୍କ ସୃଜନ ସମ୍ଭାରରେ ସମୃଦ୍ଧ ହୋଇଛି 'ପଞ୍ଚବଟୀ'ର ଏହି ସଂଖ୍ୟାଟି । 'କାହାଣୀ' ବିଭାଗରେ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଜୟନ୍ତୀ ରଥ, କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କାଶୀନାଥ ନନ୍ଦୀ ପ୍ରମୁଖ କଥାକାରଙ୍କ ଗଳ୍ପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ଦ୍ୱନ୍ଦ୍ୱ, ସଂଘର୍ଷ, ଜୀବନ ଯନ୍ତ୍ରଣାର କଥା ପ୍ରତିଫଳିତ ହୋଇଛି । ସେହିପରି କବିତା ବିଭାଗରେ ଫନୀ ମହାନ୍ତି, ବଂଶୀଧର ମହାନ୍ତି, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା, ରକ୍ଷକ ନାୟକ, ପ୍ରୀତିଧାରା ସାମଲ ପ୍ରମୁଖଙ୍କ କବିତାରେ ମଣିଷ ମନର କଥା ଓ ବ୍ୟଥା ମାର୍ମିକ ଭାବେ ଚିତ୍ରିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସଂଘମିତ୍ରା ମିଶ୍ର, ଅଭୟ ଦ୍ୱିବେଦୀ, ଡକ୍ଟର ବିଜୟାନନ୍ଦ ସିଂହ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି । ସେହିପରି ସାକ୍ଷାତକାର, ସ୍ମୃତି ଅନୁଭୂତି, ଅନୁବାଦ ଗଳ୍ପ, ଫିଚର, ଗୀତି କବିତା ଆଦି ପ୍ରତିଟି ବିଭାଗ ମନଛୁଆଁ ହୋଇଛି । 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

### ଶୋଭନା

**ସଂପାଦକ : ବିଧୁଭୂଷଣ ପଟ୍ଟନାୟକ**



କ୍ୱାର୍ଟର ନଂ: ୨ ଆର୍‌ଏଚ-୬୦,
ୟୁନିଟ୍- ୯
ଭୁବନେଶ୍ୱର-୨୨
ମୂଲ୍ୟ: ୧୫୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା' ଉତ୍ସବ ବିଶେଷ ପ୍ରକାଶ ପାଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଏହି ସଂଖ୍ୟାଟି ଓଡ଼ିଆ ସାହିତ୍ୟର ବହୁ ବରିଷ୍ଠ ଓ ଯୁବ କଥାକାରଙ୍କ ଗଳ୍ପରେ ପରିପୁଷ୍ଟ ହୋଇଛି । ବିଭୂତି ପଟ୍ଟନାୟକଙ୍କ 'ତମେ କେବେ ଆସିବ ନୟନା!', ତରୁଣକାନ୍ତି ମିଶ୍ରଙ୍କ 'ଆଗନ୍ତୁକ', ବନଜ ଦେବୀଙ୍କ 'ଫୁଲ ମନ ବୁଝେ', ଦାଶ ବେନହୁରଙ୍କ 'ବ୍ରହ୍ମରାକ୍ଷସ', ପରେଶ କୁମାର ପଟ୍ଟନାୟକଙ୍କ 'ସେମାନେ ହସୁଥିଲେ', ଶ୍ୟାମା ପ୍ରସାଦ ଚୌଧୁରୀଙ୍କ 'ପେଣ୍ଟିଂ', ସରୋଜିନୀ ସାହୁଙ୍କ 'କାଳପୁରୁଷ', କ୍ଷୀରୋଦ ଦାସଙ୍କ 'ମୋକ୍ଷ', ମଳୟ ମିଶ୍ରଙ୍କ 'ଧୂମକେତୁ', ସୁପ୍ରିୟା ପଣ୍ଡାଙ୍କ 'କୁଶବିଦ୍ଧ ଅଠାବନ', ରବି ପଣ୍ଡାଙ୍କ 'ଭଗ୍ନାବଶେଷ', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ମନ ଦହନ', ଗିରୀଶ ସାହୁଙ୍କ 'କବିର ବ୍ୟଥା' ଗଳ୍ପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ଭାବାବେଗ, ସଂଘାତ ଓ ସଂଘର୍ଷ, ଆଶା ଓ ଆକାଂକ୍ଷା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି । କାହାଣୀ ମାଧ୍ୟମରେ ମଣିଷର ମନର ବେଦନାବୋଧକୁ କଥାକାରମାନେ ଅତି ସମ୍ବେଦନଶୀଳ ଭାବେ ପ୍ରକାଶ କରିଛନ୍ତି । ସେହିପରି ଯୁବ କଥା ପ୍ରଦୀପ ନାୟକ, ବିରଜା ରାଉତରାୟ, ଜାକିର ଖାନ୍, ଲିପ୍‌ସା ପଟେଲ, ଭାଗିରଥୀ ବେହେରା, ମାତୃଦତ୍ତ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖଙ୍କ ଗପଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । 'ଶୋଭନା' ବିଶେଷ ଉତ୍ସବର କାହାଣୀଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ମୋ ମା'ର ଉପାସ



### କେଦାର ମିଶ୍ର

ଆଠକାଳି ବାରମାସୀ ମୋ ମା'ର ଉପାସ ।

ଅସୁମାରି ତା'ର ଓଷାବ୍ରତ
କେବେ ଏକାଦଶୀ, କେବେ ସଂକ୍ରାନ୍ତି
କେବେ କେଉଁ ଈଶ୍ୱର ଜନ୍ମ ନେଇଥିଲେ କେଉଁଠି
ହଜାର ବର୍ଷ ପରେ ମୋ ମା'
ଈଶ୍ୱରଙ୍କର ଜନ୍ମଦିନ ପାଳୁଛି
ଭୋକ ଉପାସରେ ଏଇଠି ।

ଅନ୍ନରେ ନୁହେଁ ଅନାହାରରେ ଗଢ଼ା
ମୋ ମା'ର ପିଣ୍ଡ
ତା' ପେଟରେ ଭୋକ ବଦଳରେ ପୁଣ୍ୟ
ତା' ଆଖିରେ ଜଗତର
ସବୁ ସବୁ ମଙ୍ଗଳ ବିଧାନ ।

ବେଳେ ବେଳେ ମୋତେ ଲାଗେ
ମୁଁ ଇ ମୋ' ମା'ର ଅପରାଧୀ
ମୋ ଲାଗି ତା'ର କେତେ କେତେ
କାଷ୍ଠା ଓ ନିର୍ଜଳା ଉପବାସ
ମୋ'ଠୁ ବେଶି ଅପରାଧୀ ମୋର ବାପା

ଯିଏ ଚାଳିଶ ବର୍ଷ ତଳୁ ପାଉଁଶ ହୋଇଗଲେଣି ମଶାଣିରେ
ତଥାପି ସେ ମୋ ମା'ର ପେଟରେ ଭୋକ ହୋଇ ଜଳୁଥାନ୍ତି
ପ୍ରତି ମାସ ବିଧବା ଉପାସରେ, ଏକାଦଶୀରେ ।

ମୋତେ ଦେବୀ ଦେବତାମାନେ ଘଣ୍ଟ ଘୋଡ଼େଇ ରଖନ୍ତୁ ବୋଲି
ନିରବଚ୍ଛିନ୍ନ ତା'ର ଉପାସ ଓ ଉପାସନା
ମୁଁ କିନ୍ତୁ ସନ୍ଦେହ କରି ଆସିଛି
ସବୁ ଦେବତାମାନଙ୍କୁ
ମୁଁ ଚିରକାଳ ଈଶ୍ୱରଙ୍କ ବିପକ୍ଷରେ ଠିଆ ହୋଇଥିବା କବି
ମୋ ମା' କିନ୍ତୁ ଈଶ୍ୱରଙ୍କ ଆଗରେ
ମୋତେ ଜୀବନ ଦେଉଥିବା
ଉପାସୀ ଦେହର ଦେବୀ ।

ବିନୋଦିନୀ ନିବାସ, ୨୬୫/୧୭୩୬ ଏ
ଶାସ୍ତ୍ରୀ ନଗର, ୟୁନିଟ -୪, ଭୁବନେଶ୍ୱର-୧



## ଘର



### ସୂର୍ଯ୍ୟସ୍ନାତ ତ୍ରିପାଠୀ

"ଘରଟିଏ ଗଢିବାର ଅଛି..."

ଏଇ ଗୋଟିଏ ସ୍ୱପ୍ନକୁ
ମାଂସଳ କୁଜଟିଏ ଭଳି
ପିଠିରେ ବୋହି, ସମୟର
ତତଲା ବାଲିରେ ଚାଲି ଆସିଲିଣି
କାହିଁ କେତେ ବାଟ!

ଏବେ, ଉତ୍ତରାକାଶରେ ଚମକୁଛି
ଯେଉଁ ଧ୍ରୁବତରା, ବୋଉର ଆଖିଦାଢ଼ରେ
ସେ ଢଳ ଢଳ ମୋତିଟିଏ ମାତ୍ର...

(ମାତ୍ର? ହାୟ,
ଏ ବହପ ଜିଭର...)

ବୋଉ ହୁଏତ ଜାଣେ ନାହିଁ,
ତା' ଓଠର ଧାରେ ଓଦା ହସ ପାଇଁ
ଖରାଠୁ ଲୁଚେଇ ମୁଁ ସାଇତି ରଖିଛି
ସବୁତକ ଶୋଷ ମୋର

ସେ ଜାଣେ ନାହିଁ,
ତା' କୋଳରେ ଏ ସଂସାରର
ଶେଷ ମରୁଝର!

ଓ ମରୀଚିକା?
ମରୀଚିକା ତ ବାହାନା କେବଳ,
ମୃତ୍ୟୁମୁହାଣକୁ ଏ ଯାତ୍ରା ମୋର!

ସେଇଠି ସ୍ୱପ୍ନଭଙ୍ଗ,
ସେଇଠି ହ୍ରଦଟିଏ ବହଳ
ରକ୍ତର...

ସିଦ୍ଧେଶ୍ୱରପୁର, କଟକ



## ମୁଁ କାହିଁକି ଲେଖେ



### ଚିରଶ୍ରୀ ଇନ୍ଦ୍ରସିଂ

# "ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି"

ମୋର ପ୍ରତି ମୁହୂର୍ତ୍ତର ବଞ୍ଚି ରହିବା, ଚାରିପଟର ମଣିଷମାନଙ୍କୁ କୌତୂହଳର ସହ ଦେଖିବା କେବଳ ମଣିଷ ନୁହେଁ, ମାନବେତର ଜୀବ ଜଗତକୁ ବୁଝିବାକୁ ଆଗ୍ରହ ରଖିବା, କଳ୍ପନାର ଉଡ଼ାଣ ଲଗାଇ ଦେଖି ପାରୁ ନଥିବା ବିଶ୍ୱବ୍ରହ୍ମାଣ୍ଡ ସହିତ ଯୋଡ଼ି ହୋଇ ରହିବାକୁ ଇଚ୍ଛା କରିବା, ନିଜର ସତ୍ତା ଓ ଅନ୍ୟ ଅନେକଙ୍କର ସମ୍ଭାବନାର, ସମୃଦ୍ଧିର, ସୁଖର ବାଟ ଓଗାଳି ଠିଆ ହୋଇଥିବା ଅନ୍ୟାୟ, ଅନୀତି, ଅନ୍ଧବିଚାର ଓ ବିଶ୍ୱାସମାନଙ୍କୁ ପ୍ରଶ୍ନ କରିବା, ଭିତରର ନାନା ଭୀରୁତା, ଭୟ, କ୍ରୋଧ ଓ କାରୁଣ୍ୟ ସତ୍ତ୍ୱେ ଆପାତତଃ ସ୍ୱାଭାବିକ ଜୀବନ ଯାତ୍ରା ଜାରି ରଖିବାର ଅଭିନୟ କରିବା - ଏମିତି ନାନା କଥା ସହ ଛନ୍ଦାଛନ୍ଦି ହୋଇ ରହିଛି ମୋର ଲେଖାଲେଖିର ଗୁମର ।

ସମାଜ ଓ ସାମାଜିକ ଘଟଣା ସବୁକୁ ମୁଁ ଦେଖିଛି ଖୋଲା ଆଖିରେ । ଆପ୍ରାଣ ଚେଷ୍ଟା କରିଛି କ୍ଷମତା ଓ ଖ୍ୟାତିର ଖାତା ଖତିୟାନା ଭରି ରହିଥିବା ଖମାର ଘର ପାଖରେ ନିଉଛାଳି ହୋଇ ଠିଆ ନହେବା ପାଇଁ । ମୋ ଗାଁ, କୈଶୋରରେ ବାପାଙ୍କ ସହ ତାଙ୍କର ଚାକିରି ଜାଗାମାନଙ୍କରେ ପାଠ ପଢ଼ିଥିବା ବିଦ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସ ସବୁର ପରିବେଶ, ମୋର ଚାକିରି ଜାଗା, ବିଭିନ୍ନ ଅବସରରେ ଭେଟିଥିବା କିଛି ଅସାଧାରଣ ଚରିତ୍ର, ମୋର ପରିଚିତ ଓ ପ୍ରିୟ ମଣିଷମାନେ, ମୋର ଜୀବନ ବଞ୍ଚିବାର ଅନୁଭୂତି ଓ ମୋର ସ୍ୱପ୍ନ ପ୍ରବଣତା- ଏସବୁ ମୋର ଲେଖାଲେଖିରେ ରହନ୍ତୁ ବୋଲି ମୁଁ ଇଚ୍ଛା କରିଛି । ରାତି ଅଧରେ, ସେତେବେଳେ ବିଜୁଳି ସଂଯୋଗ ହୋଇ ନଥିବା ମୋର ପଲ୍ଲୀ ଗାଁରେ,ଯେଉଁଠି ଥିଲା ଗଡ଼ଜାତି ମେଘ-ରାତିର ଅନ୍ଧାର ସେମିତି ସମୟରେ କେବେ କେବେ ମୋ ବୋଉ ଏକୁଟିଆ ମନକୁ ମନ ଗାଉଥିଲା 'ପ୍ରଣୟବଲ୍ଲରୀ', 'କୀଚକବଧ', 'ଚିଲିକା' ବା 'ଧୂପ'ର ପଦ ପରେ ପଦ । ସେଇ ଶିହରଣ ମିଶି ଯାଇଚି ମୋର ପ୍ରାଣ-ପବନରେ ଓ ମୁଁ ବି କବିତା ଗୁଣୁଗୁଣୁ ହୋଇଛି । ପଦ ଯୋଡ଼ିଛି, ସ୍ୱର ଖଞ୍ଜିଛି । ଲୋଡ଼ିଛି ବ୍ୟାକୁଳ ଭାବରେ, କବିତାରେ ରହୁ ବୋଲି ମୋର ଭଲ ପାଇବା, ମୋର ଭାବଅଭାବ, ମୋର ବିଦ୍ରୋହ ଓ ମୋର ବିଭୋରପଣର ବିନ୍ୟାସ ଓ ବିଳାସ ।

ବହୁତ ସାନ ବୟସରେ, ପଞ୍ଚମ ଷଷ୍ଠ ଶ୍ରେଣୀ ବେଳକୁ କବିତା ଲେଖିବା ଆରମ୍ଭ କରିଥିଲି । ଦୁଇ ତିନି ଧାଡ଼ି ଲେଖିସାରିଲା ବେଳକୁ ଅନାବନା କରି, ପାଦ ତଳେ ଫୁଟି ଯାଉଥିଲା ସତେ କି ଶହେ ଭାର ପଦ୍ମ । ଖୁସି, କେବଳ ଖୁସି । ସେ ଖୁସିର ତୁଳନା ନାହିଁ, ବିକଳ୍ପ ନାହିଁ । ଜାଣେ, ସେ ଖୁସି ଆଉ ଥରେ ଜୀବନକୁ ଫେରି ଆସିବାର ନାହିଁ । ସେଇ ଖୁସିକୁ କିନ୍ତୁ ମୁଁ ଏବେ ବି ଖୋଜେ, ଖୋଜୁ ଥାଏ ।

ଘରେ ବାପାବୋଉ ଅନେକ ପତ୍ରପତ୍ରିକା କିଣନ୍ତି । ଗାଁକୁ ଗଲେ ଛୁଟିରେ, ସନ୍ଧ୍ୟାରେ ପଢ଼ିବାକୁ ପଡ଼େ ଭାଗବତ । ଛପା ଅକ୍ଷରରେ ପୁରାଣ ହେଉ କି ପ୍ରେମକଥା, ମନରେ ଲୋଭ ଜଗାଏ । ମୋର ଗୀତ ବି ଛପା ହେଉ । ପଠେଇ ଦିଏ କେବେ କେବେ ଡାକରେ । କଟକ,ଭୁବନେଶ୍ୱର ଅନେକ ଦୂର । ଛପା ହେଲା କି ନାହିଁ ଜଣାପଡ଼େନି । ପୋଷ୍ଟକାର୍ଡରେ ଚିଠି ପହଞ୍ଚିଛି କେତେ ଥର ଭଲ ଲାଗିଲା ଗୀତ । କୋଉ ପତ୍ରକା, କ'ଣ, କିଛି ଜଣାପଡ଼େ ନାହିଁ । ଦିନେ ଦେଇଗଲା ଡାକବାଲା - 'କୁନିକଥା' । ଭିତରେ ମୋର ଛପା ଅକ୍ଷରରେ ଲେଖା କବିତା - 'ଟିକି ଦିଅଁ ମୋର ଟିକି ଦିଅଁ' । ସେଦିନ ମୁଁ ଦ୍ୱିଜ ହେଲି, ଜନ୍ମ ନେଲି ଆଉ ଥରେ ।

ମୋ ବୋଉ ମୋର ଶବ୍ଦର ଠାକୁରାଣୀ । ଅତି ସାଧାରଣ ଘରକରଣା ଭିତରେ କେମିତି ଜଣେ ଶବ୍ଦ ଓ ସ୍ୱରର ବିଭବ ଓ ବିଚିତ୍ରତାକୁ ନିଜ ବ୍ୟକ୍ତିତ୍ୱରେ ଧାରଣ କରି ରାଜରାଣୀ ପରି ବଞ୍ଚେ, ବଞ୍ଚିପାରେ- ସେ ତା'ର ଉଜ୍ଜ୍ୱଳ ଉଦାହରଣ । ତା' ପରି ସହଜ ଖୁସି ଓ ସହଜ କଥା ନୁହେଁ ମୋ ପାଇଁ ଲେଖାଲେଖି । ମୋ କାମଟି ନିଜକୁ ଦର୍ପଣରେ ଦେଖିବାର ସହଜ ସ୍ମିତ ନୁହେଁ, ଏ କାମରେ ଅନ୍ୟର ମୁହଁ ପାଖରେ ବି କେବେକେବେ ମୁଁ ଥୋଇ ଦିଏ ଦର୍ପଣ, ଏ କାମରେ ଭଲ କଥାକୁ ଭୁଲ ବୁଝିବାର ଭୟ ଥାଏ, ଥାଏ ବି ଦର୍ପଣ ପଛପଟରୁ ପାରଦ ଖସି ଯାଇଥିବାର ବିକଳ ବିଡ଼ମ୍ବନା ।

ପେଟ ପୋଷିବା ପାଇଁ ମୁଁ ରାଜନୀତି ବିଜ୍ଞାନ ପ୍ରତିଦିନ ପଢ଼ାଏ । ରାଜନୀତି ବିଜ୍ଞାନ ଶାସ୍ତ୍ରଟିକୁ ଧର୍ମାଚାର ପରି ପ୍ରତିଦିନ ପଢ଼ିଛି ବୋଲି କହି ପାରିବି ନାହିଁ । କିନ୍ତୁ ଏଇ ସମାଜଶାସ୍ତ୍ର ସମାଜକୁ ବୁଝିବାରେ ମତେ ସାହାଯ୍ୟ କରିଛି । ମୋର ରହିବା ଜାଗା ସବୁ ଏମିତି ଯେ, ସେଠୁ ଗାଁ ବି ଦିଶେ, ସହର ବି ଦିଶେ । ଗାଁ ସବୁ ଦ୍ରୁତ ଗତିରେ ଧାଇଁ ଥାଆନ୍ତି ସହର ମୁହାଁ । ଆଧୁନିକ ଜୀବନର ବାସ୍ତବତା, ଦୁନିଆଁର ଦୂଷଣ, ସୌଜନ୍ୟ ଓ ସୀମାବଦ୍ଧତାର ସଚେତନତା, ଭଲପଣର ଅସହାୟତା ଇତ୍ୟାଦିକୁ ଦେଖୁଥାଏ ମୁଁ । ଯାହା ଭାବିଛି, ଯାହା କହିବାକୁ ଚାହିଁଛି, କିଛି ଦଶନ୍ଧି ତଳେ ସବୁ କଥା କହିପାରିନି, ତେବେ ନିଜର କୁଣ୍ଠା ସବୁକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି ଅକ୍ଳାନ୍ତ । ଅନ୍ୟ କାହର ଚଷମା ପିନ୍ଧି ଦେଖି ନାହିଁ ଘଟଣାମାନଙ୍କୁ କି ନିଜକୁ । ଯୋଉଠି ଯାହା ଯେମିତି ଲୋଡ଼ା ପଡ଼ିଛି, ସେଇଭଳି ଭାଷା, ଶୈଳୀ, ବର୍ଣ୍ଣନା ଓ ଶବ୍ଦ ଖୋଜି ଆଣିବାକୁ ଅଣ୍ଟା ଭିଡ଼ି ବାହାରି ପଡ଼ିଛି । କଞ୍ଚା, ନିରୁତା, ଆଟୋପହୀନ, ଆଡ଼ମ୍ବରହୀନ ଅଥଚ ଜୀବନର ପାଖାପାଖି ରଖିବାକୁ ଚାହିଁଛି ମୋର ଅନୁଭବ- ମୋର ପାଠକମାନଙ୍କ ପାଖରେ ।

ପୃଥିବୀ ବଦଳି ଚାଲିଛି । ରାଜନୀତିର ବାମ, ଡାହାଣ ଓ ମଧ୍ୟମ ପନ୍ଥାର ପାଗଳାମୀ, ମହାବାତ୍ୟା, ମହାମାରୀ, ତୃତୀୟ ଲିଙ୍ଗ ବିଚାର, ଜଗତୀକରଣ- କେତେ ବିରୋଧାଭାଷ, ବିକଳ୍ପ ଓ ବିଭିନ୍ନତା । ନିଜେ ନାରୀ ହୋଇଥିବାରୁ ଏସବୁ ଭିତରେ ନାରୀର କଥା, ସୀମାନ୍ତରିତ ମଣିଷମାନଙ୍କର କଥା ଆସିଛି ମୋ ଲେଖାଲେଖି ଭିତରକୁ । ଯଥାସମ୍ଭବ ଏଡ଼େଇ ଯାଇଛି ଉତ୍ତାପ ଓ ଉତ୍ତେଜନା ଭରା କେଉଁ ଗୋଠଛଡ଼ା କଥାକୁ ଗୁରୁତ୍ୱ ଦେବା ।

ନାନାଦି ଦୁଃଖରେ ଭରା ମଣିଷର ଜୀବନ । ଅଳ୍ପ ମଣିଷ ବହୁ ମଣିଷଙ୍କୁ ଦୁଃଖ ପାଇବାର କାରଣ ହୁଅନ୍ତି । ମଣିଷଙ୍କୁ ଭଲ ପାଇ ସାହିତ୍ୟ ଲେଖିବାକୁ ଗଲେ ସେଇ ଦୁଃଖର ତୋଡ଼ ବି ଛାତିରେ ବାଜେ । ଦୋଷୀ ଦୋଷୀ ଲାଗେ ବୁଝି ପାରିଲାରୁ ଯେ, ଦ୍ରୋହ ଓ ଦରଦକୁ ଧରି ରଖିବାକୁ ଅକୁଳାଣ ହେଉଛି ମୋର ସାମର୍ଥ୍ୟ!

ଜୀବନରେ ଓ ଜଗତରେ ଅନେକ କ୍ଷତ ଚିହ୍ନ ।

କ୍ଷତିରେ ଚାଲିଛି ସମୟ ।

ନିଜକୁ ଯଦି ପଚାରୁଛି ଯେ, କାହିଁକି ମୁଁ ଲେଖୁଛି (ଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଏଡ଼େଇ ଯାଇଛି ବହୁ ଥର । ଭୟ ଲାଗିଛି ଯେ, ନିଜ ବିଷୟରେ କହିବା ହେଇପାରେ ଅତିଶୟୋକ୍ତି, ହେଇ ବି ପାରେ କୁଣ୍ଠିତ ଅର୍ଦ୍ଧସତ୍ୟ) ମତେ ଲାଗୁଛି ଯେ ସମୟର ପଲାରେ କିଛି ଭଲ ଅନୁଭବ ରଖିଦେବା ପାଇଁ ମୁଁ ଲେଖୁଛି । କ୍ଷତମାନଙ୍କରେ ଛୁଆଁଇ ଦେବା ପାଇଁ ଭଲ ପାଇବାର ମଲମ ଓ ସାହାଯ୍ୟ କରିବାକୁ ମଣିଷକୁ ଓହ୍ଲେଇ ଦେବାକୁ ତା' ଆଖିରୁ ଅନ୍ଧାର, ଲେଖୁଛି ମୁଁ । ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି ମୁଁ, ଲେଖୁଛି ନିଜେ ବଞ୍ଚି ରହିଛି ବୋଲି ବୁଝି ପାରିବା ପାଇଁ ।

ଅଡ଼ଶପୁର, କଟକ
ପିନ୍:୭୫୪୦୧୧
ମୋ:୮୦୧୮ ୪୨୦୫୧୭

**ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଟ୍ରକ୍ ଚାଳକର ଅପହରଣ**

## ଭଦ୍ରକରୁ ପୀଡ଼ିତା ଉଦ୍ଧାର; ଝୁମ୍ପୁରାରୁ ଟ୍ରକ୍ ସହ ଅଭିଯୁକ୍ତ ଗିରଫ



ଭଦ୍ରକ, ୪।୧୦ (ସମିସ): ବିଳମ୍ବିତ ରାତ୍ରିରେ ଭଦ୍ରକ ଚରମ୍ପାରୁ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଅପହରଣ କରିନେବା ଅଭିଯୋଗରେ ଭଦ୍ରକ ପୁଲିସ ଅଭିଯୁକ୍ତ ଟ୍ରକ୍ ଚାଳକ ଏମ୍.ଡି ସଦ୍ଦାମ ହୁସେନକୁ ଗିରଫ କରିଛି। ତା' ଘର ବିହାର ଅଞ୍ଚଳରେ। ଏହାସହ ପୁଲିସ୍ ଭଦ୍ରକ-ବନ୍ତ ରାସ୍ତା ରାନ୍ଦିଆ ଛକ ରାସ୍ତା କଡ଼ରୁ ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରିଛି। ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ସେ ଦୁଷ୍କର୍ମ କରିବା ପରେ ରାସ୍ତାକଡ଼ରେ ଫିଙ୍ଗି ଦେଇଥିବା ପୁଲିସ୍ ସନ୍ଦେହ କରୁଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଏହା ସ୍ପଷ୍ଟ ହେବ। ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୨ ତାରିଖ ରାତି ପ୍ରାୟ ୧୨ଟା ୫୦ରେ ବର୍ଷା ଦାଉରୁ ରକ୍ଷା ପାଇବାକୁ ରାସ୍ତାକଡ଼ରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ଏକୁଟିଆ ଛିଡ଼ା ହୋଇଥିଲେ। ଏହି ସମୟରେ ଟ୍ରକ୍ ନେଇ ସେହି ବାଟ ଦେଇ ଯାଉଥିବା ସଦ୍ଦାମ ତାଙ୍କୁ ଟେକିନେଇ ଟ୍ରକ୍‌ରେ ଅପହରଣ କରିଥିଲା। ହେଲେ, ଏହାର ଦୃଶ୍ୟ ସ୍ଥାନୀୟ ଏକ ସିସିଟିଭିରେ କଏଦ୍ ହୋଇଯାଇଥିଲା। ସକାଳୁ ସୋସିଆଲ ମିଡିଆରେ ଏହି ଦୃଶ୍ୟ ଘୂରି ବୁଲିବା ପରେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଅଭିଯୁକ୍ତକୁ କେନ୍ଦୁଝର ଝୁମ୍ପୁରାରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ବ୍ୟବହୃତ ଟ୍ରକକୁ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଅନ୍ୟପଟେ ମାନସିକ ଭିନ୍ନକ୍ଷମ ମହିଳାଜଣଙ୍କ ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ସେ ଘଟଣାକୁ ନେଇ କୌଣସି ସ୍ପଷ୍ଟ କଥା କହୁ ନଥିଲେ ମଧ୍ୟ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସନ୍ଦେହ କରାଯାଇଛି। ସେହିଭଳି ପାରିପାର୍ଶ୍ୱିକ ସ୍ଥିତି ଓ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ବେହେରା କହିଛନ୍ତି। ଏନେଇ ଟ୍ରକ୍ ମାଲିକ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି, ଗତ ୩ମାସ ହେବ ଅଭିଯୁକ୍ତ ତାଙ୍କ ଟ୍ରକ୍ ଚଳାଉଥିଲା।

**■ ଗରିବଙ୍କ ଅର୍ଥ ଆତ୍ମସାତ୍ କରି ପୋଷ୍ଟମାଷ୍ଟର ଫେରାର୍**

## ଓଭରସିଅରଙ୍କୁ ଅଟକ ରଖିଲେ ଜମାକାରୀ



ବାରିପଦା, ୪।୧୦ (ସମିସ): ବାଙ୍ଗିରିପୋଷି ଥାନା ଅଧୀନ ଅସନା ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ବିନୋଦ ନାଏକ ସ୍ଥାନୀୟ ଗ୍ରାମବାସୀଙ୍କ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଜମା ଟଙ୍କା ନେଇ ଫେରାର୍ ହୋଇଯିବାକୁ ମାସେ ବିତିଗଲାଣି। କିନ୍ତୁ ଏଯାଏ ପୁଲିସ କିମ୍ବା ଡାକ ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ତାଙ୍କ ଟେର୍ ମଧ୍ୟ ପାଇନାହାଁନ୍ତି। ଏହାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଆଜି ଜମାକାରୀମାନେ ପୋଷ୍ଟାଲ ମେଲ ଓଭରସିଅର୍ ଅଶୋକ କୁମାର ଦେଙ୍କୁ ଅଟକ ରଖିଥିଲେ। ଶ୍ରୀ ଦେ ଅଭିଯୋଗ ଶୁଣିବାକୁ ଆସିଥିବା ବେଳେ ଜମାକାରୀମାନେ ତାଙ୍କ ହାତ ବାନ୍ଧି ଅଟକ ରଖିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୁଲିସ ଶ୍ରୀ ଦେ'ଙ୍କୁ ଉଦ୍ଧାର କରିଥିଲା। ତେବେ ଶୀଘ୍ର ଟଙ୍କା ଫେରସ୍ତ ନ ପାଇଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସମସ୍ତେ ଚେତାବନୀ ଦେଇଛନ୍ତି ଜମାକାରୀ।

ସୂଚନାଯୋଗ୍ୟ, ଫେରାର୍ ପୋଷ୍ଟମାଷ୍ଟର୍ ଶ୍ରୀ ନାଏକ ଗରିବ ଆଦିବାସୀ ଜମାକାରୀଙ୍କର ପ୍ରାୟ ୧୦ଲକ୍ଷରୁ ଅଧିକ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି। ଏ ସଂପର୍କରେ ସେପ୍ଟେମ୍ବର ୫ତାରିଖରେ ବାଙ୍ଗିରିପୋଷି ଥାନାରେ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡ଼ବଡ଼ିଆଙ୍କୁ ହାତ...

ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଲା ଓ ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ କିପରି ପଞ୍ଚସଫ୍ଟକୁ ସବ୍ କଣ୍ଟ୍ରାକ୍ଟ ଦେଇଛି ତାହା ସନ୍ଦେହ ଘେରରେ। ଏହି ସବ୍‌ଲେଟିଂ ଘଟଣା ସମ୍ପର୍କରେ ଓପିଆର୍‌ବିକୁ ସୂଚନା ମିଳିଥିଲା କି ନାହିଁ ଓ ଯଦି ମିଳିଥିଲା, ତେବେ ସରକାରଙ୍କ କେଉଁ ନିର୍ଦ୍ଦେଶ ବଳରେ ଓପିଆର୍‌ବି ଏହି ଅନୁମତି ଦେଇଥିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାକିରି ବିକ୍ରି ଘଟଣାରେ ସିଲିକନ୍ ଓ ପଞ୍ଚସଫ୍ଟର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ମାତ୍ର ସିଲିକନ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଶାଶ୍ୱତୀ ମିଶ୍ର, ଶ୍ରୀନିବାସଭେଙ୍କଟରମଣା ଇରାଙ୍କି ଓ ସମୀର କୁମାର ରଥ, ପଞ୍ଚସଫ୍ଟର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି ଓ ଦିପ୍ତିମୟୀ ସାହୁଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଘଟଣାକୁ ୫ଦିନ ଅତିକ୍ରମ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ପାରିନି। ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ହାତ ଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହୋଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୯୩୩ଟି ଏସ୍‌ଆଇ ପଦ ମଧ୍ୟରୁ ପ୍ରାୟ ୫୦୦ ପଦ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ସାରା ରାଜ୍ୟରେ ଚାକିରି ଦଲାଲମାନଙ୍କୁ ସକ୍ରିୟ କରାଯାଇଥିଲା। ଗଞ୍ଜାମଠାରୁ ଆରମ୍ଭ କରି ବାଲେଶ୍ୱର, ବଲାଙ୍ଗିର ଓ ମାଲକାନଗିରି ପର୍ଯ୍ୟନ୍ତ ଜାଲ ବିଛାଇ ପରୀକ୍ଷାର୍ଥୀ ଯୋଗାଡ଼ କରିଥିଲେ। ବୌଦ୍ଧ ଜିଲ୍ଲା ବୁଟୁପାଲିର ପ୍ରଭୁଦତ୍ତ ମହାରଣା ଓ ତାଙ୍କ ସାନ ଭାଇ ସମ୍ୟକ ମହାରଣା ଟଙ୍କା ଦେଇ ଚାକିରି କରିବାକୁ ଉଦ୍ୟମ କରିଥିବାବେଳେ ବଲାଙ୍ଗିର ଜିଲ୍ଲା ମୁରିବାହାର ଥାନା ପତ୍ରାପାଲିର ମୁନ୍‌କି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହ୍ଲାଦ ନାଗ ମଧ୍ୟ ଧରା ପଡ଼ିଛନ୍ତି। ସେହିପରି ଏକାଧିକ ରାଜନୈତିକ ବ୍ୟକ୍ତି ମଧ୍ୟ ଚାକିରି କରିବା ପାଇଁ ଯାଉଥିବାବେଳେ ଧରାପଡ଼ିଛନ୍ତି। କଟକ ଜିଲ୍ଲାରୁ ସର୍ବାଧିକ ୩୩ଜଣ ଆଶାୟୀ ପ୍ରାର୍ଥୀ ଧରାପଡ଼ିଥିବାବେଳେ ଗଞ୍ଜାମରୁ ୨୫, ଢେଙ୍କାନାଳରୁ ୧୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭, ନୟାଗଡ଼ରୁ ୫, ପୁରୀରୁ ୪, ବୌଦ୍ଧ ଓ କେନ୍ଦ୍ରାପଡ଼ାରୁ ୩ ଲେଖାଏଁ ଏବଂ ସୋନପୁର, ଭଦ୍ରକ, ଯାଜପୁର, ବାଲେଶ୍ୱର, କଳାହାଣ୍ଡି ଓ ବଲାଙ୍ଗିରରୁ ୨ ଜଣ ଲେଖାଏଁ ଆଶାୟୀ ଧରା ପଡ଼ିଛନ୍ତି। ସେହିପରି ଅନୁଗୋଳ, କେନ୍ଦୁଝର, ରାୟଗଡ଼ା ଓ ନୂଆପଡ଼ାରୁ ଜଣେ ଲେଖାଏଁ ପ୍ରାର୍ଥୀ ବନ୍ଧା ହୋଇଛନ୍ତି।

### ପଞ୍ଚସଫ୍ଟର ୩ଟି ଅଫିସ ସିଲ୍

ଚାକିରି ବେପାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ଚଳାଇଥିବାବେଳେ ଏସ୍‌ପି ଅନୀଲ ବେହୁରିଆ ଏହାର ତତ୍ତ୍ୱାବଧାନ କରୁଛନ୍ତି। ତେବେ ଏହାର ତଦନ୍ତ ଦାୟିତ୍ୱ ଡିଏସ୍‌ପି ରତ୍ନପ୍ରଭା ଶପଥୀଙ୍କୁ ପ୍ରଦାନ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆରବିଠୁ କାମ ନେଇଥିବା ସଂସ୍ଥା ସିଲିକନ୍ ମାଲିକ ସମେତ ୫ଜଣକୁ ପଚରାଉଚରା କରିଛି ଆଜି କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଏହା ସହ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ଥିବା ପଞ୍ଚସଫ୍ଟ ସହ ଅନ୍ୟ ୩ ଅଫିସ ସିଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଫେରାର ଥିବା ଶଙ୍କର ପୃଷ୍ଟି ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ବୋଲି କୁହାଯାଉଛି। ଶଙ୍କର ଘର ଗଞ୍ଜାମ ଶେରଗଡ଼ ଅଞ୍ଚଳରେ ବୋଲି ସୂଚନା ମିଳିଛି।

### ମିଛ ଧରାଇଦେଲା...

ଯାତ୍ରୀମାନେ ପ୍ରକୃତରେ ସାଧାରଣ ଯାତ୍ରୀ ନୁହଁନ୍ତି, ବରଂ ପୁଲିସ୍ ଏସ୍‌ଆଇ ଚାକିରି ଆଶାୟୀ ଥିବା ଶ୍ରୀକାକୁଲମ୍ ପୁଲିସ ଜାଣିବାକୁ ପାଇଥିଲା। ସେମାନେ ବିଜୟନଗରମ୍‌ରେ ପରୀକ୍ଷା ନିମନ୍ତେ ମକ୍ ଟେଷ୍ଟ ବା ପ୍ରଶ୍ନପତ୍ର ଅଭ୍ୟାସ କରିବାକୁ ଯାଉଥିଲେ ବୋଲି ବିବେକାନନ୍ଦ କହିଥିଲେ। ଶ୍ରୀକାକୁଲମ୍ ପୁଲିସ୍‌ର ଏହି ତଥ୍ୟ ଓଡ଼ିଶାରେ ଶାସକ ଦଳକୁ ସୁରକ୍ଷା ଦେବା ନିମନ୍ତେ ଚାଲିଥିବା ପ୍ୟାଚ ପକା ଉଦ୍ୟମକୁ ପାଣିଚିଆ କରି ଦେଇଛି।

### ଭସାଣିରେ ଗୋଷ୍ଠୀ...

୩ କନେଷ୍ଟବଳଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କମିଶନର ଏସ୍. ଦେବଦତ୍ତ ସିଂ ଏବଂ ଅତିରିକ୍ତ କମିଶନର ନରସିଂହ ଭୋଳ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି। ସେଠାରେ ୨କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ କଟକ ସହର ଏବଂ ପାର୍ବଣ ପରିଚାଳନାରେ ଅଭିଜ୍ଞତା ଥିବା ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀଙ୍କୁ ଭସାଣି ଶୋଭାଯାତ୍ରାରେ ନିୟୋଜିତ କରା ନଯିବାରୁ ଏଭଳି ଭୟାନକ ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ବିଶେଷକରି ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ଭସାଣି ପରିଚାଳନା ଗଣ୍ଡଗୋଳର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ସୋସିଆଲ୍ ମିଡିଆରେ ଏହି ଗଣ୍ଡଗୋଳ ଘଟଣାକୁ ନେଇ ପରସ୍ପର ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ କରାଯାଉଥିବା ବେଳେ ପୁଲିସ ପାଇଁ ଏହା ଚିନ୍ତା ବଢ଼ାଇ ଦେଇଛି।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୨ଟାରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବାହାରି ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲା। ଶୋଭାଯାତ୍ରାରେ ବାଜୁଥିବା ନିର୍ଦ୍ଦିଷ୍ଟ ଗୀତକୁ ଦରଘାବଜାର ଅଞ୍ଚଳରେ ସ୍ଥାନୀୟ କିଛି ଲୋକ ବିରୋଧ କରିଥିଲେ। ଏହାପରେ ଦରଘାବଜାର ଜେଲ୍ ରୋଡ୍‌ର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ କାଚ ବୋତଲ ଓ ଢେଲା ପଥର ମାଡ଼ ହୋଇଥିଲା। ଶୋଭାଯାତ୍ରାକାରୀ ମଧ୍ୟ ଢେଲା ପଥର ମାଡ଼ କରିଥିଲେ। ଫଳରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଘଟଣାସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସେଠାରେ ଥିବା ଗାଡ଼ି ମୋଟର ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିବା ପରେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ରାଉସାପାଟଣା ମେଢ଼ ଆସିବା ବେଳେ ଦରଘାବଜାର ଅଞ୍ଚଳରେ ପୁଣି ଢେଲା ପଥର ମାଡ଼ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ପୁଲିସ ଲାଠିଚାର୍ଜ କରିବାକୁ ବାଧ୍ୟ ହୋଇଥିଲା। ପୁଲିସର ମାଡ଼ରେ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଛକାପଞ୍ଝା ଲାଗି ରହିଥିଲା। ପୁଲିସ ଭୟରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳରୁ ନିବୃତ୍ତ ରହିଥିଲେ। ତଥାପି ଉତ୍ତେଜନା କମି ନଥିଲା। ଏହି ଗଣ୍ଡଗୋଳରେ ଊଣାଅଧିକେ ୩୦ରୁ ଅଧିକ ଶୋଭାଯାତ୍ରାକାରୀ ଓ ଜନସାଧାରଣ ଆହତ ହୋଇଥିବା ସୂଚନା ମିଳିଛି।

କଟକ ଇତିହାସରେ ଭସାଣି ଶୋଭାଯାତ୍ରାରେ ଏଭଳି ବଡ଼ଧରଣର ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିନଥିଲା। ଏହି ଗଣ୍ଡଗୋଳ ପ୍ରତିବାଦରେ ଶୋଭାଯାତ୍ରାରେ ଆସୁଥିବା ଲୋକ ରାସ୍ତା ଉପରେ ଧାରଣାରେ ବସିବା ସହ ଭସାଣ ଶୋଭାଯାତ୍ରା ବନ୍ଦ କରି ଦେଇଥିଲେ। ବିସର୍ଜନ ନ ହୋଇ ଅନେକ ମେଢ଼ ରାସ୍ତା ଉପରେ ଅଟକି ରହିଥିଲା। ଆଜି ପୁଲିସର ସ୍ୱତନ୍ତ୍ର ସୁରକ୍ଷାବଳୟ ମଧ୍ୟରେ ସମସ୍ତ ମେଢ଼କୁ ଦେବୀଗଡ଼ାରେ ବିସର୍ଜନ କରାଯାଇଛି। ସେହିପରି ନିମ ସାହିରେ ରାଉସପାଟଣା ଦୁର୍ଗା ମେଢ଼ ଅଟକି ରହିଥିଲା। ଗତ ରାତିରେ ଆକ୍ରମଣକୁ ନେଇ ଆଜି ଶତାଧିକ ପୂଜା କମିଟି ସଦସ୍ୟ ଧାରାଣାରେ ବସି ରହିଥିଲେ। ଆଜି ପୁଲିସ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏଭଳି ନିନ୍ଦନୀୟ ଘଟଣାର ଦୃଢ଼ ନିନ୍ଦା କରି ଆସନ୍ତା ସୋମବାର କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିଷଦ ଦୃଢ଼ ଦାବି କରିଛି। ଏହି ବନ୍ଦକୁ ବିଜେପି ସମର୍ଥନ କରିଛି।

### ୪ ଦିନ ହେଲା...

ଆଶଙ୍କା ରହିଛି। ବିଭିନ୍ନ ଦେଶ ଉପରେ ଟ୍ରମ୍ପଙ୍କ ଅତ୍ୟଧିକ ଶୁଳ୍କ ନୀତି ଯୋଗୁଁ ଆମେରିକାର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ବେଳେ 'ସଟ୍ ଡାଉନ୍' ପରିସ୍ଥିତିକୁ ଆହୁରି ବିଗାଳି ଦେବ। ତେବେ ବର୍ତ୍ତମାନ ଯେଉଁ ସଙ୍କଟ ସୃଷ୍ଟି ହୋଇଛି, ସେଥିରେ ବିଶେଷ କରି ଅଣ-ଅତ୍ୟାବଶ୍ୟକ ସେବା ବନ୍ଦ ହୋଇଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କ କାମ ଅତ୍ୟାବଶ୍ୟକ ସେବାରେ ଯାଉନି, ସେମାନଙ୍କୁ ଛୁଟିରେ ଯିବାକୁ କୁହାଯାଇଛି। ଦେଶରେ ସମସ୍ତ ପାର୍କ ଓ ମ୍ୟୁଜିୟମ ବନ୍ଦ ହୋଇଯାଇଛି। ଅନେକ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ହୋଇଯିବ। ବିକାଶମୂଳକ କାମରେ ଲାଗିଥିବା ଠିକା ସଂସ୍ଥା ସେମାନଙ୍କର କାମ ବନ୍ଦ କରିଦେଇଛନ୍ତି। ପାସପୋର୍ଟ ଓ ଭିସାରେ ନିୟୋଜିତ ଅଧିକାଂଶ କର୍ମଚାରୀଙ୍କୁ ଛୁଟିରେ ଯିବାକୁ କୁହାଯାଇଥିବାରୁ ଏହି ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପାସପୋର୍ଟ ଏବଂ ଭିସା ସେବା ଜାରି ରହିଥିଲେ ମଧ୍ୟ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏବେ ସମସ୍ତ ଗବେଷଣା ପ୍ରକଳ୍ପକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେବଳ ଏତିକି ନୁହେଁ, ଦେଶର ମହାକାଶ ଗବେଷଣା ସଂସ୍ଥା 'ନାସା'କୁ ମଧ୍ୟ ବର୍ତ୍ତମାନ ପାଇଁ ବନ୍ଦ କରିଦିଆଯାଇଛି। କେବଳ ଉପଗ୍ରହ ଓ ମହାକାଶରେ ଥିବା କେନ୍ଦ୍ରକୁ ଚାଲୁ ରଖିବା ପାଇଁ କ୍ରିଟିକାଲ୍ ଅପରେସନ୍ ଜାରି ରହିବ। ହସପିଟାଲ ଭଳି ଅନେକ ଅତ୍ୟାବଶ୍ୟକ ସେବା ଜାରି ରହିଥିଲେ ମଧ୍ୟ କର୍ମଚାରୀଙ୍କୁ ଏବେ ଦରମା ମିଳିବାର ସମ୍ଭାବନା କମ୍ ବୋଲି କୁହାଯାଉଛି।

### ବିମାନବନ୍ଦରରୁ ପୁଣି...

ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ଦେଇ ବିଦେଶରୁ ବ୍ୟାପକ ପରିମାଣରେ ଏହିଭଳି ନିଶାଦ୍ରବ୍ୟ ଚାଲାଣ ହେଉଛି। କଷ୍ଟମ ବିଭାଗ ଯଦିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତଥାପି ଆହୁରି ଅନେକ ନିଶାଦ୍ରବ୍ୟ ଚାଲାଣକାରୀ ଖସିଯାଉଥିବାର ସନ୍ଦେହ କରାଯାଉଛି। ଗତ ଅଗଷ୍ଟ ୨୩ ତାରିଖରେ ମଧ୍ୟ ଭୁବନେଶ୍ୱର ବିମାନବନ୍ଦରରୁ କଷ୍ଟମ୍ ଅଧିକାରୀମାନେ ୪ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ ମାରିଜୁଆନା ଜବତ କରିଥିଲେ। ବ୍ୟାଙ୍କକରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ବିମାନରେ ଜଣେ ଯୁବକ ଓ ଜଣେ ଯୁବତୀ ନିଶାଦ୍ରବ୍ୟ ଆଣୁଥିବା ସଂପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ କଷ୍ଟମ୍ ଅଧିକାରୀମାନେ ଚେକିଂ କରିଥିଲେ। ପ୍ରକାଶଯୋଗ୍ୟ ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅଗଷ୍ଟ ମାସରେ ମାସ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ ହୋଇଥିଲା। ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ଆସୁଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ହାବୁଡ଼ରେ ପଡ଼ିଥିଲା ଏହି ଉକ୍ରଟ ନିଶାଦ୍ରବ୍ୟ। ଗୁଜୁରାଟ ଅହମଦାବାଦର ଜଣେ ଯୁବକଙ୍କୁ ଏହି ମାମଲାରେ ଅଟକ ରଖିଥିଲା କଷ୍ଟମ୍ ବିଭାଗ। ଏହି ଘଟଣାର ଦୁଇଦିନ ପୂର୍ବରୁ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଥିଲା। ସେହିପରି ଗତ ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିବା ବେଳେ ଉତ୍ତରପ୍ରଦେଶର ୩ ଜଣ ଯୁବକ ଗିରଫ ହୋଇଥିଲେ। ପୁଣି ଥରେ ମାରିଜୁଆନା ଚାଲାଣ ଘଟଣା ପଦାକୁ ଆସିବା ପରେ ଭୁବନେଶ୍ୱରକୁ ନିଶା ହବ୍ ପରିଣତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚକ୍ରାନ୍ତ ଚାଲିଥିବା ସ୍ପଷ୍ଟ ହୋଇଛି।

**■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

## ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ପୁଞ୍ଜିଲାଲ

କଟକ, ୪।୧୦(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଯାବତ୍‌ଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା ବେଳେ ଏହି ଘଟଣାରେ ତାଙ୍କ ଜାମିନ ଆବେଦନ ଏକାଧିକବାର ଖାରଜ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETCECONIIBBS2025040, ତା. 12.09.2025 ରିଖ ର

**ଶୁଦ୍ଧିପତ୍ର–1**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 14.10.2025, 1200 ଘଣ୍ଟିକା | 24.10.2025, 1200 ଘଣ୍ଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-122/CI/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-Procure/ Tender Notice/Coupler/339, ତା.23.09.2025ରିଖ

ଟେଣ୍ଡର ସଂ.92255842, ସାମଗ୍ରୀଗୁଡ଼ିକର ବିବରଣୀ: RDSO ବିନିର୍ଦ୍ଦେଶ ସଂ RDSO/2011/CG-03 (ସଂଶୋଧନ-3) ଜାନୁଆରୀ, 2019 ଅନୁଯାୟୀ ଭାରତୀୟ ରେଳପଥର ବୋର୍ଡ଼ ଗେଜ୍ (BG) ପାସେଞ୍ଜର କୋଚ୍ ଗୁଡ଼ିକର ଫିଟମେଣ୍ଟ ନିମନ୍ତେ AAR H ହେଡ୍ ଏବଂ ବାଲାନ୍ସ ଡ୍ରାଫ୍ଟ ଗିଅର (Head and Balanced Draft Gear) ସହିତ ହାଇ ଟେନ୍‌ସାଇଲ ଟାଇଟ୍ ଲକ୍ ସେଣ୍ଟର ବଫର କପଲର (High Tensile Tight Lock Centre Buffer Coupler), ପରିମାଣ: 100 ଗୋଟି। ଆନୁମାନିକ ମୂଲ୍ୟ(ଟଙ୍କାରେ): 2,44.26,000/-, EMD (ଟଙ୍କାରେ): 4,88,520/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.10.2025ରିଖ 1500 ଘଣ୍ଟିକାରେ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-653/Q/25-26

**ହଜିଛି**

ମୁଁ, ପୂଜା ଅଗ୍ରୱାଲ, ପିତା: ସ୍ୱ ଅଶୋକ କୁମାର ଅଗ୍ରୱାଲ, ସା: ଗୋଶାଳା, ପୋ.: କଳାମାଟି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା। ପୂଜା ଅଗ୍ରୱାଲ, ପବନ କୁମାର ଅଗ୍ରୱାଲ, ରଞ୍ଜୁ ଅଗ୍ରୱାଲ ନାମରେ ଥିବା ମୂଳ ବିକ୍ରୟ ଦଲିଲ୍ ନଂ.: ୨୦୬/୧୯୯୯, ତା୨୭.୦୧.୧୯୯୯ରିଖର ଜେରକ୍ସ କପି ଏବଂ ଲାମିନେସନ ନିମନ୍ତେ ମୁଁ ଯାଉଥିବା ସମୟରେ ସମ୍ବଲପୁରରୁ ଗୋଶାଳା ରୋଡ଼ ମଧ୍ୟରେ ତା ୦୨.୦୧.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକାରୁ ୫.୦୦ ଘଟିକା ମଧ୍ୟରେ କେଉଁଠାରେ ହଜିଯାଇଛି। ଏହି ଦଲିଲ୍ କୌଣସି ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖାଯାଇନାହିଁ। ଏ ବାବଦରେ ସତ୍ୟ ପାଠ ମଧ୍ୟ ପ୍ରକାଶିତ ହୋଇଛି। ଗୃହ ଋଣ ନେବା ପାଇଁ ଏ ବାବଦରେ ବୁର୍ଲା ଥାନାରେ ଷ୍ଟେସନ ଡାଏରୀ ଦିଆଯାଇଛି। ଉପରୋକ୍ତ ବିବରଣୀ ସତ୍ୟ ଅଟେ। ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ବ୍ୟାଙ୍କ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଯୋଗାଯୋଗ :୭୪୭୦୪୩୩୨୧୩

**OFFICE OF THE NOTIFIED AREA COUNCIL, JUNAGARH**

email-nacjunagrh@g111ail.com

LETTER NO. 1644, DATE - 03.10.2025

**NOTICE INVITING TENDER FOR LEASE OF GYMNASIUM OF NAC JUNAGARH**

Details terms and Conditions are available at Office of the Notified area council Junagarh. www.junagarhnac.in or visit website - www.Kalahandi.odisha.gov.in

Sd/- Executive Officer
N.A.C., Junagarh

OIPR-13133/11/0021/2526 C-1204

**OFFICE OF THE PRINCIPAL**

**DADHIBAMAN HIGHER SECONDARY SCHOOL, TURUMUNGA,**

AT/PO-TURUMUNGA, DIST-KEONJHAR, PIN-758046

Ph: 06766-238025, 238035 e-mail: dadhibamantmg@gmail.com

Advt.No-03/25 Date-03.10.2025

**A Walk-in-interview for engagement of Guest Faculties**

A Walk-in-interview will be held for the post of Guest Faculties in subjects Physics, Mathematics and Botany on engagement basis. Candidates who have secured minimum 55% marks in PG for PGT must come with all original certificates (both original and Xerox) on **12.10.2025(Sunday) at 10.00 AM.**

**Contact No: - 9438162760, 6371399442**

Sd/- Principal

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN
CONSERVE | EDUCATE INSPIRE

TENDER NOTICE

Notice No. 22 /NKZP/2025-26 Date: 03.10.2025

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for the Supply of laboratory chemicals, glass and plastic wares for the financial year, 2025-26 use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from **04.10.2025** onwards. The last date of submission of bid is 13.10.2025 at 05.00 PM and date of opening of Bid will be on 14.10.2025 at 11.30 AM.

Deputy Director
Nandankanan Zoological Park

OIPR-08070/11/0118/2526 MM-215

**AFFIDAVIT**

I, Dilip Kumar Sahu, S/o- Alia Sahoo, Resident of Upimara, PO: Tangi, PS: Tangi, Dist.: Khordha, Odisha PIN-752023 declared by this Affidavit No.: 1102/2025, Dated.: 03.10.2025. That now onwards I shall Be known as **DILLIP KUMAR SAHOO** for all future Purposes.

**AFFIDAVIT**

I Prashanna Kumar Barik, S/o.: Bisunu Barik, At- Kespania, PO.: Bhaliadihi, Ps- Sarankul, Dist.: Nayagarh, Pin-752092, Odisha. Declare by this Affidavit No-7515, Dated- 04/10/2025 that now onwards I shall be known as **Prasanna Kumar Barik** for all future Purpose.

**Affidavit-cum-Undertaking**

I Dasharathi Sahoo, S/o- Sankar Sahoo, aged about 75 Years residing At/Po- Derang,Angul, Odisha, Pin-759117, I have purchased and lawful owner of Khata No - 746/50and sale deed has been lost during photocopy of the original. I had put FIR for lost my original property document. I undertake that if my original document received then I will submit the mutation ROR to ICICI Bank Ltd.

Dasharathi Sahoo


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Chandrakanta Mohanty, S/o- Alekha Chandra Mohanty, Resident of Mahulaburi Sahi, Kandasar (Part), PO: Kandasar, PS: Nalco Angul, Dist.: Angul, Odisha, Pin-759145 declared by this Affidavit No.1103/2025 Dated.03.10.20205 hat now onwards I shall Be known as **CHANDRA KANT MOHANTY** for all future Purposes.

**AFFIDAVIT**

I Rupasree Sahoo D/o Sanjukta Jena, Resident of At-Badagada Jena Sahi, PO- Badagada Brit, PS- Badagada, Bhubaneswar, Dist- Khorda, Odisha, declare by this affidavit No.44611 dtd 23.09.2025 that now onwards I shall be known as **RUPASREE JENA** for all future purposes.

**AFFIDAVIT**

I, Sanu Khatun, D/o Sk Usman, Resident of Village-Panisanda, PO- Sukhasandapatna, PS- Bhograi, Dist-Balasore, Odisha-756036, declare by this affidavit No.2966 dtd 04.10.2025 that now onwards I shall be known as **SANU BIBI** for all future purposes.

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Hemanta Harijan have changed my Surname from Harijan to Harpal. Henceforth I shall be known as **Hemanta Harpal** for all purposes.

**AFFIDAVIT**

I, Ghanshyam Patra, S/o- Debendra Patra, resident of At/Po- Jangalpadu, Paralakhemundi, Dist- Gajapati, PIN- 761210, Odisha declared by this affidavit No. 799, dtd- 30/09/2025 that now onwards I shall be known as **GHANASHYAM PATRA** for all future purposes.


**VEHICLE FOR SALE**

EICHER PRO 2059, Model - 2022, Registration No-OD-02-CB-0749, in as is where is condition, Contact: M/S Sundaram Finance Limited, BHUBANESWAR BRANCH Ph:0674-2544772 within 7 days


**AFFIDAVIT**

By Virtue of an affidavit before Executive Magistrate, Angul, **I, Prangyashree Pradhan,** D/o.: Prakash Pradhan, Permanent & Current Address At: Rajanipal, PO.: Kukudang, P.S.: Sadar, Dist: Angul (Odisha), PIN-759123 have changed my name from Pragyan Parimita Pradhan to **Prangyashree Pradhan.** Henceforth I shall be known as **Prangyashree Pradhan** for all purposes.

**AFFIDAVIT**

I Suchismita Deo, W/o- Pramod Kumar Deo, At- Bhansar, Po- Kadamchhanda, Ps-Tirtol, Dist- Jagatsinghpur, Pin- 754135, Odisha. Declare by this Affidavit No-7517, Dated- 04/10/2025 that now onwards I shall be known as **SUCHISMITA JENA** for all future Purpose.

**AFFIDAVIT**

By virtue of an Affidavit before Notary Public, Malkangiri, I, **Burunda Darli**, aged about 43 years, W/o.: Laba Darli resident of Village: Godiput, PO.: Biralaxmanpur, P.S./Dist.: Malkangiri, Odisha, declare by this Affidavit No.: 1641/2025, Dated: 25.09.2025 that I have changed my & my husband name from Burunda Barali, W/o.: Lab Barali to **Burunda Darli, W/o.: Laba Darli**. Henceforth I shall be known as **Burunda Darli, W/o.: Laba Darli** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhadrak, affidavit no. 16AA139458, dated-3/10/25.I Ajay Kumar Siyal, F/o-Rajalaxmi Siyal of At/Po-Kushaleswar, Dist-Keonjhar, Odisha do hereby declare that I have add the surname to my daughter's name as Rajalaxmi Siyal. Henceforth, my daughter shall be known as **RAJALAXMI SIYAL** for all purposes.

SD/- AJAY KUMAR SIYAL

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Bidyadhar Harijan have changed my Surname from Harijan to Bidyadhar Nial. Henceforth I shall be known as **Bidyadhar Nial** for all purposes.

**AFFIDAVIT**

By virtue of an affidavit sworn before Notary, Cuttack, Dtd 22.08.2025 I, Bishnu Ganju, resident of At/PO- Aulajodi, P.S.-Bahalda, Mayurbhanj, Odisha (presently residing at At-Naranpur, G.P.-Belagachia, P.S.-Barang, Cuttack, Odisha), have changed my name from Bishnu Ganju to Bishnu Mohanta. Henceforth, I shall be known as **Bishnu Mohanta** for all purposes.

Sd/- Bishnu Mohanta

**AFFIDAVIT**

I, Ashok Rath, S/o-Late Saroj Chandra Rath, resident of Plot No- 1364, Daya Bhawan, Shastry nagar, Bhubaneswar, Dist- Khordha, Odisha, PIN- 751001 declare by this affidavit Sl No. 1996, dtd- 03/10/2025 that now onwards I shall be known as **ASHOK KUMAR RATH** for all future purposes.

**AFFIDAVIT**

I, Suprava Patra, W/o- Debendra Patra, resident of At/Po- Jangalpadu, Paralakhemundi, Dist- Gajapati, PIN- 761210, Odisha declared by this affidavit No. 800, dtd- 30/09/2025 that now onwards I shall be known as **SUPRABHA PATRA** for all future purposes.

**ଦୁର୍ଗା ଭସାଣି ଉତ୍ସବରେ ବଙ୍ଗୀୟ ସମ୍ପ୍ରଦାୟର ଭିନ୍ନ ପରମ୍ପରା**

# ଦୁର୍ଗାମଣ୍ଡପରେ ମହିଳାଙ୍କ ସିନ୍ଦୂର ଖେଳ

ମାଲକାନଗିରି, ୪।୧୦(ସମିସ)



ସରିଯାଇଛି ଦଶହରା ପୂଜା। ଆରମ୍ଭ ହୋଇଯାଇଛି ମା' ଦୁର୍ଗାଙ୍କ ଭସାଣି ଉତ୍ସବ। ମାଲକାନଗିରି ସହର ଡିଏନ୍‌କେ ଛକ ଓ ଦଣ୍ଡକାରଣ୍ୟ ମୈଦାନ ନିକଟ ସାର୍ବଜନୀନ ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବଙ୍ଗୀୟ ସମ୍ପ୍ରଦାୟ ମହିଳାମାନଙ୍କ ସିନ୍ଦୂର ଖେଳ। ଏହି ସିନ୍ଦୂର ଖେଳ ଦେଖିବାକୁ ଶତାଧିକ ମହିଳା ଓ ପୁରୁଷଙ୍କ ସହିତ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଶତାଧିକ ସଧବା ଓ ନୂଆ ବିବାହିତା ବଙ୍ଗୀୟ ଭାଷାଭାଷୀ ମହିଳାମାନେ ହାତରେ ପୂଜା ଥାଳି ଧରି ପୂଜାମଣ୍ଡପ ନିକଟରେ ପହଞ୍ଚିଥିଲେ। ଧୂପ, ଦୀପ, ମିଠା, ଭୋଗ, ସିନ୍ଦୂର, ପାନପତ୍ର ନେଇ ମା' ଦୁର୍ଗାଙ୍କୁ ପ୍ରଥମେ ବନ୍ଦାପନା କରି ମା'ଙ୍କ ମୁଣ୍ଡରେ ସିନ୍ଦୂର ଲଗାଇ ମିଠା ଓ ପାନ ଖୁଆଇଥିଲେ। ବନ୍ଦାପନା ପରେ ମା'ଙ୍କ ସମ୍ମୁଖରେ ନିଜ ନିଜ ମଧ୍ୟରେ ସିନ୍ଦୂର ବୋଳାବୋଳି ହୋଇ ସିନ୍ଦୂର ଖେଳ ଖେଳି କୋଳାକୋଳି ହୋଇ ପରସ୍ପରଙ୍କୁ ମିଠା ଖୁଆଇ, ପରିବାରର ସୁଖ, ସ୍ୱାମୀ, ସନ୍ତାନମାନଙ୍କ ଦୀର୍ଘମୟ ଜୀବନ କାମନା କରିଥିଲେ।

ସିନ୍ଦୂର ଖେଳ ସରିବା ପରେ କାନ୍ଦି କାନ୍ଦି କୋହଭରା କଣ୍ଠରେ ବିସର୍ଜନ ପାଇଁ ମା'ଙ୍କୁ ପ୍ରସ୍ତୁତ କରିଥିଲେ। ମାଲକାନଗିରି ଡିଏନ୍‌କେ ଖେଳପଡ଼ିଆ ପୂଜା ମଣ୍ଡପରେ ଦୀର୍ଘ ୬୩ ବର୍ଷ ଧରି ଦୁର୍ଗାପୂଜା ପାଳିତ ହୋଇ ଆସୁଛି। ଏଠାରେ ବଙ୍ଗୀୟ ଭାଷାଭାଷୀ ଏବଂ ଓଡ଼ିଆ ଭାଷାଭାଷୀଙ୍କ ପରମ୍ପରା ଅନୁସାରେ ପୂଜା ହୋଇଥାଏ। ବଙ୍ଗୀୟ ସମ୍ପ୍ରଦାୟ ପରମ୍ପରାରେ ପ୍ରତିବର୍ଷ ମା'ଙ୍କ ଦଶହରା ଓ ଭସାଣି ଉତ୍ସବ ସମୟରେ ସମସ୍ତ ବଙ୍ଗୀୟ ମହିଳା ଏକତ୍ରିତ ହୋଇ ମା'ଙ୍କୁ ବନ୍ଦାପନା କରି ପୂଜା କରିଥାନ୍ତି। ଏହି ସମୟରେ ବ୍ରାହ୍ମଣ କିମ୍ବା ପଣ୍ଡିତଙ୍କର ଆବଶ୍ୟକତା ପଡ଼ି ନ ଥାଏ। ମା' ପୂଜା ପାଇସାରିଲା ପରେ ମହିଳାମାନେ ମଣ୍ଡପରେ ନିଜ ନିଜ ଭିତରେ ସିନ୍ଦୂର ବୋଳାବୋଳି ହୋଇ ମା'ଙ୍କ ବନ୍ଦନା ଗାଇ ଢୋଲ ବାଜାର ତାଳେ ତାଳେ ନୃତ୍ୟ ପରିବେଷଣ କରିଥାନ୍ତି। ଶୁକ୍ରବାର ରାତ୍ର ଓ ଶନିବାର ଅପରାହ୍ଣରେ ମା'ଙ୍କୁ ବିଦାୟ ଦେବା ପାଇଁ ବଙ୍ଗୀୟ ମହିଳାମାନେ ନୃତ୍ୟ କରି ନିଜ ନିଜ ମଧ୍ୟରେ ସିନ୍ଦୂର ବୋଳାବୋଳି ହୋଇଥିଲେ। ଶନିବାର ସନ୍ଧ୍ୟାରେ ମାଲକାନଗିରି ସହରରେ ହୋଇଥିବା ତିନିଟି ଦୁର୍ଗା ମେଢ଼କୁ ସଂକୀର୍ତ୍ତନ ଦଳ, ଘଣ୍ଟ, ମୃଦଙ୍ଗ, ଶଙ୍ଖ ଧ୍ୱନୀର ତାଳେ ତାଳେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବିସର୍ଜନ କରାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ଆସନ୍ତା ରବିବାର ଦିନ ଅବଶିଷ୍ଟ ଦୁର୍ଗା ମେଢ଼ ଭସାଣି ହେବାର କାର୍ଯ୍ୟକ୍ରମ ରହିଛି।

**● ଡିଜେ ଓ ନିଶାମୁକ୍ତ ଭସାଣି, ପଲିଥିନ୍‌ମୁକ୍ତ ଦୁର୍ଗାମଣ୍ଡପକୁ ଦିଆଯିବ ପୁରସ୍କାର**

# ଚୟନ କମିଟିର ପୂଜା ମଣ୍ଡପ ପରିଦର୍ଶନ ଓ ମୂଲ୍ୟାୟନ ଆରମ୍ଭ



ମାଲକାନଗିରି, ୪।୧୦(ସମିସ): ପ୍ରଥମ ଥର କରି ଦୁର୍ଗାପୂଜା ଓ ଭସାଣି ଉତ୍ସବରେ ଡିଜେ ଓ ନିଶାମୁକ୍ତ ଭସାଣି, ପଲିଥିନ୍‌ମୁକ୍ତ ପୂଜା ମଣ୍ଡପକୁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସମ୍ମାନିତ ସହିତ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ୍ ଏଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାମଣ୍ଡପଗୁଡ଼ିକର ସମସ୍ତ ବିବରଣୀ ସଂଗ୍ରହ ଓ ମୂଲ୍ୟାୟନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଚୟନ କମିଟି ଗଠନ କରାଯାଇଛି। ଏହି କମିଟିରେ ଏସ୍‌ଡିପିଓ ଦିବ୍ୟଶଙ୍କର ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଓ ସମାଜସେବୀ ରତ୍ନାକର ଦାଶ, ଅଧ୍ୟାପକ ରଞ୍ଜନ ସ୍ୱାଇଁ, ଜଗନ୍ନାଥପାଲ୍ଲୀ ହାଇସ୍କୁଲର ପ୍ରଧାନଶିକ୍ଷକ ଏ.ଈଶ୍ୱର ରାଓଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ମନୋନୀତ କରାଯାଇଛି। ଏହି କମିଟିର ସଦସ୍ୟମାନେ ମାଲକାନଗିରି ସହରରେ ହୋଇଥିବା ୬ଟି ଦୁର୍ଗାପୂଜା ମଣ୍ଡପ ଓ ଦୁଇଟି ଦୁର୍ଗାଙ୍କ ସ୍ଥାୟୀ ପୀଠ ମୋଟ୍ ୮ଟି ପୂଜା ସ୍ଥଳ ପରିଦର୍ଶନ କରିଛନ୍ତି। ବିଭିନ୍ନ ମଣ୍ଡପ ଓ ଦୁର୍ଗାଙ୍କ ପୀଠରେ ଚାଲିଥିବା ଦଶହରା ପୂଜା ଓ ଭସାଣି ଉତ୍ସବ ତଦାରଖ ଓ ଅନୁଧ୍ୟାନ କରି ପୂଜା ମଣ୍ଡପ ଓ ପୀଠଗୁଡ଼ିକୁ ପୁରସ୍କାର ଚୟନ ପାଇଁ ମୂଲ୍ୟାୟନ ଆରମ୍ଭ କରିଦେଇଛନ୍ତି। ଏହା ଚଳିତ ବର୍ଷ ପ୍ରଥମ ଥର କରି ଆରମ୍ଭ କରିଛନ୍ତି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ। ଡିଜେ ଓ ନିଶାମୁକ୍ତ ଭସାଣି, ପଲିଥିନ୍‌ମୁକ୍ତ ଧରଣୀର ସେ ଆହ୍ୱାନ ଦେଇଛନ୍ତି।

ମାଲକାନଗିରି ସହରରେ ଶାରଦୀୟ ଦୁର୍ଗାପୂଜା ପାଳନ କରୁଥିବା ସମସ୍ତ ପୂଜା ପରିଚାଳନା କମିଟିକୁ ମାଲକାନଗିରି ଜିଲ୍ଲା ପୁଲିସ ତରଫରୁ ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ପୂଜାରେ ୮ଟି ନିୟମ ପାଳନ କରି ପୁରସ୍କୃତ ହେବା ପାଇଁ ପରାମର୍ଶ ଦେଇଛନ୍ତି ଏସ୍‌ପି। ପବିତ୍ର ଦଶହରା ଉତ୍ସବ ସରିଛି। ଶୁକ୍ରବାରଠାରୁ ଭସାଣି ଉତ୍ସବ ଆରମ୍ଭ ହୋଇଛି। ଏହି ଭସାଣି ଉତ୍ସବ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ଟି ନିୟମ ପାଳନ କରି ଭଲ ନମ୍ବର ପାଇଥିବା ମଣ୍ଡପଗୁଡ଼ିକୁ ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ସହିତ ଅନ୍ୟ ମଣ୍ଡପଗୁଡ଼ିକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଚୟନ କମିଟି ଉତ୍ସବ ସମୟରେ ପଣ୍ଡାଲମାନଙ୍କୁ ପରୀକ୍ଷା କରିଥିଲେ। ବିଜେତା ପୂଜା ପରିଚାଳନା କମିଟିମାନଙ୍କୁ ସର୍ଟିଫିକେଟ୍, ସ୍ମୃତିଚିହ୍ନ, ନଗଦ ପୁରସ୍କାର ଓ ସାର୍ବଜନୀନ ସମ୍ମାନ ପ୍ରଦାନ କରାଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୩ ବାଇକ୍‌କୁ ଧକ୍କାଦେଲା ମଦ୍ୟପ କାର୍ ଚାଳକ



ବାଲିମେଲା/କୋରୁକୋଣ୍ଡା, ୪।୧୦(ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ସହରର ଗୋପବନ୍ଧୁ ଛକଠାରେ ବୁଧବାର ସକାଳେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ବାଲିମେଲା ସହରକୁ ଏକ କାର୍ ଦ୍ରୁତ ଗତିରେ ଆସୁଥିବା ଦେଖି ଗୋପବନ୍ଧୁ ଛକ ନିକଟରେ ଛିଡ଼ା ହୋଇଥିବା କିଛି ଯୁବକ ଛତ୍ରଭଙ୍ଗ ଦେଇଥିଲେ। ତେବେ ୩ଟି ବାଇକ୍ ରାସ୍ତାକଡ଼ରେ ଥିବାବେଳେ କାର୍ ଚାଳକ ଜଣକ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଧକ୍କା ଦେଇଥିଲା। ଏକ ବାଇକ୍‌ରେ ଜଣେ ବସିଥିବାବେଳେ ପାଖରେ ଥିବା ଆଉ ୨ ବ୍ୟକ୍ତି ଘୁଞ୍ଚି ପଛକୁ ପଳାଇଥିଲେ। ଫଳରେ ଉକ୍ତ ବ୍ୟକ୍ତି ଜଣକ ଦୁର୍ଘଟଣାର ଶିକାର ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏଥିସହ ନିଶାସକ୍ତ ଚାଳକକୁ ପୁଲିସ ଜିମା ଦେଇଥିଲେ। ମଦ୍ୟପ ଡ୍ରାଇଭରଟି ବାଲିମେଲା ସହରରେ ରହୁଥିବା ଜଣେ ଯନ୍ତ୍ରୀଙ୍କ ପୁଅ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ୪ ଆହତ

କାଳିମେଲା, ୪।୧୦(ସମିସ): ମାଲକାନଗିରି ଜିଲ୍ଲା କାଳିମେଲା ବ୍ଲକ ଏମ୍‌ପିଭି ୩୧ ଗ୍ରାମ ନିକଟରେ ବାଇକ୍ ଓ କାର୍ ମୁହାଁମୁହିଁ ହୋଇ ୪ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ,



ମାଲକାନଗିରି ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଏମ୍‌ପିଭି ୩୧ ଗ୍ରାମ ନିକଟରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବାବେଳେ କାର୍ ମଧ୍ୟରେ ଥିବା ୩ ଜଣ ମଧ୍ୟ ଆହତ ହୋଇଛନ୍ତି। କାର୍ ଚାଳକ ଜଗାରାଓ କୋରାପୁଟରୁ ଆସୁଥିବାବେଳେ ବାଇକ୍ ଚାଳକ ଜୟପୁର ଅଭିମୁଖେ ଯାଉଥିବା ସମୟରେ କାର୍ ଚାଳକ ବାଇକ୍‌କୁ ଧକ୍କା ଦେଇଥିବା ଜଣାପଡ଼ିଛି। ତେବେ ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କାଳିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ନିଜେ ବିଛାଇଥିବା ଜାଲରେ ପଡ଼ିଲେ ମାଓବାଦୀ



ମାଲକାନଗିରି, ୪।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣରେ ଜଣେ ମହିଳା ମାଓବାଦୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ବନ୍ଦେପାରା ଜଙ୍ଗଲରେ ମାଓବାଦୀମାନେ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ପାଇଁ ଏକ ବୋମା ଖଞ୍ଜିଥିବାବେଳେ ଶନିବାର ହଠାତ୍ ତାହା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ମାଓ ସଂଗଠନର ଜଣେ ମହିଳା ମାଓବାଦୀ ହୀନ ଶିକାର ହୋଇ ଆହତ ହୋଇଥିଲେ। ବିସ୍ଫୋରଣ ପରେ ମାଓବାଦୀମାନେ ସେମାନଙ୍କର ଆହତ ସାଥୀଙ୍କୁ ଛାଡ଼ି ଅସ୍ତ୍ରଶସ୍ତ୍ର ନେଇ ସେଠାରୁ ପଳାଇ ଯାଇଥିଲେ। ଆହତ ମହିଳା ମାଓବାଦୀଙ୍କ ନାମ ଗୁଜ୍ଜା ସୋଢି ହୋଇଥିବାବେଳେ ସେ ଗତ ୭ ବର୍ଷ ଧରି ମାଓ ସଂଗଠନରେ ସକ୍ରିୟ ଥିଲେ। ତେବେ ଆହତ ମହିଳା ମାଓବାଦୀଙ୍କ ଚିତ୍କାର ଶୁଣି କିଛି ଗାଁ ଲୋକେ ସେଠାରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ଏହାପରେ ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସୀ ଅଭିଯାନକୁ ବଢ଼ାଇ ଦିଆଯାଇଛି।

## ୧୦୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୪।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ଆଜି ଏକ ବଡ଼ ଘଟଣା ଘଟିଛି। ଯେଉଁଠାରେ ୧୦୩ ଜଣ ମାଓବାଦୀ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୪୯ ଜଣ ମାଓବାଦୀ ସାମିଲ୍ ଥିଲେ ଯାହାଙ୍କ ପାଇଁ ମୋଟ୍ ପୁରସ୍କାର ଥିଲା ୧ କୋଟି ୬ ଲକ୍ଷ ୩ ହଜାର ଟଙ୍କା। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ବିଭିନ୍ନ ପଦରେ ସକ୍ରିୟ ମାଓବାଦୀ ଥିଲେ। ଯେଉଁଥିରେ ଜଣେ ଡିଭିସିଏମ୍, ୪ଜଣ ପିପିସିଏମ୍, ୪ ଜଣ ଏସିଏମ୍, ୫ଜଣ କ୍ଷେତ୍ର କମିଟି ସଦସ୍ୟ, ୫ଜଣ ମିଲିସିଆ କମାଣ୍ଡର/ଡେପୁଟି କମାଣ୍ଡର, ୪ଜଣ ଜନତାନା ସରକାର ସଭାପତି, ୨୨ ଜଣ ଜନତାନା ସରକାର ସଦସ୍ୟ ଏବଂ ୨୩ ଜଣ ମିଲିସିଆ ପ୍ଲାଟୁନ୍ ସଦସ୍ୟ ଥିଲେ। ଆତ୍ମସମର୍ପଣକାରୀ ନକ୍ସଲବାଦୀମାନେ କହିଛନ୍ତି ଯେ ସଂଗଠନର ବିଚାରଧାରା ପ୍ରତି ଭ୍ରମ, ନେତୃତ୍ୱର କ୍ରମାଗତ ଅଭାବ, ସୁରକ୍ଷା



ବାହିନୀ ଦ୍ୱାରା ଜବରଦସ୍ତି କାର୍ଯ୍ୟ ଏବଂ ସରକାରଙ୍କ ପୁନର୍ବାସ ନୀତି ସେମାନଙ୍କୁ ଏହି ପଦକ୍ଷେପ ନେବାକୁ ପ୍ରେରଣା ଦେଇଥିଲା। ଆତ୍ମସମର୍ପଣକାରୀ ମାଓବାଦୀମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଚେକ୍ ଦିଆଯାଇଥିଲା।

## ସୀମାନ୍ତରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୪।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ପୁଲିସ ସୂଚନାଦାତା ଦର୍ଶାଇ ଜଣେ ଗ୍ରାମବାସୀକୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାୟୀ, ସୁକୁମା ଜିଲ୍ଲାର କିଷ୍ଟରାମ ଥାନା ଅନ୍ତର୍ଗତ ସଲାତୋଙ୍ଗ ଗ୍ରାମର ରାବା ସୋନାଙ୍କୁ କିଛି ସଶସ୍ତ୍ର ମାଓବାଦୀ ଘରୁ ଉଠାଇ ଆଣି ନିସ୍ତୁକ ମାଡ଼ ମାରିଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ରାବାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ମାଓବାଦୀମାନେ ତାଙ୍କୁ ଜଙ୍ଗଲକୁ ନେଇ ନିର୍ମମ ଭାବେ ହତ୍ୟା କରି ମରଶରୀରକୁ ସେଠାରେ ଛାଡ଼ି ଚାଲି ଯାଇଥିଲେ। ଏନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ପୋଖରୀରେ ବୁଡ଼ି ଦେଢ଼ ବର୍ଷର ଶିଶୁ ମୃତ

କାଳିମେଲା, ୪।୧୦(ସମିସ): ପୋଖରୀରେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମାଲକାନଗିରି ଜିଲ୍ଲା କାଳିମେଲା ବ୍ଲକ ଭେଙ୍କଟପଲମ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୭୪ ଗାଁରେ ଘଟିଛି ଏହି ଅଘଟଣ। ସୂଚନା ଅନୁସାରେ, ଶିଶୁଟି ନିଜ ଘର ନିକଟସ୍ଥ ଏକ ପୋଖରୀ ପାର୍ଶ୍ୱରେ ଖେଳୁଥିବା ସମୟରେ ପାଣିରେ ବୁଡ଼ି ପ୍ରାଣ ହରାଇଛି। ମୃତ ନାବାଳକ ଜଣକ ଗାଁର ବାବୁଲୁ ଡାଙ୍ଗିଙ୍କ ପୁଅ ଆୟୁଷ ଡାଙ୍ଗି (ଦେଢ଼ ବର୍ଷ) ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ କାଳିମେଲା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କାଳିମେଲା ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା, ୪।୧୦(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସିଲେରୁ ନଦୀରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଖବର ଆସି ପହଞ୍ଚିଛି ଚିତ୍ରକୋଣ୍ଡା ଥାନା ଦୋରାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସିଲେଇପୁଟ ଗ୍ରାମରୁ। ସନୁ କିର୍ଷାନି ନାମକ ଜଣେ ବ୍ୟକ୍ତି ଶୁକ୍ରବାର ସନ୍ଧ୍ୟାରେ ନିଜ ଗ୍ରାମ ନିକଟରେ ଥିବା ସିଲେରୁ ନଦୀ ପାଖରେ ଥିବା ଜମିକୁ ଚାଷ ଦେଖିବା ପାଇଁ ଯାଇଥିଲେ। ସେଠାରୁ ସେ ନଦୀକୁ ମାଛ ଧରିବାକୁ ଯାଇ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ନିଖୋଜ ଖବର ପାଇବା ପରେ ଘଟଣାସ୍ଥଳରେ ଚିତ୍ରକୋଣ୍ଡା ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ନଦୀରେ ଖୋଜିବା ଆରମ୍ଭ କରିଥିଲେ। ନଦୀରୁ ସନୁ କିର୍ଷାନିଙ୍କ ମୃତଦେହ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ଚିତ୍ରକୋଣ୍ଡା ପୁଲିସ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ମାଥିଲି, ୪।୧୦(ସମିସ): ଅଜଣା ବ୍ୟକ୍ତିଙ୍କ ଶବ ଜବତ କରି ଅଧିକ ତଦନ୍ତ କରୁଛି ପୁଲିସ। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମଠାରେ ଏକ ପୁରୁଣା କ୍ରସର ନିକଟରେ ଥିବା ପାଣିରେ ଏକ ଶବ ଭାସୁଥିବା ଗ୍ରାମର କିଛି ଯୁବକ ଦେଖି ମାଥିଲି ଥାନାକୁ ଜଣାଇଥିଲେ। ମାଥିଲି ଥାନା ଅଧିକାରିଣୀ ଦୀପାଳି ପ୍ରଧାନ ସଙ୍ଗେ ସଙ୍ଗେ ଏସ୍‌ଆଇ ସବିତା ମାଝୀଙ୍କୁ ନିର୍ଦ୍ଦେଶ ଦେବା ପରେ ଘଟଣାସ୍ଥଳରେ ସେ ପହଞ୍ଚି ମାଥିଲି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ମାଥିଲି ଅଗ୍ନିଶମ କର୍ମଚାରୀ ସେହି ସମୟରେ ଅନ୍ୟ ଏକ ସ୍ଥାନରେ ନିୟୋଜିତ ହୋଇଥିବା ହେତୁ ମାଲକାନଗିରି ଅଗ୍ନିଶମ ବାହିନୀ ଆସି ଶବଟିକୁ ପାଣିରୁ ଉଦ୍ଧାର କରି ମାଥିଲି ଥାନାକୁ ହସ୍ତାନ୍ତର କରିଥିଲେ। ଶବକୁ ନିଜ ହେପାଜରେ ରଖିଛି ପୁଲିସ। ଯଦି କେହି ସମ୍ପର୍କୀୟ ୩ ଦିନ ମଧ୍ୟରେ ଆସି ଶବଟିକୁ ଚିହ୍ନଟ କରିବେ ତେବେ ଶବଟିକୁ ତାଙ୍କ ପରିବାରର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବ ନଚେତ୍ ପୁଲିସ ପ୍ରଶାସନ ଶବଟିକୁ ସତ୍କାର କରିବେ ବୋଲି ମାଥିଲି ଥାନା ଅଧିକାରିଣୀ ଶ୍ରୀମତୀ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପ୍**

## ୧୦ ପଦକ ସହ ବାଜିମାରିଲେ ମାଲକାନଗିରିର କ୍ରୀଡ଼ାବିତ୍




ମାଲକାନଗିରି, ୪।୧୦(ସମିସ): ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପ୍‌ରେ ମାଲକାନଗିରି ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀ ଭାଗ ନେଇ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ମୋଟ୍ ୧୦ଟି ପଦକ ହାସଲ କରି ବାଜିମାରିଛନ୍ତି।

ଗତ ସେପ୍ଟେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏସନ୍ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବଲ୍ ସ୍କୁଲ ପରିସରରେ ହୋଇଥିବା ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପ୍‌ରେ ବିଭିନ୍ନ ବର୍ଗରେ ଯଥା- ସବ୍ ଜୁନିଅର୍, ଜୁନିଅର୍, କେଡେଟ୍, ସିନିୟର, ପୁରୁଷ ଏବଂ ମହିଳା ବିଭାଗରେ ଭାଗନେଇ ୨୧ ଜଣ ଆଦିବାସୀ ଛାତ୍ରଛାତ୍ରୀ ମାଲକାନଗିରି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ସାଉଁଟିଛନ୍ତି। ମାଲକାନଗିରି ଜିଲ୍ଲାର ଜୁଡୋ ଖେଳାଳିଙ୍କ ସମେତ ଅଫିସିଆଲ୍ ଖେଳାଳିଙ୍କ ମଧ୍ୟରେ ପ୍ରାୟତଃ ସମସ୍ତେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବାବେଳେ କିଛି ବାପା-ମାଆ ଛେଉଣ୍ଡ ଅନାଥ ଏବଂ ଏକକ ପିତାମାତା ଥିବା ଖେଳାଳି ବି ଅଛନ୍ତି। କନିଷ୍ଠ ବର୍ଗରେ ଆଦିବାସୀ ଛାତ୍ର ମହେଶ ହନ୍ତାଳ ୩୦ କେଜି ଓଜନ ବିଭାଗରେ ସ୍ୱର୍ଣ୍ଣ ପଦକ, ବିନୋଦ ଚଲାନ ୪୦ କେଜି ଓଜନ ବିଭାଗରେ ସ୍ୱର୍ଣ୍ଣ ପଦକ, ସୀମାଞ୍ଚଳ ଦଳପତି ୪୫ କେଜି ଓଜନ ବିଭାଗରେ ରୌପ୍ୟ ପଦକ, କର୍ଣ୍ଣ ସୀସା ୩୫ କେଜି ଓଜନ ବିଭାଗରେ କାଂସ୍ୟ ପଦକ, ଚାନ୍ଦିନୀ ମାଡ଼କାମୀ ୩୫ କେଜି ଓଜନ ବିଭାଗରେ କାଂସ୍ୟ ପଦକ, ଜଗା ମାଡ଼ି ୩୫ କେଜି ଓଜନ ବିଭାଗରେ କାଂସ୍ୟ ପଦକ, କେଡେଟ୍ ବର୍ଗରେ ଅର୍ଜୁନ ଖରା ୫୦ କେଜି ଓଜନ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଜୁନିଅର୍ ବର୍ଗରେ ରାମ ମାଡ଼ି ୫୦ କେଜି ଓଜନ ବିଭାଗରେ କାଂସ୍ୟ ପଦକ, ବରିଷ୍ଠ ମହିଳା ବର୍ଗରେ ଲକ୍ଷ୍ମୀ ସୋଢ଼ି ୫୨ କେଜି ଓଜନ ବିଭାଗରେ ରୌପ୍ୟ ପଦକ, ସୁମିତ୍ରା ମାଡ଼ି ୫୭ କେଜି ଓଜନ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉକ୍ତ ସମସ୍ତ ଖେଳାଳିଙ୍କ ମଧ୍ୟରୁ କନିଷ୍ଠ ବର୍ଗରେ ମହେଶ ହନ୍ତାଳ ଏବଂ ବିନୋଦ ଚଲାନ ଉଭୟ ହାଇଦରାବାଦଠାରେ ଆଗାମୀ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଜାତୀୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଜୁଡୋ ଚାମ୍ପିଅନସିପ୍‌ରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲା ଜୁଡୋ ଆସୋସିଏସନ୍ ଏବଂ ଆଓମା ଗୁରୁକୂଳର ମିଳିତ ସହଯୋଗରେ ଉକ୍ତ ସମସ୍ତ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟସ୍ତରୀୟ ଚାମ୍ପିଅନସିପ୍‌ରେ ଭାଗ ନେବାପାଇଁ ସୁଯୋଗ ମିଳିଥିଲା। ସମସ୍ତ ଖେଳାଳିଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ଜୁଡୋ ଓ ଆଓମା ଗୁରୁକୂଳ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି।

## ଜଙ୍ଗଲି ଭାଲୁ ଓ ମାନବ ସଂଘର୍ଷ ପ୍ରଶମନ କର୍ମଶାଳା



ମାଥିଲି, ୪।୧୦(ସମିସ): ଶନିବାର ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ-୨୦୨୫ ଅବସରରେ ମାଥିଲି ରେଞ୍ଜ ଦ୍ୱାରା ସ୍ଲଥ୍ (ସିନ୍ଧି) ଭାଲୁ ଏବଂ ମାନବ ସଂଘର୍ଷ ପ୍ରଶମନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାଥିଲି ରେଞ୍ଜ ଅଧିକାରୀ ବାସୁଦେବ ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ଏବଂ ଧୁଙ୍ଗିଆପୁଟ ବନ ସୁରକ୍ଷା ସମିତିର ସଭାପତି ମୋହନ ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ମୁଖ୍ୟବକ୍ତା ଭାବରେ କିଶୋର କୁମାର ସୃଷ୍ଟି ସହଯୋଗୀ ଏନ୍‌ଜିଓ କର୍ମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପବିତ୍ର ଦାସ ଗୋବିନ୍ଦପାଲି ଫରେଷ୍ଟର, ମାଥିଲି ବନପାଳ ମୁରଲୀ ମହାରଣା, ପାଙ୍ଗାମ ବନପାଳ ସମରା ଖରା ଏବଂ ସାଲିମି ଫରେଷ୍ଟର ଟଙ୍କଧର ପେଣ୍ଟିଆ ବାବୁ ଉପସ୍ଥିତ ରହି ସମସ୍ତଙ୍କୁ ସଚେତନତା କରିଥିଲେ। ବନ୍ୟପ୍ରାଣୀ ଓ ମାନବ ସଂଘର୍ଷ କାହିଁକି ହେଉଛି, ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ବାସସ୍ଥଳୀ ସୁରକ୍ଷା ଜଙ୍ଗଲ ମଧ୍ୟରେ ବନ୍ୟପ୍ରାଣୀ ଖାଉଥିବା ଫଳମୂଳ ଗଛ ରୋପଣ କରିବା ପାଇଁ ପଦକ୍ଷେପ ସହ ବନ୍ୟପ୍ରାଣୀମାନଙ୍କ ଆକ୍ରମଣ ଦ୍ୱାରା ସରକାରଙ୍କ ତରଫରୁ ମିଳୁଥିବା ଆର୍ଥିକ ଅନୁକମ୍ପା ରାଶି ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସ୍ଲଥ୍ ଭାଲୁ ଓ ମାନବ ସଂଘର୍ଷ ପ୍ରଶମନ କରିବା ପାଇଁ କେଉଁ ପଦକ୍ଷେପ ନେବା ଉଚିତ୍ ବ୍ୟାପକ ଭାବରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବିଜାପଦର, ମୁଣ୍ଡାଗୁଡ଼ା, ଚେଡେଙ୍ଗା, ବାଲିଆମ୍ବ, ଭଣ୍ଡାରି ପାଙ୍ଗାମ୍, କୁପଲିଗୁଡ଼ା, ସର୍ଗୀଗୁଡ଼ା, ମାଡ଼କାମିଗୁଡ଼ା, କରଡ଼ାଗୁଡ଼ା, ଚାଉଳମେନ୍ଧି ଆଦି ଗ୍ରାମର ବନ ସୁରକ୍ଷା ସମିତିର ସଭାପତି ଓ ସଦସ୍ୟ, ବନରକ୍ଷୀ, ପାରା ୱାଇଲ୍ଡ ଲାଇଫ ସ୍କ୍ୱାଡ୍, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ମୋଟୁରୁ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା'ର ପଦଯାତ୍ରା ଆରମ୍ଭ

ମାଲକାନଗିରି, ୪।୧୦(ସମିସ)



ପବିତ୍ର ଗାନ୍ଧୀ ଜୟନ୍ତୀରେ ମାଲକାନଗିରି ଜିଲ୍ଲା ମୋଟୁଠାରୁ ଆରମ୍ଭ ହୋଇଛି ରାଜ୍ୟ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପ୍ରଥମେ ମୋଟୁସ୍ଥିତ ମୁଗି ପଏଣ୍ଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗାନ୍ଧୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହାପରେ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତି ଏବଂ ଭୋଟ୍ ଚୋରି ଉପରେ ଭାଷଣ ଦେଇ ବର୍ଷିଥିଲେ। ଏହାପରେ ଏକ ବିଶାଳ ପଦଯାତ୍ରାରେ ମୋଟୁଠାରୁ ନିଜର ପଦଯାତ୍ରା ଆରମ୍ଭ କରିଥିଲେ ଶ୍ରୀ ଦାସ। ଏହି ପଦଯାତ୍ରାରେ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ଚନ୍ଦ୍ର ସରକାର, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଜିଲ୍ଲା ସଭପତି ଗୋବିନ୍ଦ ପାତ୍ର, ଜିଲ୍ଲା କଂଗ୍ରେସ ନେତା ମାଲା ମାଡ଼ିଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ ନେତା ସାମିଲ ହୋଇଥିଲେ। ଲଗାଣ ବର୍ଷା ସତ୍ତ୍ୱେ ଏହି ବିଶାଳ ପଦଯାତ୍ରାରେ କଂଗ୍ରେସର ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ଯୋଗଦେଲେ ପିସିସି ସଭାପତି, କଂଗ୍ରେସ ନେତା**

ଗୁରୁବାର ରାତ୍ର ସମୟରେ ପିସିସି ସଭାପତି ଶ୍ରୀ ଦାସ ଓ ଅନ୍ୟାନ୍ୟ ନେତା ଓ କର୍ମୀମାନେ ପୋଟେରୁସ୍ଥିତ ହରିଚାନ୍ଦ ଆଶ୍ରମରେ ବିଶ୍ରାମ ନେଇ ସକାଳୁ ପୁଣି ପଦଯାତ୍ରାରେ ମାଥିଲି ଅଭିମୁଖେ ବାହାରି ଜିଲ୍ଲା ପରିକ୍ରମାକୁ ସଫଳ କରାଇଥିଲେ।

## ହୃଦ୍‌ଘାତରେ ଯୁବ ସାମ୍ବାଦିକଙ୍କ ମୃତ୍ୟୁ

ବିଷମକଟକ, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦରର ଯୁବ ୱେବ୍ ସାମ୍ବାଦିକ ଅରୁଣ କୁମାର ଭିମସିଂ(୪୬)



ଙ୍କ ଅକାଳ ବିୟୋଗ ଘଟିଛି। ଶନିବାର ସନ୍ଧ୍ୟା ୭ଟାରେ ଅରୁଣ ଛାତିରେ ଯନ୍ତ୍ରଣା ଅନୁଭବ କରିଥିବାବେଳେ ତାଙ୍କ ବଡ଼ ଭାଇ ଯୁଗଳ ତାଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ୍ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଥିବାବେଳେ ସେଠାରେ ହଠାତ୍ ସେ ଟଳିପଡ଼ିଥିଲେ। ଅରୁଣଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ମେଡିକାଲରେ ଜନଗହଳି ହୋଇଯାଇଥିବା ସହ ମେଡିକାଲ ପରିସରରେ ଶୋକର ଛାୟା ଖେଳିଯାଇଛି।

# ଲଗାଣ ବର୍ଷାରେ ଧୋଇଗଲା ଏକର ଏକର ଚାଷ

## ସରକାରୀ ସହାୟତା ଦାବିକଲେ ପ୍ରଭାବିତ ଚାଷୀ

ରାୟଗଡ଼ା, ୪।୧୦(ସମିସ)



ଲଘୁଚାପଜନିତ ଲଗାଣ ବର୍ଷା ରାୟଗଡ଼ା ଜିଲ୍ଲା ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଇଛି। ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ମୌସୁମୀ ବର୍ଷା ଲୁଚକାଳି ଖେଳିଥିବା ସତ୍ତ୍ୱେ ଅନ୍ୟ ବିକଳ୍ପ ବ୍ୟବସ୍ଥାରେ ଖରିଫ ଋତୁରେ ଧାନ ଓ ଅଣ ଧାନ ଚାଷ କରି ଦୁଇ ପଇସା ରୋଜଗାର କରିବେ ବୋଲି ଯେଉଁ ଆଶା ନେଇ ଚାଷୀ ଅକ୍ଳାନ୍ତ ପରିଶ୍ରମ କରି ଚାଷ ଆରମ୍ଭ କରିଥିଲେ, ତାହା ନଷ୍ଟ ହୋଇଯାଇଛି ଅକ୍ଟୋବର ମାସର ପ୍ରଥମ ଲଘୁଚାପଜନିତ ଲଗାଣ ବର୍ଷାରେ। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପେଣ୍ଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁରୁମପେଣ୍ଟା ଗ୍ରାମର ଚାଷୀ ଲଦା ପେଦେଣ୍ଟି ୧ଏକର ଚାଷଜମିରେ ଚାଷ ହୋଇଥିବା କପା, କାନ୍ଦୁଲ, ମକା ସମେତ ବାଇଗଣ, ଭେଣ୍ଡି, କଞ୍ଚା ଲଙ୍କା ଭଳି ପନିପରିବା ଚାଷ କରିଥିଲେ। ୩ ଦିନ ଧରି ଲଗାଣ ବର୍ଷା ଫଳରେ ଜମି ପାଖରେ ଥିବା ନଦୀର ବଢ଼ି ଜଳ ମାଡ଼ି ଯିବା ଯୋଗୁଁ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଛି। ଚାଷୀ ଲଦା ସାହୁକାରମାନଙ୍କଠାରୁ ହାତଉଦ୍ଧାରି ଟଙ୍କା ଆଣି ଚାଷ କରି କିଛି ମୁନଫା କମେଇବାକୁ ଭାବିଥିବା ବେଳେ ନଷ୍ଟ ହୋଇଯାଇଥିବା ଚାଷକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ଉଜୁଡ଼ି ଯାଇଥିବା ଚାଷକୁ ନେଇ ଜମିରେ ମୁଣ୍ଡରେ ହାତ ଦେଇ ବସି କାନ୍ଦୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସଦାନନ୍ଦ ପେଦେଣ୍ଟି ଚାଷୀ ଲଦାଙ୍କୁ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦେଇ ଏକ ଚାଷୀ ପରିବାରକୁ ସହାୟତା କରାଯାଉ ବୋଲି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

### ● କ୍ଷତିପୂରଣ ଦାବିକଲା କିଷାନ କଂଗ୍ରେସ କମିଟି

ଲଘୁଚାପଜନିତ ଲଗାଣ ବର୍ଷାରେ ରାୟଗଡ଼ା ଜିଲ୍ଲାର ଅନେକ ବ୍ଲକର ବହୁ ଗ୍ରାମରେ ଚାଷ ପ୍ରଭାବିତ ହୋଇଛି। ଜିଲ୍ଲାର କାଶୀପୁର ବ୍ଲକ ଗୋଡ଼ିବାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାରୀଙ୍ଗବାଡ଼ି ଗାଁର



ଅନେକ ଚାଷୀଙ୍କ ଚାଷଜମିରେ ଲଗାଣ ବର୍ଷା ଯୋଗୁଁ ପାହାଡ଼ରୁ ମାଟି ଅତଡ଼ା, ପଥର, ଗୋଡ଼ି, ବାଲି ଖସି ଆସି ଧାନ, କପା, ପନିପରିବାରେ ମାଡ଼ି ଯାଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଖବର ପାଇ ରାୟଗଡ଼ା ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଗଙ୍ଗାଧର ଆଚାରୀ ଓ ତାଙ୍କ ଟିମ୍ ନାରୀଙ୍ଗବାଡ଼ି ଏବଂ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରି ବର୍ଷା ଯୋଗୁଁ କ୍ଷତି ସହିଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ଗଛକୁ ପିଟିଲା ବାଇକ୍; ଯୁବକ ମୃତ

କାଶୀପୁର, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ନିକଟରେ ଶନିବାର ସାଗବାରି ଗ୍ରାମର ୨୫ ବର୍ଷୀୟ ଯୁବକ ସଦାନନ୍ଦ ନାଏକ ବାଇକ୍‌ରେ ସାଗବାରି ଗ୍ରାମରୁ ଟିକିରି ଅଭିମୁଖେ ଯାଉଥିବାବେଳେ ଖୁରିଗାଁ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ କାଶୀପୁର ପୁଲିସକୁ ଯୋଗାଯୋଗ କରିବା ପରେ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କାଶୀପୁର ପୁଲିସ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନଦୀକୁ ଗାଧୋଇବାକୁ ଯାଇ ଭାସିଗଲେ ଯୁବକ

ରାୟଗଡ଼ା, ୪।୧୦(ସମିସ): ରାୟଗଡ଼ା ସହର ଉପକଣ୍ଠରେ ପ୍ରବାହିତ ନାଗାବଳି ନଦୀରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ ଓ ପୁଲିସ। ଶନିବାର ରାୟଗଡ଼ାସ୍ଥିତ ହାତୀପଥର ନିକଟସ୍ଥ ନାଗାବଳୀ ନଦୀ କୂଳରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋତାପେଟା ଗାଁର ସୀମାଦ୍ରି ମିଣିଆକା (୧୯)। ଶୁକ୍ରବାର ମଧ୍ୟାହ୍ନ ସମୟରେ ସୀମାଦ୍ରି ନିଜ ଦୁଇ ସାଙ୍ଗଙ୍କ ସହ ମାଲିଗାଁ ନିକଟସ୍ଥ ନାଗାବଳୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ନଦୀରେ ପ୍ରବଳ ସ୍ରୋତ ଥିବା ଯୋଗୁଁ ସେ ପାଣିରେ ଭାସିଯାଇ ନିଖୋଜ ହୋଇଥିଲେ। ଖବର ପାଇବା ପରେ ସୀମାଦ୍ରିଙ୍କ ପରିବାର ଲୋକେ ତୁରନ୍ତ ଚାନ୍ଦିଲି ଥାନାରେ ନିଖୋଜ ସମ୍ପର୍କରେ ଜଣାଇଥିଲେ। ଶୁକ୍ରବାର ଦିନତମାମ ଖୋଜାଖୋଜି ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳି ନ ଥିବାବେଳେ ଶନିବାର ସକାଳେ ସୀମାଦ୍ରିଙ୍କ ମୃତଦେହ ରାୟଗଡ଼ା ସହର ଉପକଣ୍ଠ ହାତୀପଥର ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ପୁଲିସ ଉପସ୍ଥିତିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ନଦୀରୁ ଭାସୁଥିବା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ

ରାୟଗଡ଼ା, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୌଜନ୍ୟତାରେ ରାୟଗଡ଼ା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚନ୍ଦ୍ରକାନ୍ତ ମାଝୀ, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଳନ୍ଧର ପୁଷିକା, ପ୍ରେମ ପାହାଡ଼ ୱାକର୍ସ କ୍ଲବ୍‌ର ରାଜେନ୍ଦ୍ର ସାହୁ ଓ ଅନ୍ୟାନ୍ୟ ସଦସ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମାଲ୍ୟାର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ଧର୍ମର ଧର୍ମ ଗୁରୁ ପଣ୍ଡିତ ଗଙ୍ଗାଧର ବ୍ରହ୍ମା ପବିତ୍ର ଗୀତ, କ୍ରୀଷ୍ଟ ଧର୍ମର ପାଷ୍ଟର ଆନ୍ଦ୍ରୀୟ ବାଛେଳି ପବିତ୍ର ବାଇବେଲ, ଇସ୍‌ଲାମ ଧର୍ମର ମୌଲାନା ମ. ଅଲ୍ଲି କୋରାନ ପାଠ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ସୁଜାତା ମାଦଳା, ଆର୍ ରଜନୀ କୁମାରୀ, ରିତାରାଣୀ ମିଶ୍ର, ଶିକ୍ଷକ ଅଶୋକ ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବକୀ ଗହୀର, ପ୍ରଭାତୀ ଖୁଣ୍ଟିଆ ଓ ଶିକ୍ଷକ ସୁରେଶ ବାରିକ, ପୌର ପରିଷଦର କର୍ମଚାରୀ, ସ୍ୱଚ୍ଛସାଥି ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ୨ ଦିନରେ ଦୁଇ ଜୁଆ ଆଡ୍ଡାରେ ଚଢ଼ଉ

## ୧୩ ଜୁଆଡ଼ି ଗିରଫ; ୪୯, ୫୨୦ ଟଙ୍କା ଜବତ

ବିଷମ କଟକ, ୪।୧୦(ସମିସ): ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇସାରିଥିବା ବେଳେ ବିଭିନ୍ନ ସ୍ଥାନରେ ଜୁଆଡ଼ିମାନେ ଜୁଆ ଖେଳ ଜମାଇବାରେ ଲାଗିପଡ଼ିଛନ୍ତି। ଏଥିପ୍ରତି ସଜାଗ ମଧ୍ୟ ହୋଇଛି ବିଷମ କଟକ ପୁଲିସ। ଗତ ଦୁଇ ଦିନ ମଧ୍ୟରେ ବିଷମ କଟକ ଥାନା ଅନ୍ତର୍ଗତ ବିଷମ କଟକ ସଦର ତାଳଗଛ ପଡ଼ିଆ ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଆତର୍କିତ ଚଢ଼ଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୧ ହଜାର ୪୦୦ ଟଙ୍କା ଜବତ କରିଥିଲା। ସେହିପରି ଶୁକ୍ରବାର ରାତିରେ ସାହାଡ଼ା ସଦର ଗ୍ରାମ ପଞ୍ଚାୟତର ଏକ ଘରେ ଜୁଆ ଖେଳ ହେଉଥିବାର ଖବର ପାଇ ବିଷମ କଟକର ଏକ ପୁଲିସ ଟିମ୍ ଚଢ଼ଉ କରି ଜୁଆ ଆଡ୍ଡାରୁ ୪ଟି ତାସ୍ ପ୍ୟାକେଟ୍ ସହ ୨୮ ହଜାର ୧୨୦ ଟଙ୍କା ଜବତ କରିଥିଲା। ଏଥିରେ ୮ ଜଣ ଜୁଆଡ଼ିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଜୁଆଡ଼ିମାନେ ବିଷମ କଟକ



ଥାନାରୁ ବ୍ୟକ୍ତିଗତ ମୁଚାଲିକାରେ ଜାମିନରେ ଯାଇଛନ୍ତି। ବିଷମ କଟକ ଥାନା ତରଫରୁ ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳ, ପ୍ରତିରଞ୍ଜନ ବାରିକ, ସାରିକା ସେଠ୍, କନେଷ୍ଟବଳ ଗଣେଶ କ୍ରସ୍କା, ରାମ କଣ୍ଡାଗେରୀ ଏବଂ ଏସ୍.ଏସ୍.ବିନ୍‌ର ୩ଜଣ ଯବାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଷମ କଟକ ଥାନା ଅଞ୍ଚଳର ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ଉ ଜାରି ରଖିଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ଦିନକ ପରେ ଧନର ଦେବୀ ମା’ ଗଜଲକ୍ଷ୍ମୀଙ୍କ ପୂଜା





ବିଷମ କଟକ, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକଠାରେ ଆଶ୍ୱିନ ମାସ ପୂର୍ଣ୍ଣମୀ ତଥା ସୋମବାରଠାରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହେବାକୁ ଥିବାବେଳେ ତୋରଣ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗଜଲକ୍ଷ୍ମୀ ପୂଜା ମାତ୍ର ଆଉ ଗୋଟିଏ ଦିନ ରହିଥିବାରୁ କାରିଗରମାନେ ଦିନରାତି ତୋରଣ କାର୍ଯ୍ୟ ସମାପ୍ତ କରିବାରେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ ବିଷମ କଟକ ଦୋଳମଣ୍ଡପଠାରେ ୨୩ତମ ମା’ଙ୍କ ପୂଜା ୧୩ ଦିନ ଧରି କରାଯିବାର ନିର୍ଦ୍ଧାରଣ କରାଯାଇଥିବାରୁ ପୂଜାସ୍ଥଳକୁ ସୁନ୍ଦର ଆଲୋକମାଳାରେ ସଜା କାର୍ଯ୍ୟ ଚାଲୁ ରହିଛି। ଟିଟଲାଗଡ଼ ଗ୍ରାମର କୈଳାସ ସାହୁ ମା’ଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ମା’ଙ୍କ ପ୍ରତିମାର ରଙ୍ଗକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ମା’ଙ୍କ ପ୍ରତିମା ଯେପରି ଭକ୍ତଙ୍କୁ ଆକୃଷ୍ଟ କରିବ ସେଥିପ୍ରତି କାରିଗର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଆସନ୍ତା ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୂଜା ହେବା ସହ ୧୯ ତାରିଖରେ ବିସର୍ଜନ କରିବା ନିମନ୍ତେ ସୂଚୀ ନିର୍ଦ୍ଧାରଣ ହୋଇଛି। ପୂଜା ପ୍ରଥମ ଦିନରେ ଗଙ୍ଗା ଆବହନ କରି ମା’ଙ୍କ ମୃଣ୍ମୟ ପ୍ରତିମା ପ୍ରାଣନ୍ୟାସ କରାଯିବ। ପୂଜା ଅବସରରେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ଦ୍ୱିତୀୟ ଦିବସ ଅପରାହ୍ଣରୁ ଜୟମାତାଜୀ ଭଜନ ସନ୍ଧ୍ୟା, ତୃତୀୟ ଦିନରୁ ଏକାଦଶତମ ଦିବସ ପର୍ଯ୍ୟନ୍ତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଦ୍ୱାଦଶ ଦିନ ଓଲିଉଡ୍ ଗାୟିକା ଅସୀମା ପଣ୍ଡାଙ୍କ ମେଲୋଡ଼ି କାର୍ଯ୍ୟକ୍ରମ ନିମନ୍ତେ ସ୍ଥିର ହୋଇଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ ନିମନ୍ତେ ସୁବନ୍ଦୋବସ୍ତ କରାଯାଇଛି ବୋଲି ପୂଜା କମିଟି ସଭାପତି ଅରବିନ୍ଦ ମହାରଣା ସୂଚନା ଦେଇଛନ୍ତି। ପୂଜା କମିଟିର ସଦସ୍ୟମାନେ ହେଲେ ଅରବିନ୍ଦ ମହାରଣା, ଆଲୋକ ଖୁଣ୍ଟିଆ, ରାଜକିଶୋର ପଟ୍ଟନାୟକ, ପ୍ରଦୀପ ସାହୁ, ଅଶୋକ ତ୍ରିପାଠୀ, ଯୁଗଳ ଡିମ୍ପି, ଶେଖ୍ ଇସାକ୍, ଏଲ୍. ନୀଳମାଧବ, ସୁଧାଂଶୁ ଖେର ପାତ୍ର ପ୍ରମୁଖଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପୂଜାଟି ମହା ଆଡ଼ମ୍ବରରେ ଆୟୋଜିତ ହେବାକୁଯାଉଛି।

**● ଶେଷ ପର୍ଯ୍ୟାୟରେ ତୋରଣ କାର୍ଯ୍ୟ**

## ଉତ୍କଳ ଆଲୁମିନା ପକ୍ଷରୁ ଶାରଦୀୟ ଦୁର୍ଗାପୂଜା



ରାୟଗଡ଼ା, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ପକ୍ଷରୁ ସ୍ଥାନୀୟ ଦଶହରା ପଡ଼ିଆଠାରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହାଆଡ଼ମ୍ବରରେ ଆୟୋଜିତ ହୋଇଛି। ଦୀର୍ଘ ୫ ଦିନ ଧରି ଏହି ପୂଜାରେ ଅଞ୍ଚଳର ଦଶଦିଗ ମୁଖରିତ ହୋଇଛି। ଗତ ୨୭ରେ ମା’ଙ୍କ ମଣ୍ଡପରେ ମହାଷଷ୍ଠୀ ଦିନଠୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ଆକର୍ଷଣୀୟ ହୋଇଥିବାବେଳେ ରଙ୍ଗୀନ ଆଲୋକମାଳା ଓ ସୁସଜ୍ଜିତ ତୋରଣ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିଛି। ଉତ୍କଳ ଆଲୁମିନା ଆନୁକୂଲ୍ୟରେ ଏହି ଶାରଦୀୟ ପୂଜା ଆୟୋଜିତ ହୋଇଥିବାବେଳେ ସ୍ଥାନୀୟ ଜନସାଧାରଣ ଏହାକୁ ଅକୁଣ୍ଠ ସହଯୋଗ କରିଛନ୍ତି। ୨୮ରେ ମଞ୍ଚରେ ସ୍ଥାନୀୟ ଗ୍ରାମାଞ୍ଚଳ କଳାକାରଙ୍କ ଦ୍ୱାରା ଭୁଗିଭୁଗି ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଉତ୍କଳ ଆଲୁମିନାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ନାରାୟଣ ମୀତ୍ରା, କିରଣ ନାୟକ, ପିତାମ୍ବର ବେହେରା, ଭୋଜରାଜ ଦାଶ ଓ ବେଲକର ନାଏକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ। ଦୋରାଗୁଡ଼ା ପୁଲିସ ଓ ଉତ୍କଳ ଆଲୁମିନା ସୁରକ୍ଷା ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

## ପୁଲିସ କଲୋନୀ ମା’ ଦୁର୍ଗାଙ୍କ ଭସାଣି

ରାୟଗଡ଼ା, ୪।୧୦(ସମିସ): ରାୟଗଡ଼ା ସହରରେ ଥିବା ପୁଲିସ୍ କଲୋନୀ ଦୁର୍ଗାପୂଜା ମଣ୍ଡପଠାରେ ଗତ ୨୮ ତାରିଖ ସପ୍ତମୀଠାରୁ ଆରମ୍ଭ ହୋଇଥିଲା ମା’ ଦୁର୍ଗାଙ୍କ ଦଶହରା ପୂଜା। ଶନିବାର ଥିଲା ମା’ଙ୍କ ମେଲାଣିର ବେଳ। ଏହି ମେଲାଣି ଉତ୍ସବ ସମୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ହର୍ଷ ଉଲ୍ଲାସର ସହିତ ବ୍ୟାଣ୍ଡ ବାଜା ସହିତ ଡିଜେର ତାଳେ ତାଳେ ନିଜକୁ ହଜାଇ ଦେଇଥିଲେ। ପୁଲିସ କଲୋନୀଠାରୁ ମା’ ଦୁର୍ଗାଙ୍କ ଭସାଣି ଯାତ୍ରା ଆରମ୍ଭ ହୋଇ ମୁଖ୍ୟ ବଜାର ଦେଇ ସାରଳା ଛକ, କୋରାପୁଟ ଛକଠାରୁ ହାଲୁଆସ୍ଥିତ ଝାବତୀ ନଦୀ ଅଭିମୁଖେ ଯାଇଥିଲେ। ନଦୀରେ ମୂର୍ତ୍ତି ବିସର୍ଜନ କରିବା ସହ ପୁଲିସ୍ ହାବିଲଦାର ଓ କନେଷ୍ଟବଳ ସଂଘ ସଭାପତି ମା’ ଦୁର୍ଗାଙ୍କଠାରେ ସମସ୍ତଙ୍କ ମଙ୍ଗଳକାମନା କରିବା ସହ ଆୟୁ ଆରୋଗ୍ୟ କାମନା କରିଥିଲେ।

## ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ରାୟଗଡ଼ା, ୪।୧୦(ସମିସ): ଅଙ୍କୁର ଫାଉଣ୍ଡେସନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମ ତାଙ୍କରି ପୋଷ୍ୟ ଗ୍ରାମ ଅଡ଼ପତିଗୁଡ଼ା ଓ ନୂଆକୁଶଠାରେ ପାଳନ କରାଯାଇଛି। ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନୀ ଓ କାର୍ଯ୍ୟଶୈଳୀ ବିଷୟରେ ଅଙ୍କୁର ଫାଉଣ୍ଡେସନର ଶିବ ମିଶ୍ର ଓ ରାଜେନ୍ଦ୍ର ଦ୍ୱିବେଦୀ ଆଲୋକପାତ କରିଥିଲେ। ଏହି ଦିନ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାହାର ପୁରସ୍କାର ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଦାନ କରାଯିବ ବୋଲି ଡାଇରେକ୍ଟର ଚିନ୍ମୟୀ ପଣ୍ଡା ପ୍ରକାଶ କରିଛନ୍ତି।

## ଶ୍ରୀଆତ୍ମାନନ୍ଦଙ୍କ ଜୟନ୍ତୀ ପାଳିତ

ପଦ୍ମପୁର, ୪।୧୦(ସମିସ): ସମାଜ ସଂସ୍କାର ଧର୍ମୀ, ସାର୍ବଜନୀନ ସଂଗଠନ ବିଶ୍ୱ ବୈଦିକ ପରିବାରର ପ୍ରାଣ ପ୍ରତିଷ୍ଠାତା, ବିଶିଷ୍ଟ ସ୍ତମ୍ଭକାର ତଥା ବୈଦିକ ବିଦ୍ୱାନ ସନ୍ନ୍ୟାସୀ ଶ୍ରୀଆତ୍ମାନନ୍ଦଙ୍କ ୮୧ତମ ଜନ୍ମ ଉତ୍ସବ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ମୁଚିକିପଦର ବୈଦିକ ଯଜ୍ଞପୀଠରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ଟାରୁ ଗାୟତ୍ରୀ ନଗର କୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଯୋଗ ତାଲିମ, ବେଦପାଠ, ବୈଦିକ ଭଜନ, ବୈଦିକ ମହାଯଜ୍ଞ ସମେତ ପଞ୍ଚମହାଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନରେ ସ୍ୱୟଂ ଆତ୍ମାନନ୍ଦଜୀ ପୌରୋହିତ୍ୟ କରି ସନାତନ ବୈଦିକ ଧର୍ମର ସାରତତ୍ତ୍ୱ ବିଷୟରେ ବୁଝାଇଥିଲେ। ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ କୁରୀତିକୁ ଦୂର କରିବା ପାଇଁ ବିଶ୍ୱ ବୈଦିକ ପରିବାର ମାଧ୍ୟମରେ ନିଆଯାଉଥିବା ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଆତ୍ମା, ପରମାତ୍ମା ସମ୍ବନ୍ଧୀୟ ବୈଦିକ ସତ୍ୟ ସମ୍ପର୍କିତ ଆଲୋଚନା କରାଯାଇଥିଲା। ବିଭିନ୍ନ ବେଦ ମନ୍ତ୍ର ମାଧ୍ୟମରେ ସମବେତ କଣ୍ଠରେ ଭକ୍ତମାନଙ୍କ ଦ୍ୱାରା ଯଜ୍ଞରେ ଆହୁତି ପ୍ରଦାନ କରାଯାଇ ଏକ ଦିବ୍ୟ, ସୁଗନ୍ଧିତ ପରିବେଶ ସୃଷ୍ଟି କରାଯାଇଥିଲା। ଏହି ଆଧ୍ୟାମିôକ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶରୁ ୭୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ପଦ୍ମପୁର ଶାଖାର ସାଧକ-ସାଧିକାମାନେ ମୁଖ୍ୟ ଭୂମିକା ନେଇଥିବାବେଳେ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ସେମାନଙ୍କୁ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ

ଚନ୍ଦ୍ରପୁର, ୪।୧୦(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ବୁଡୁବାଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଡ଼ଙ୍ଗାକା ସୁଦର୍ଶନଙ୍କ ନିମ୍ନ ରକ୍ତଚାପ ଯୋଗୁଁ ଅକାଳରେ ବିୟୋଗ ଘଟିଛି। ପ୍ରାୟ ଦୁଇ ବର୍ଷ ହେଲା ସେ ଅନ୍ୟ ଆଶ୍ରମ ବିଦ୍ୟାଳୟରୁ ବଦଳି ହୋଇ ଆସିଥିଲେ। ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ବୁଡୁବାଲି ଆଶ୍ରମ ବିଦ୍ୟାଳୟରେ ସେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗ୍ରହଣ ଅଧିକାରକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବାରୁ ଅଞ୍ଚଳରେ ଲୋକେ ତାଙ୍କୁ ବେଶ୍ ଆଦର କରୁଥିଲେ। ସେ ଜଣେ ମିଷ୍ଟଭାଷୀ, ଦୟାବାନ ବ୍ୟକ୍ତି ଭାବେ ପରିଚିତ ଥିଲେ। ଦଶହରା ଛୁଟିରେ ରାୟଗଡ଼ାସ୍ଥିତ ନିଜ ଶିରିଗୁଡ଼ା ଗ୍ରାମକୁ ଯାଇ ରହିଥିଲେ। ତେବେ ଗତ ୩୦ ତାରିଖ ସକାଳ ୮ଟାରେ ନିମ୍ନ ରକ୍ତଚାପ ଯୋଗୁଁ ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡା. ଏସ୍‌ପି ଦେଓ ପ୍ରାଥମିକ ଚିକିତ୍ସା କରିବା ପରେ ଟିକେ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ସଂକଟପନ୍ନ ହେବାରୁ ପୁଣି ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ପାଇ ବୁଡୁବାଲି ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ, ବନ୍ଧୁବାନ୍ଧବ, ପରିଜନ ଓ ରାୟଗଡ଼ା ବିଧାୟକ ଆପଳାସ୍ୱାମୀ କାଡ୍ରକା ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

### ମଙ୍ଗଳ ବିଭାଗର ଅମଙ୍ଗଳ ନୀତି

## ‘ସପକ୍ଷରେ ଖବର ପରିବେଷଣ କଲେ ମିଳିବ ଖର୍ଚ୍ଚ’

ମୁନିଗୁଡ଼ା, ୪।୧୦(ସମିସ)

ମଙ୍ଗଳ ବିଭାଗର ଅମଙ୍ଗଳ ନୀତି। ନିଜ ଦୋଷ ଲୁଚାଇବା ପାଇଁ ଟଙ୍କା ଯାଚି ନିଜ ସପକ୍ଷରେ ଖବର ପରିବେଷଣ କରିବା ଓ ନିଜ ସପକ୍ଷରେ ସାକ୍ଷୀ ଦେବାକୁ ଏସ୍‌ପି ଓ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟକୁ ପହଞ୍ଚାଇବା ପାଇଁ ଲୋକ ଯୋଗାଡ଼ରେ ଲାଗି ପଡ଼ିଛନ୍ତି ପ୍ରଧାନଶିକ୍ଷକ। ଘଟଣାକୁ ଚପାଇଦେବା ପ୍ରୟାସ କରି ନିଜ ସପକ୍ଷରେ ଖବର ପ୍ରସାରଣ ପାଇଁ ସାମ୍ବାଦିକମାନଙ୍କୁ ଅନୁରୋଧ କରୁଥିବାବେଳେ ମଙ୍ଗଳ ଅଧିକାରୀ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଦେଉଥିବା ମଙ୍ଗଳ ବିଭାଗର ଏଭଳି ଅମଙ୍ଗଳ ନୀତି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବାମନ ମୂର୍ତ୍ତି ନିଜର ଦୋଷ ଲୁଚାଇବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସାଥିରେ ମିଶି ଚଳାଇଛନ୍ତି ମାଷ୍ଟର ମାଇଣ୍ଡ ପ୍ଲାନ୍। ମୋ ସପକ୍ଷରେ ଖବର ପରିବେଷଣ କର ମୁଁ ଟଙ୍କା ଦେବି ଏମିତି କିଛି ଅମ୍ବାଦଳା ଅଞ୍ଚଳର ସାମ୍ବାଦିକମାନଙ୍କୁ ପ୍ରଧାନଶିକ୍ଷକ କୋଲା ବାମନ ମୂର୍ତ୍ତି କହିଥିବା ଅଭିଯୋଗ ହୋଇଛି। ଟଙ୍କା ଯେତେ ନେଉଛ ନିଅ କିନ୍ତୁ ଏକ ନିର୍ଦ୍ଦିଷ୍ଟ ଇଂଲିଶ ପେପରରେ ବାହାରିଥିବା ନିଉଜ୍‌କୁ ପୂରା କପି କରି ଖବର ପରିବେଷଣ କରି ମୋ ପାଖକୁ କଟ୍ ପିସ୍ ପଠାଇ ଆସ ବୋଲି କହୁଥିବାବେଳେ ସେପଟେ ମଙ୍ଗଳ ଅଧିକାରୀ ମଧ୍ୟ କମ୍ ନୁହନ୍ତି। ପ୍ରଧାନଶିକ୍ଷକ କୋଲା ବାମନଙ୍କ ଏକଛତ୍ରବାଦ ଶାସନ ଓ ପିଲାମାନଙ୍କୁ ଦୁର୍ବ୍ୟବହାର, ଅନୁସୂଚିତ ଜାତିର ଅଭିଭାବକମାନଙ୍କୁ ଅସ୍ପୃଶ୍ୟ କହିବା, ପିଲାଙ୍କ ଭବିଷ୍ୟତ କଥା କହି ଗୋଡ଼ ଧରିବାବେଳେ ଛୁଇଁବାକୁ ବାରଣ କରି ଗୋଡ଼ରେ ଲାତ ମାରିବା, ନାଁ କାଟିବାଠାରୁ ଆରମ୍ଭ କରି ଟିସି ଦେବା ଘଟଣା ଉପରେ ପଚାରିଲେ ଏକ ନିର୍ଦ୍ଦିଷ୍ଟ ପତ୍ରିକାରେ ପ୍ରଧାନଶିକ୍ଷକଙ୍କ ଗୁଡ୍ ସ୍ୱଭାବ ବୋଲି ବାହାରୁଛି ବୋଲି କହୁଛନ୍ତି। ତେବେ ସମସ୍ତ ଘଟଣାକୁ ତଦନ୍ତ ପରିସରକୁ ଅଣାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

ସୂଚନା ଥାଉକି, ପୂର୍ବତନ ସ୍କୁଲ୍ ପରିଚାଳନା କମିଟି ସଦାନନ୍ଦ ମାଝୀ ୩ମାସ ହେଲା ସଭାପତି ଦାୟିତ୍ୱରୁ ପ୍ରଧାନଶିକ୍ଷକ ବହିଷ୍କାର କରିବା ସହ ସେ ବିଦ୍ୟାଳୟରେ ପାଦ ପକାଇ ନାହାନ୍ତି। ବିଦ୍ୟାଳୟ ଓ ପ୍ରଧାନଶିକ୍ଷକଙ୍କ ବିଷୟରେ ମୁଁ କିଛି ଜାଣିନି ଓ ମୋତେ ନ ପଚାରି କୌଣସି ଏକ ଗଣମାଧ୍ୟମରେ ପ୍ରଧାନଶିକ୍ଷକଙ୍କୁ ଭଲ କହିବା ଖବର ପରିବେଷଣକୁ ମୁଁ ନିନ୍ଦା କରୁଛି ବୋଲି କହିଥିବାବେଳେ ଉକ୍ତ ଭିଡିଓ ରେକର୍ଡିଂ ରହିଛି। ସେହିପରି ଘମଟଗୁଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଓ ଅମ୍ଲାଭଟା ନାଏବ ସରପଞ୍ଚ ମଧ୍ୟ ସମାନ କଥା କହିଥିବାବେଳେ ସେମାନଙ୍କ ରେକର୍ଡିଂ ମଧ୍ୟ ରହିଛି। ପ୍ରଧାନଶିକ୍ଷକ ଜଣକ ଅଞ୍ଚଳର ସାମ୍ବାଦିକ ଅନନ୍ତ ଦୂର୍ଗା, ରଜତ ତ୍ରିପାଠୀ, ରଘୁନାଥ ବେହେରା, ମହେଶ ବେହେରା ପ୍ରମୁଖଙ୍କୁ ବିଦ୍ୟାଳୟକୁ ଡାକି ଇଂଲିଶ ପେପରରେ ମୋ ସପକ୍ଷରେ ଯେଉଁଭଳି ଖବର ପରିବେଷଣ କରାଯାଉଛି ସମାନ କପି କରି ତୁମ ପେପରରେ ପ୍ରସାରଣ କରି କଟ୍ ପିସ୍ ଦେଲେ ମୁଁ ତୁମକୁ ଖର୍ଚ୍ଚ ବାବଦରେ ଟଙ୍କା ଦେବି ବୋଲି କହିଥିବା ଅଭିଯୋଗ କରିଛନ୍ତି ସାମ୍ବାଦିକମାନେ। ଖବର ପ୍ରସାରଣ ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ତଦନ୍ତଶୂନ୍ୟ ଓ ପ୍ରଧାନଶିକ୍ଷକଙ୍କୁ କିଛି ଲୋକ ଭଲ କହୁଥିବା ପ୍ରତିକ୍ରିୟା ପ୍ରଧାନଶିକ୍ଷକ ଓ ମଙ୍ଗଳ ଅଧିକାରୀ ଉକ୍ତ ଘଟଣା ଉପରେ ଘଣ୍ଟ ଘୋଡ଼ାଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମାଡାମ ଜଣକ ଏଭଳି ପ୍ରତିକ୍ରିୟା ଦେବା ପୂର୍ବରୁ ଜାଣି ରଖିବା ଉଚିତ୍ ନ୍ୟାୟାଳୟରେ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ଉକ୍ତ ଦୋଷୀଙ୍କୁ ମଧ୍ୟ ଅଧିକାଂଶ ଭଲ ପାଇଥାନ୍ତି। ତେଣୁ ଅନ୍ୟ କିଛି ବାହାନା ନ କରି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ନାଁ କଟାଯାଇଥିବା ଓ ଟିସି ଦିଆଯାଇଥିବା ଛାତ୍ରମାନଙ୍କୁ ନିରପେକ୍ଷ ତଦନ୍ତ କରିବା ସହ ପ୍ରଧାନଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେପଟେ ଉକ୍ତ ଘଟଣା ଉପରେ ପ୍ରଧାନଶିକ୍ଷକଙ୍କ ନାଁରେ ଅଭିଭାବକମାନେ ଅମ୍ବାଦଳା ଥାନାରେ ଏତଲା ଦେଇଥିବାବେଳେ ମାମଲା ମଧ୍ୟ ରୁଜୁ ହୋଇଛି। ଏସ୍‌ଡିପିଓ ସନ୍ତୋଷିନୀ ଓରାମ ତଦନ୍ତ କରି ଫେରିଛନ୍ତି। ଏସବୁ ଘଟଣାକୁ ଚାପି ଦେବା ପାଇଁ ଆହୁରି ଏକ ବଡ଼ ଗେମ୍ ଖେଳୁଥିବା ଆଲୋଚନା ହେଉଛି। ନିଜ ସପକ୍ଷରେ କିଛି ଲୋକ ଯୋଗାଡ଼ କରି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିବା ସହିତ ଛାତ୍ରମାନଙ୍କୁ ଭୁଲ୍ ଦର୍ଶାଇ ପ୍ରଧାନଶିକ୍ଷକଙ୍କ ଗୁଣଗାନ କରିବା ପାଇଁ ଯାହା ଖର୍ଚ୍ଚ ଲାଗିବ ଦିଆଯିବ ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଦୁର୍ନୀତିଗ୍ରସ୍ତ ପ୍ରଧାନଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହା ଏକ ଆନ୍ଦୋଳନର ରୂପ ଧାରଣ କରିବ ବୋଲି ଅଭିଭାବକଙ୍କ ସମେତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ଦୋଷ ଲୁଚାଇବାକୁ ପ୍ରଧାନଶିକ୍ଷକଙ୍କ ବଡ଼ ପ୍ରୟାସ**

# ନାବାଳିକାକୁ ଅସଦାଚରଣ ଓ ମା'କୁ ଧମକ; ଯୁବକ ଗିରଫ

ବ୍ରହ୍ମପୁର,୪ ।୧୦(ସମିସ): ଜଣେ ନାବାଳିକାର ପିଛା କରି ଦୁର୍ବ୍ୟବହାର କରିବା ଓ ତାଙ୍କ ମା'ଙ୍କୁ ବିଭିନ୍ନ ଧମକ ଦେବା ଅଭିଯୋଗରେ ସଦର ଥାନା ପୁଲିସ କୁକୁଡ଼ାଖଣ୍ଡି ଅଞ୍ଚଳର ସୁନିଲ ସେଠୀ ଓରଫ ପୀୟାଲୀ(୩୨)କୁ ଗିରଫ କରି କୋର୍ଟଚାଲାଣ କରିଛି । କୁକୁଡ଼ାଖଣ୍ଡି ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଓ ଟିୟୁସନ୍ ଯିବାବେଳେ ଅଭିଯୁକ୍ତ ସୁନିଲ ସମ୍ପୃକ୍ତ ନାବାଳିକାଙ୍କ ପିଛା କରି ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିଲା । ନାବାଳିକାଙ୍କ ମା' ସୁନିଲକୁ ତାଗିଦ କରିବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ କହିବାରୁ ସୁନିଲ ନାବାଳିକାକୁ ଅପହରଣ କରିବା ସହ ତାଙ୍କ



ପରିବାର ଲୋକଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଗଉଞ୍ଜୁ ଗ୍ରାମରେ ଗଣ୍ଡଗୋଳ; ୭ ଆହତ

ବ୍ରହ୍ମପୁର,୪ ।୧୦(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଉଞ୍ଜୁ ଗ୍ରାମରେ ଅନ୍ୟ ଗ୍ରାମର ଯୁବତୀକୁ ଏହି ଗ୍ରାମର ଜଣେ ଯୁବକ ଭଲପାଇବା ନେଇ ଆଲୋଚନା ଚାଲିଥିଲା । ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ସହ ଆକ୍ରମଣ ପ୍ରତି ଆକ୍ରମଣ ଘଟିଥିଲା । ଫଳରେ ଉଭୟ ପରିବାରର ୭ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ଗତ ସେପ୍ଟେମ୍ବର ୨୯ ରେ ବଡ଼ ଜୁଗୁଡ଼ି ଗ୍ରାମର ଜଣେ ଯୁବତୀକୁ ଗଉଞ୍ଜୁ ଗ୍ରାମର ଜଣେ ଯୁବକ ଭଲପାଇ ନିଜ ଘରେ ରଖିଥିଲା । ଯୁବତୀଙ୍କ ପରିବାର ଲୋକେ ଏନେଇ ଜାଣିବା ପରେ ଯୁବକଙ୍କ ଘରେ ପହଞ୍ଚି କଥାବାର୍ତ୍ତା କରିବା ସହ ଯୁବତୀଙ୍କ ସହ ବିବାହ କରିବା ନେଇ ଆଲୋଚନା କରୁଥିଲେ । ଏହି ସମୟରେ ହଠାତ ଉଭୟ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା । ଯୁବକଙ୍କ ସମ୍ପର୍କୀୟ ବିଭିନ୍ନ ମାରଣାସ୍ତ୍ର ଧରି ଯୁବତୀଙ୍କ ପରିବାରକୁ ଆକ୍ରମଣ କରିଥିଲେ । ଫଳରେ ଯୁବତୀଙ୍କ ବାପାଙ୍କ ସମେତ ମା', ଭାଇ ଓ ମାଉସୀ ଆହତ ହୋଇଥିଲେ । ଏହାସହ ଯୁବକଙ୍କ ପରିବାରର ତିନିଜଣ ମଧ୍ୟ ପ୍ରତିଆକ୍ରମଣରେ ଆହତ ହୋଇଥିଲେ । ଗୋପାଳପୁର ପୁଲିସ ପହଞ୍ଚି ତଦନ୍ତ କରିବା ସହ ଯୁବତୀଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି । ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି ।

## ମହିଳାଙ୍କ ସୁନା ଲୁଟ୍ ଘଟଣା; ଲୁଟେରା ଗିରଫ

ବ୍ରହ୍ମପୁର,୪ ।୧୦(ସମିସ): ତୁଳସୀପତ୍ର ତୋଳୁଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ସଦର ଥାନା ପୁଲିସ ଗଜପତି ନଗରର ସପ୍ତମ ଲାଇନର ସୁଜିତ କୁମାର ପାଢୀ(୪୬)କୁ ଗିରଫ କରିଛି । ତାଠାରୁ ପୁଲିସ ଲୁଟ୍ ସୁନା ଚେନ ଉଦ୍ଧାର କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ଜବତ କରିଛି । କୁକୁଡ଼ାଖଣ୍ଡି ସୂର୍ଯ୍ୟନଗରର ବୃଦ୍ଧା ତାରାବତୀ କୋଠିଆ ଗତ ୨୫ତାରିଖ ଦିନ ନିଜ ଘର ନିକଟରେ ତୁଳସୀପତ୍ର ତୋଳୁଥିବାବେଳେ ବାଇକରେ ଆସି ଦୁର୍ବୃତ୍ତ ତାଙ୍କ ବେକରୁ ମଙ୍ଗଳସୂତ୍ର ଓ ଚେନ ଝାମ୍ପି ନେଇଥିଲା । ମଙ୍ଗଳସୂତ୍ରଟି ଛିଣ୍ଡି ତଳେ ପଡି ଯାଇଥିବା ବେଳେ ସୁନା ଚେନର କିଛି ଅଂଶ ଦୁର୍ବୃତ୍ତ ନେଇ ଫେରାର ହୋଇ ଯାଇଥିଲା ।



ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ତଦନ୍ତ କରି ଗତ ୨ ତାରିଖରେ ବାଇଗଣବାଡି ଛକରୁ ଗ୍ଲାମର ବାଇକ ସହିତ ଅଭିଯୁକ୍ତ ସୁଜିତକୁ ଗିରଫ କରିଥିଲା । ପଚରାଉଚୁରା ପରେ ସେ ସମ୍ପୃକ୍ତ ବୃଦ୍ଧାଙ୍କଠାରୁ ଗୋଟିଏ ସୁନା ଚେନ୍ ଛଡ଼ାଇ ନେଇଥିବା ସହ ଜୁନ୍ ମାସରେ ବ୍ରହ୍ମପୁରର ବାଳକୃଷ୍ଣ ସାହୁଙ୍କ ସହିତ ଗୁରୁନାଡି ଥାନା ଅଞ୍ଚଳର ଅଡାଗାଁରେ ଜଣେ ମହିଳାଙ୍କଠାରୁ ମଙ୍ଗଳସୂତ୍ର ଛଡ଼ାଇ ନେବା ଓ ଶ୍ରୀରାମ ନଗର ଅଞ୍ଚଳର ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ନିକଟରେ କହିଥିଲା । ଅଭିଯୁକ୍ତ ସୁଜିତଙ୍କ ନାମରେ ବିଏନପୁର, ବଡ଼ ବଜାର, ଗୋଳନ୍ଥରା, କେ ନୂଆଁ ଗାଁ, ଦିଗପହଣ୍ଡି, ଗୋପାଳପୁର, ଜରଡ଼ା ଓ ଗୁରାଣ୍ଡି ଥାନାରେ ହତ୍ୟା ଉଦ୍ୟମ, ଡକାୟତି, ଲୁଟ୍ ଓ ଆର୍ମସ ଆକ୍ଟ ଦଫା ଭଳି ୧୫ଟି ସଂଗୀନ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି ।

## ସ୍ୱାମୀକୁ ପନିକୀରେ ଆକ୍ରମଣ

ବ୍ରହ୍ମପୁର,୪।୧୦(ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପାରଳାଖେମୁଣ୍ଡି ନିବାସୀ ସନ୍ତୋଷ ପ୍ରଧାନଙ୍କୁ ତାଙ୍କ ସ୍ତ୍ରୀ ପନିକୀରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସନ୍ତୋଷ ଗତ ୩ ତାରିଖରେ ନିଜ ଝିଅକୁ ଦେଖା କରିବାକୁ ଆସିଥିଲେ । ଏହି ସମୟରେ ତାଙ୍କ ସ୍ତ୍ରୀ ଓ ଶାଳୀ ତାଙ୍କୁ ଗାଳିଗୁଲଜ କରିବା ସହ ପନିକୀରେ ଆକ୍ରମଣ କରିଥିଲେ । ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ ।

**'ଏମ୍ସ ପ୍ଲସ' ସ୍ୱପ୍ନ ଦେଖୁଥିବା ଏମ୍‌କେସିଜି ହସ୍ପିଟାଲର ଗୁମର କଥା**

# ପୋକ କାମୁଡ଼ା ରୋଗୀକୁ ଛାତି ଏକ୍ସରେ ପରାମର୍ଶ !

ବ୍ରହ୍ମପୁର,୪ ।୧୦(ସମିସ)

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ହସ୍ପିଟାଲ ଓ ମେଡିକାଲ କଲେଜ । ମାଗଣାରେ ଉନ୍ନତ ଧରଣର ଚିକିତ୍ସା ସେବା ଆଶାରେ ଏହା ଉପରେ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ନିର୍ଭର କରିଥାନ୍ତି । ତେବେ ଏଠାକାର ବ୍ୟବସ୍ଥା କଥା ନକହିବା ଭଲ । ବଡ଼ବଡ଼ିଆ ଗୁରୁତର ଅବସ୍ଥାରେ ଏଠାରେ ଚିକିତ୍ସା ନହୋଇ ରାଜ୍ୟ ବାହାରକୁ ଅଥବା ଭୁବନେଶ୍ୱର କିମ୍ବା କଟକ ପଳାଉଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ ଘଟଣାକୁ ନେଇ ଏମ୍‌କେସିଜି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥାଏ । ସବୁ ସୁବିଧା ଥାଇ ସୁଦ୍ଧା ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବା ଯେମିତି ଏଠାରେ ସ୍ୱପ୍ନ । ଅପରପକ୍ଷେ ବିରଳ ତଥା ସଫଳ ଅସ୍ତ୍ରୋପଚାର କରି ମଧ୍ୟ କିଛି ହାତଗଣତି ଡାକ୍ତର ସୁନାମ ଅର୍ଜନ କରିଛନ୍ତି । ଏଭଳି ପରିସ୍ଥିତିରେ ଶହ ଶହ କୋଟି ଟଙ୍କା ବିନିଯୋଗ କରି ଏମ୍‌କେସିସଜି ମେଡିକାଲକୁ ଏମ୍ସ ପ୍ଲସ ମାନ୍ୟତା ଦେବାର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର । ତୃଣମୂଳ ସ୍ତରରେ ଭିତ୍ତିଭୂମିର ଅଭାବକୁ ଦୂର ନକରି ଏମ୍ସ ପ୍ଲସ କରିବା ଯୋଜନା କେବଳ ପ୍ରଚାର ସର୍ବସ୍ୱ ବୋଲି ସାଧାରଣରେ ଆଲୋଚନା ହେଉଛି ।

● **ଏକ୍ସରେ ରିପୋର୍ଟ ବାହାରିବା ପରେ 'କିଏ କହିଲା' ବୋଲି ପ୍ରଶ୍ନ କଲେ ଡାକ୍ତର**

● **ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନକୁ ଭୁଲ୍ ଦର୍ଶାଉଛନ୍ତି ନିରାମୟ କେନ୍ଦ୍ରର ଫାର୍ମାସିଷ୍ଟ**



ଶୁକ୍ରବାର ଏମ୍‌କେସିଜି କାଜୁଆଲିଟିରେ ଏକ ଅଭାବନୀୟ ଘଟଣା ଘଟିଛି । ବ୍ରହ୍ମପୁର ଉପକଣ୍ଠ ଗୋଳାବନ୍ଧ ଗ୍ରାମର ଅଜୟ କୁମାର ବେଉରିଆ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ଏକ ପୋକ ଅଜୟଙ୍କ ହେଲ୍‌ମେଟ ଭିତରେ ପଶି ସାର୍ଟ ଭିତରକୁ ଯାଇ ଛାତିକୁ କାମୁଡ଼ି ଦେଇଥିଲା । ଅସହ୍ୟ ଯନ୍ତ୍ରଣା ହେବାରୁ ତୁରନ୍ତ ସେ ଏମ୍‌କେସିଜି କାଜୁଆଲିଟିକୁ ଆସି ଉପସ୍ଥିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଡାକ୍ତର କିଛି ନବୁଝି ନଶୁଣି ସିଧାସଳଖ ଛାତିର ଏକ୍ସରେ କରିବାକୁ ଲେଖିଦେଲେ । ଅଜଜ ଛାତିର ଏକ୍ସରେ କରି ରିପୋର୍ଟ ଆଣି ସମ୍ପୃକ୍ତ ଡାକ୍ତରଙ୍କୁ ଦେଖାଇଥିଲେ । ସେତେବେଳେ ଡାକ୍ତର ଜଣକ ଅଜୟଙ୍କୁ ଏକ୍ସରେ କ'ଣ ପାଇଁ ବାହାର କରିଛନ୍ତି ବୋଲି ଓଲଟି ପ୍ରଶ୍ନ କରିବାରୁ ଆଶ୍ଚର୍ଯ୍ୟ ହୋଇଥିଲେ ନିଜେ ଅଜୟ । ଏଭଳି ଅଭାବନୀୟ ପରିସ୍ଥିତି ସମ୍ପର୍କରେ ସେଠାରେ ଉପସ୍ଥିତ ଅନ୍ୟ ଡାକ୍ତରମାନେ ଚିନ୍ତାରେ ପଡ଼ିଯାଇଥିଲେ । ପରେ ଔଷଧ ଦେଇ ଅଜୟଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ ।

ସେହିଭଳି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜଣେ ବ୍ୟକ୍ତି କାଜୁଆଲିଟିକୁ ଯାଇ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନେଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରାଥମିକ ଚିକତ୍ସା ପରେ ନିରାମୟ କେନ୍ଦ୍ରରୁ ଔଷଧ ନେବାକୁ ଡାକ୍ତର କହିଥିଲେ । ତେବେ ନିରାମୟ କେନ୍ଦ୍ରରେ ନିୟୋଜିତ ଜନୈକ ଫାର୍ମାସିଷ୍ଟ ଡାକ୍ତର ଲେଖିଥିବା ପ୍ରେସ୍‌କ୍ରିପ୍‌ସନ ଭୁଲ୍ ଥିବା ଦର୍ଶାଇ ସମ୍ପୃକ୍ତ ରୋଗୀଙ୍କୁ ୫ଶହ ପାୱାର ପରିବର୍ତ୍ତେ ୨ ଶହ ପାୱାରର ଔଷଧ ଦେଇଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଏମ୍‌କେସିଜିକୁ ଏମ୍ସ ପ୍ଲସ ମାନ୍ୟତା ଦେବାକୁ ସ୍ୱପ୍ନ ଦେଖାଉଥିବା ଏହି ସରକାରୀ ହସ୍ପିଟାଲରେ ରୋଗୀଙ୍କ ସ୍ୱାସ୍ଥ୍ୟପ୍ରତି ଡାକ୍ତର କେତେ ଯତ୍ନବାନ ଏବଂ ଫାର୍ମାସିଷ୍ଟ ଓ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟର କେତେ ଅଭାବ ରହିଛି । ଏଣୁ ଖାଲି ଏମ୍ସ ପ୍ଲସ ମାନ୍ୟତା ପ୍ରଦାନ କରିଦେଲେ ହେବନାହିଁ ବରଂ ଏହା ପୂର୍ବରୁ ଏଠାରେ ଥିବା ଭିତ୍ତିଭୂମିର ଅଭାବ ଦୂର କରିବା ସହିତ ଆନୁସଙ୍ଗିକ ବ୍ୟବସ୍ଥା ଓ ରୋଗୀଙ୍କ ପ୍ରତି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟୋଜିତ କର୍ମଚାରୀ ଓ ଅଧିକାରୀଙ୍କ ମନୋଭାବରେ ମଧ୍ୟ ପରିବର୍ତ୍ତନ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

# ୧୮ ଜୁଆ ଆଡ୍ଡାରେ ଚଢ଼ଉ; ୮ ଲକ୍ଷ ଟଙ୍କା,୨୫ରୁ ଅଧିକ ବାଇକ୍ ଜବତ

**ବ୍ରହ୍ମପୁର ପୁଲିସ ଜିଲ୍ଲା**

ବ୍ରହ୍ମପୁର,୪।୧୦(ସମିସ)

ବ୍ରହ୍ମପୁର ପୁଲିସ କୁମାର ପୂର୍ଣ୍ଣିମା ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ମାସ ପହିଲାରୁ ଏଯାବତ ୧୮ଟି ଜୁଆ ଆଡ୍ଡାରେ ଚଢ଼ଉ କରି ୧୨୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ଏଠାରୁ ୮ ଲକ୍ଷ ୬୧ହଜାର ଟଙ୍କା ସମେତ ୫୫ଟି ମୋବାଇଲ ଓ ୨୫ରୁ ଊର୍ଦ୍ଧ୍ୱ ବାଇକ ଜବତ କରିଛି । ଟାଉନ, ବୈଦ୍ୟନାଥପୁର, ନିମଖଣ୍ଡି, ବଡ଼ବଜାର, ଜରଡ଼ା, ଗୋପାଳପୁର ଓ ଗୋଳନ୍ଥରା ଥାନା ପୁଲିସ ଏହି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି । ଗତ ୩ତାରିଖ ବିଳମ୍ବିତ ରାତିରେ ଗୋଇଲୁଣ୍ଡି ଚନ୍ଦ୍ରଚାଅଁଡ଼ା ପଥର ସ୍ଥିତ ଶିବ ମନ୍ଦିର ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ବିଏନପୁର ଥାନା ପୁଲିସ ଚଢାଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରି ୧୧ହଜାର ୭ଶହ ଟଙ୍କା ଓ ୪ଟି ମୋବାଇଲ ଜବତ କରିଛଇ । ସେହିଭଳି ବିଳମ୍ବିତ ରାତିରେ ଲାଞ୍ଜିପଲ୍ଲୀ ଛକ ଉପରେ ଚାଲିଥିବା ଜୁଆଖେଳରେ ପୁଲିସ ଚଢାଉ କରି ୧୧ଜଣ ଜୁଆଡ଼ିଙ୍କୁ କାବୁ କରିଥିଲା । ଏଠାରୁ ୧୨ହଜାର ୨ଶହ ଟଙ୍କା ଓ ୬ଟି ମୋବାଇଲ ଜବତ କରିଛି । ସେହିଭଳି ୨ତାରିଖ ସନ୍ଧ୍ୟାରେ କମାପଲ୍ଲୀ ଓଭରବ୍ରିଜ ନିକଟସ୍ଥ ଏକ ଜୁଆଖେଳରୁ ପୁଲିସ ୭ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୭ହଜାର ୫ଶହଟଙ୍କା ସମେତ ୪ଟି ମୋବାଇଲ ଜବତ କରିଛି । ଅନୁରୂପ ଭାବେ ବ୍ରହ୍ମନଗର ଗୁଡିଘାଇ ବନ୍ଧ ନିକଟସ୍ଥ ଜୁଆଆଡ୍ଡାରୁ ୩ଜଣଙ୍କୁ କାବୁ କରିବା ସହ ୧୧ହଜାର ୫ଶହ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରିଛି । ଏନେଇ ବୈଦ୍ୟନାଥପୁର ଥାନାରେ ସମ୍ପ୍ରତି ୪ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆ ଆଡ୍ଡା ଚଢ଼ଉ କ୍ଷେତ୍ରରେ ଏହି ଥାନାରେ ସର୍ବାଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଆଗାମୀ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପୁଲିସର ଏହି ଚଢାଉ ଜାରି ରହିବ ବୋଲି ଜଣାପଡ଼ିଛି ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ବ୍ରହ୍ମପୁର,୪।୧୦(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଡ. ବିଭୂପ୍ରସାଦ ସାହୁ, ଡ. ମନୋରଞ୍ଜନ ବିଷୋୟୀ ଓ ଅଧ୍ୟାପକ ଅଶୋକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ଏ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ମାରଥନ, ସ୍ୱଚ୍ଛତା ହିଁ ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଅଧ୍ୟାପକ ଅଶୋକ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ କର୍ମଚାରୀ ତାରିଣୀ ଚରଣ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ୩ ଯୁବ ପ୍ରତିଭା ପାଇବେ କେପିଜେଏଲ୍ ଯୁବ ବିଜେତା ସମ୍ମାନ

ବ୍ରହ୍ମପୁର,୪।୧୦(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ "କୁଆଁର ପୁନେଇଁ ଜହ୍ନ ଲୋ' (କେପିଜେଏଲ୍) ଯୁବ ବିଜେତା ସମ୍ମାନ' ପାଇବା ନିମନ୍ତେ ୩ଜଣ ବିଶିଷ୍ଟ ଯୁବ ପ୍ରତିଭା ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ କେ. ରାଜୁ ରହିଛନ୍ତି । ଭାବାନଗରରେ ଆୟୋଜିତ "୧୬ତମ କୁଆଁର ପୁନେଇଁ ଜହ୍ନ ଲୋ-୨୦୨୫'ର ସ୍ୱତନ୍ତ୍ର ଯୁବ ପ୍ରତିଭା ଚୟନ କରାଯାଇଥିଲା । ଏହି



ବିଶିଷ୍ଟ ଯୁବ ପ୍ରତିଭାମାନଙ୍କୁ ଅକ୍ଟୋବର ୭ ତାରିଖ ଦିନ ଆୟୋଜିତ ହେବାକୁ ଥିବା ଜାତୀୟ ମହୋତ୍ସବରେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯିବ ବୋଲି ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ସୋନମ୍ ୱାଙ୍ଗଚୁକ୍‌ଙ୍କ ଗିରଫଦାରୀର ପ୍ରତିବାଦ



ବ୍ରହ୍ମପୁର,୪।୧୦(ସମିସ)

ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡରେ ସହରର ବିଭିନ୍ନ ସଙ୍ଗଠନର ନେତୃବୃନ୍ଦ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକଙ୍କ ଗିରଫକୁ ନେଇ ପ୍ରତିବାଦ କରାଯାଇଛି । କେନ୍ଦ୍ର ସରକାରର ନିର୍ଦ୍ଦେଶ କ୍ରମେ ସୋନମ୍ ୱାଙ୍ଗଚୁକଙ୍କୁ ଅଗଣତାନ୍ତ୍ରିତ ଭାବେ ଗିରଫ କରାଯାଇଥିବା ଅଭିଯୋଗରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା । ୩୭୦ଧାରା ଉଚ୍ଛେଦ ପରେ ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ଓ ୬ଷ୍ଠ ଅନୁଚ୍ଛେଦ ଯୋଡ଼ି ସ୍ୱୟଂଶାସିତ ଘୋଷଣାକୁ କାର୍ଯ୍ୟକାରୀ କରିବା ଦାବି ନେଇ ସୋନମ୍ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଲଦାଖବାସୀ ପର୍ଯ୍ୟାୟ କ୍ରମେ ଦୀର୍ଘ ବର୍ଷରୁ ଅନଶନରେ ବସିଥିଲେ । ଏହି ଶାନ୍ତିପୂର୍ଣ୍ଣ ଅନଶନକୁ ଭଣ୍ଡୁର କରିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଏଭଳି କାର୍ଯ୍ୟ କରିଥିବା ଏଠାରେ ଅଭିଯୋଗ ହୋଇଛି । ଗଣ ପ୍ରତିବାଦରେ ଶିକ୍ଷକ ସଂଗଠନର ନେତା ଅଶୋକ ଦଳାଇଙ୍କ ସଂଯୋଜନାରେ ବିଶିଷ୍ଟ ପରିବେଶବିତ୍ ସୁଧୀର ରାଉତ୍, ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ମୂଲିଆ ସଂଘର ଅବନୀ ଗୟା, ମାନବ ଅଧିକାର ସୁରକ୍ଷା ମଞ୍ଚର ଗଗନ ମଲ୍ଲିକ, ମାନବବାଦୀ ହେତୁବାଦୀ ସଂଗଠନର କେ. ନନ୍ଦେଶୁ ସେନାପତି, ଟିୟୁସିଆଇର ଶଙ୍କର ଇନ୍ କିଲାବ୍, ବରିଷ୍ଠ ସାମ୍ବାଦିକ ରବି ରଥ, ଡ. ବିଦ୍ୟୁତପ୍ରଭା ରଥ, ଇଫ୍ଟୁର ପ୍ରତାପ ପ୍ରଧାନ, କିଶୋର ମିଶ୍ର, ଏଆଇଡିଏସଓର ପପୁନ୍ ସାହୁ, ବିଜୟ କୁମାର ପାଢ଼ୀ, ଆଦିତ୍ୟ ନାରାୟଣ ରଥ, ଜୟକୃଷ୍ଣ ନାୟକ, ସୁବାସ ଚନ୍ଦ୍ର ରାଉତ, ହୃଷିକେଶ ପାତ୍ର, ଗୁଣନିଧି ବେହେରା, ଡି. ମୋହନ ରାଓ, ବିଜୟ କୁମାର ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ ସ୍ୱାଇଁ, ୱାଇ. କ୍ରିଷ୍ଣା ରାଓ ଓ କେ. ବାସବ ରାଜୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

**ବିଏମ୍‌ସିକୁ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା**

# ହେଲ୍‌ମେଟ୍ ପରିଧାନ ବାଧ୍ୟତାମୂଳକ

ବ୍ରହ୍ମପୁର,୪ ।୧୦(ସମିସ)

ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଘାରିଛି ନିଜ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା । ଦୈନନ୍ଦିନ କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ନିଜ ଅବହେଳା ପାଇଁ ସେମାନେ ଅନେକାଂଶରେ ଦାୟୀ । ଏହାକୁ ଦୃଷ୍ଟିରେ ରଖି ବିଇଏମସି କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରୁଥିବା ସମସ୍ତ ସ୍ଥାୟୀ, ଅସ୍ଥାୟୀ ଏପରିକି ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଜାରି କରାଯାଇଛି କଡ଼ା ନିର୍ଦ୍ଦେଶନାମା । ସମସ୍ତଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରାଯାଇଛି । ଏଥିରେ ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଜାରି ନୋଟିସରେ ସ୍ପଷ୍ଟ କରାଯାଇଛି । ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିବା ବେଳେ ବିଇଏମ୍‌ସି ପରିସରରେ ଲାଗିଥିବା ସିସିଟିଭି ଫୁଟେଜରେ ଯଦି କୌଣସି କର୍ମଚାରୀ ବିନା ହେଲମେଟରେ କାର୍ଯ୍ୟାଳୟ ପରିସରକୁ ପ୍ରବେଶ ଚିତ୍ର ସାମନାକୁ ଆସେ ତୁରନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ଫଟୋକୁ ଆର୍‌ଟିଓଙ୍କୁ ପ୍ରଦାନ କରାଯାଇ ଚାଲାଣ କାଟିବାକୁ ସୁପାରିଶ କରାଯିବ ବୋଲି ତାଗିଦ୍ କରାଯାଇଛି । କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ସମସ୍ତେ କଡାକଡି ମାନିବାକୁ କୁହାଯାଇଥିବା ବେଳେ କର୍ପୋରେଟରମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କେବଳ ବିଇଏମ୍‌ସିର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଆଗକୁ ଏହାର ସଫଳତାକୁ ଦୃଷ୍ଟିରେ ରଖି ଏଠାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ମଧ୍ୟ ମାର୍ଗଦର୍ଶିକା ଜାରି ହେବ ବୋଲି କହିଛନ୍ତି ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ । ତେବେ ଏହାପୂର୍ବରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କ ସହଯୋଗ ଲୋଡ଼ାଯିବ ବୋଲି ସେ କହିଛନ୍ତି । ଗତ ୩ ତାରିଖରେ କର୍ମଚାରୀଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ ଦର୍ଶାଇ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଶନିବାର ପ୍ରଥମ ଦିବସରେ ଅଧିକାଂଶ କର୍ମଚାରୀଙ୍କ ମୁଣ୍ଡରେ ହେଲମେଟ ଥିବା ପରିଲକ୍ଷିତ ହୋଇଥିଲା । ଏହାଦ୍ୱାରା ଘରୁ କାର୍ଯ୍ୟାଳୟକୁ ଆସିଥିବା କର୍ମଚାରୀ ପୁଣି ସୁରକ୍ଷିତ ଭାବେ ନିଜ ଘରକୁ ଫେରିପାରିବ ବୋଲି କହିଛନ୍ତି କମିଶନର ।




■ **ଖିଲାପିଙ୍କୁ ଚିହ୍ନଟ କରି ଚାଲାଣ ପାଇଁ ଆର୍‌ଟିଓକୁ ପଠାଯିବ ସିସିଟିଭି ଫୁଟେଜ୍**

■ **ନିର୍ଦ୍ଦେଶନାମା ଅନୁପାଳନ କରିବାରେ କର୍ପୋରେଟରଙ୍କ ଲୋଡ଼ାଯାଇଛି ସହଯୋଗ**

■ **ଆଗକୁ ବିଇଏମ୍‌ସିକୁ ଆସୁଥିବା ସର୍ବସାଧାରଣଙ୍କ ପାଇଁ ଲାଗୁ ହେବ ମାର୍ଗଦର୍ଶିକା: କମିଶନର**

# ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବ୍ରହ୍ମପୁର,୪।୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାମଗୁଡାରେ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବନରକ୍ଷୀ ସୁଭାଷିନୀ ପ୍ରଧାନ ଯୋଗ ଦେଇଥିଲେ । ବ୍ରହ୍ମପୁର ବନଖଣ୍ଡ ଅଧିନସ୍ଥ ରାମଗୁଡା, ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବାସସ୍ଥାନ ଗଣା ଯାଉଥିବା ବେଳେ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ସହ ବଣଭୋଜି ପାଇଁ ବର୍ଷ ସାରା ଲୋକଙ୍କ



ଭିଡ଼ ରହୁଛି । କିନ୍ତୁ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ପଲିଥିନ ଜଙ୍ଗଲର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ମୃତ୍ତିକା ଓ ଜଳ ପ୍ରଦୂଷିତ କରୁଛି । ଯାହା ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ରହିଥିବା ପରିଷଦ ପକ୍ଷରୁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ବନ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀମାନେ ଦୁଇ କୁଇଣ୍ଟାଲ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି ଓ ଗଜସାଥୀ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

ଆଶା ଓ ଭାଷା

ରିଆଲିଟି ଶୋ'ରୁ ଓଲିଉଡ୍‌କୁ ଯାତ୍ରା । ହୃଦୟସ୍ପର୍ଶୀ ଓ ଉଚ୍ଚକୋଟୀର ତାଙ୍କ ଅଭିନୟ । ରୋମାଣ୍ଟିକ୍ ସିନ୍ ହେଉ କି ଇମୋସନାଲ ଅବା ଥ୍ରିଲର, ସବୁଠି ସେ ନିଜ ପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ଓଲିଉଡର ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ । ସେ ଜଣେ ପ୍ରକୃତି ପ୍ରେମୀ ମଧ୍ୟ । 'ଇସ୍କ ତୁ ହି ତୁ' ଥିଲା ତାଙ୍କର ଡେବ୍ୟୁ ଫିଲ୍ମ । 'କେହି ନୁହଁ କାହାର', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', 'ଲଭ୍ ଷ୍ଟେସନ୍', 'ଅଭୟ', 'ପାପ', 'ପ୍ରତିଶୋଧ', 'ପାବାର' ଆଦି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି । ଏବେ ଦଶହରାରେ ରିଲିଜ୍ ହୋଇଛି ତାଙ୍କ ଅଭିନୀତ 'ଚ୍ୟାଲେଞ୍ଜ' । ଏଥିରେ ସେ 'ସ୍ନେହା' ଚରିତ୍ରରେ ନଜର ଆସିଛନ୍ତି । 'ଚ୍ୟାଲେଞ୍ଜ'କୁ ନେଇ ଏଲିନାଙ୍କ ଅନୁଭୂତି, ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ ଜାଣିବା ତାଙ୍କ ମୁହଁରୁ... ।

## "ସିନେମାରେ ବଜେଟ୍ ନୁହେଁ, କାହାଣୀକୁ ଗୁରୁତ୍ୱ ଦିଏ"

**ଏଲିନା ସାମନ୍ତରାୟ, ଅଭିନେତ୍ରୀ**



**'ଚ୍ୟାଲେଞ୍ଜ'କୁ ନେଇ କ'ଣ କହିବେ?**

● ଚ୍ୟାଲେଞ୍ଜ ଗୋଟେ ସୁନ୍ଦର କାହାଣୀ । ମଲ୍ଟିଷ୍ଟାର୍ କାଷ୍ଟ ସିନେମା । ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ସମାଜ ପାଇଁ ଭଲ ବାର୍ତ୍ତା ଦେଉଛି ଯେ, ସତ୍ୟ ସହିତ ସବୁବେଳେ ସମସ୍ତେ ଛିଡ଼ା ହେବା ଆବଶ୍ୟକ । ଏହା ବ୍ୟତୀତ ସମାଜ ପାଇଁ କେଉଁଟା ଠିକ୍ ଆଉ ଭୁଲ୍, ଭାଇ-ଭଉଣୀର ସମ୍ପର୍କ, ପ୍ରେମ, ଇମୋସନ୍ ସବୁକିଛି ରହିଛି ଏହି ସିନେମାରେ । ଗୋଟେ ଭଲ କାହାଣୀ ଆଣିବାକୁ ପୂରା ଟିମ୍ ପରିଶ୍ରମ କରିଛୁ । ଗୌରବ ଆନନ୍ଦ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ଫିଲ୍ମର ଗୀତ ଗୁଡ଼ିକ ଭଲ ହୋଇଛି । ଅମିତ ସାର୍ କୋରିଓଗ୍ରାଫ୍ କରିଛନ୍ତି । ସମସ୍ତ ଟେକ୍ନିସିଆନ୍ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି ଫିଲ୍ମଟିକୁ ଆକର୍ଷଣୀୟ କରିବା ପାଇଁ । ଭିଜିଏମ୍ ବହୁତ ସୁନ୍ଦର ରହିଛି । ପ୍ରତ୍ୟେକ ସିନ୍‌ରେ ବ୍ୟାକଗ୍ରାଉଣ୍ଡ ସାଉଣ୍ଡର ବି ନୂତନତ୍ୱ ରହିଛି । ସିନେମାଟି ସମସ୍ତଙ୍କୁ ମନକୁ ଛୁଇଁବ ବୋଲି ମୋର ଆଶା ।

**ଡ୍ରିମ୍ ରୋଲ ?**

● ନୂଆ କରି ଇଣ୍ଡଷ୍ଟ୍ରିକୁ ଆସିବାବେଳେ ଡ୍ରିମ୍ ରୋଲକୁ ନେଇ ମନରେ ଖୁସି ଥିଲା । ଏବେ ଭଲ କାହାଣୀରେ କାମ କରିବାକୁ ଇଚ୍ଛା ଅଛି । ମୁଁ ସିନେମାର ବଜେଟ ନୁହେଁ, ମୌଳିକତାକୁ ହିଁ ଗୁରୁତ୍ୱ ଦିଏ । କାହାଣୀକୁ ସୁଟ୍ କରିବା ପରି ନୃତ୍ୟଭିତ୍ତିକ ଗୀତ କରେ ।

**'ସ୍ନେହା' ଚରିତ୍ର ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ସ୍ନେହା ଜଣେ ସରଳ ଝିଅର କାହାଣୀ । ସେ ପ୍ରତ୍ୟେକ ପରିସ୍ଥିତିରେ ନିଜର ଭାଇ-ଭାଉଜଙ୍କ ସହିତ ରହୁଛି । ଆଦିତ୍ୟକୁ ସେ ଭଲ ପାଉଛି । ସହରର ପ୍ରତିଷ୍ଠିତ ବ୍ୟକ୍ତି ଜେଡି କିପରି ଡାକ୍ତରଖାନା ତିଆରି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି ଆଉ ନେତା ମନ୍ତ୍ରୀଙ୍କ ସହଯୋଗ ପାଉଛି, ଆଦିତ୍ୟ ସହିତ ମିଶି ସ୍ନେହା ତା'ର ପର୍ଦ୍ଦାଫାସ କରୁଛି । ଜେଡିକୁ ଚ୍ୟାଲେଞ୍ଜ ଦେବାକୁ ଆଦିତ୍ୟକୁ ସ୍ନେହା ସାହସ ଦେଉଛି । ସୁଖଶାନ୍ତି ସବୁକୁ ହରାଇ ବି ଆଦିତ୍ୟ ଶେଷରେ ଜେଡିକୁ ଧ୍ୱଂସ କରୁଛି । ତେଣୁ ବହୁତ ସୁନ୍ଦର ଭାବେ ମୋର ଚରିତ୍ରକୁ ସଜାଇଛନ୍ତି ପୁରୁ ଭାଇ । ଅର୍ଦ୍ଧେନ୍ଦୁଙ୍କ ସହିତ କାମ କରିବାର ଅନୁଭୂତି ବି ନିଆରା । ସୁନ୍ଦର ଦେଖାଯିବା ପାଇଁ ଧନ୍ୟବାଦ ଦେବି ଡିଓପି ପ୍ରତାପ ଭାଇଙ୍କୁ । "ଦୁଲ୍‌ଦୁଲି' ଗୀତକୁ ବହୁତ ଭଲ ପାଇବା ମିଳୁଛି । ରୋମାଣ୍ଟିକ୍ ଗୀତ "ମଖମଲି ମିଶିରି' ବି ଭଲ ହୋଇଛି । ସ୍ନେହା ଚରିତ୍ରକୁ ମୁଁ କେତେ ପ୍ରତିଶତ ଭଲ କରି ପାରିଛି, ତାହା ଦର୍ଶକ ହିଁ କହି ପାରିବେ । ଏହି ବାସ୍ତବଧର୍ମୀ ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ଛୁଇଁବ । ଦର୍ଶକଙ୍କ ପ୍ରତିକ୍ରିୟାରେ ଆମ ଭୁଲ୍ ଠିକ୍ ସଜାଡ଼ି ହୋଇ ପାରିବ ।

**ଆପଣଙ୍କ ପ୍ରାୟ ସିନେମାରେ ଟ୍ରେନ୍ ସିନ୍ ଥାଏ, ଏହାକୁ ନେଇ କିଛି ସ୍ମରଣୀୟ ମୁହୂର୍ତ୍ତ ଅଛି?**

● ଟ୍ରେନ୍‌ରେ ସିନ୍ ଭଗବାନଙ୍କ ଆଶୀର୍ବାଦ । ସାଇ କିରଣ ମଙ୍ଗରାଜ ଭାଇଙ୍କୁ ଧନ୍ୟବାଦ ଦେବି । ସେ 'ଚ୍ୟାଲେଞ୍ଜ'ରେ ପ୍ଲାଟଫର୍ମରେ ମୋ ପାଇଁ 'ଡିଡିଏଲ୍' ସିନ୍ ତିଆରି କରିଛନ୍ତି । 'ଡିଡିଏଲ' ଗୀତ ସାଙ୍ଗକୁ ହଠାତ୍ ମୋ ଉପରେ ଫୁଲ ବର୍ଷୁଛି । ହିରୋ ମୋ' ହାତକୁ ଭିଡ଼ି ଟ୍ରେନ୍‌କୁ ନେଉ ଯାଉଛନ୍ତି । ଡିଡିଏଲ୍ ସିନ୍ କରିବା ସୌଭାଗ୍ୟର ବିଷୟ । ଏହା ମୋ' ପାଇଁ ସ୍ମରଣୀୟ ରହିବ ।

**ଆପଣଙ୍କ ନୃତ୍ୟଭିତ୍ତିକ ଗୀତର ସବୁବେଳେ କ୍ରେଜ୍ ଥାଏ । ସେନେଇ କ'ଣ କହିବେ?**

● ଧନ୍ୟବାଦ ଦେବି ଅମିତ ସାର୍‌ଙ୍କୁ । 'ଦୁଲ୍‌ଦୁଲି', 'ମଖମଲି ମିଶିରି' ଆଦି ଗୀତ ସବୁ ସେ କରାଇଛନ୍ତି । ତା' ପୂର୍ବରୁ 'ଲାଲ୍ ଟହ ଟହ...' ଗୀତ ବି ଟ୍ରେଣ୍ଡରେ ରହିଥିଲା । ପ୍ରାୟତଃ ନୃତ୍ୟଭିତ୍ତିକ ଗୀତ ବ୍ୟାବସାୟିକ ସଫଳତା ପାଇଛି । ମୁଁ ନାଚକୁ ଏନ୍‌ଜଏ କରେ । ହେଲେ ମୋତେ ଗାଇଡାନ୍ସ ନିହାତି ଦରକାର ଥାଏ । ସବୁ ଶ୍ରେୟ ଅମିତ ସାର୍‌ଙ୍କୁ ଦେବି । ମୋର ଲୁକ୍ ତିଆରି ପାଇଁ ଟିମ୍ ମଧ୍ୟ ବହୁତ ପରିଶ୍ରମ କରନ୍ତି ।

**ଫିଟ୍ ରହିବାକୁ କ'ଣ କରନ୍ତି?**

● କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ସେଥିପାଇଁ ମୁଁ ଘର ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଖାଏ । ୱାର୍କଆଉଟ୍ କରେ । ଏକ ସୁସ୍ଥ ଜୀବନଶୈଳୀ ହିଁ ଜଣଙ୍କୁ ସୁସ୍ଥ ରଖିବାରେ ଭୂମିକା ଗ୍ରହଣ କରେ ।

**ଦର୍ଶକଙ୍କୁ କ'ଣ ମେସେଜ ଦେବେ?**

● ଦର୍ଶକ ହେଉଛନ୍ତି ଭଗବାନ । ମୁଁ ସୌଭାଗ୍ୟଶାଳୀ ଯେ ଓଡ଼ିଶାର ଦର୍ଶକ ମୋତେ ଭଲପାଇବା ଦେଇଆସିଛନ୍ତି । ଯେବେ ବି କିଛି ସିନେମା ନେଇ ଆସିଛି , ସମସ୍ତେ ଭଲ ପାଇବା ଦେଉଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ମୋତେ ମେସେଜ୍ କରୁଛନ୍ତି । ତେଣୁ ଦର୍ଶକଙ୍କ ଭଲ ପାଇବା ଏମିତି ରହିଥାଉ ।

**ଏଲିନାଙ୍କ ଆଗାମୀ ଯୋଜନା ?**

● ଖୁବ୍ ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବି । ଏହା ବାସ୍ତବଧର୍ମୀ ସୁନ୍ଦର କାହାଣୀ ଉପରେ ପର୍ଯ୍ୟବସିତ । ଏମିତି ସିନେମା ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ନିହାତି ଦରକାର । ସିନେମାରେ ଜୟପ୍ରକାଶ ମହାନ୍ତି ( ଟିଲୁ ଭାଇଙ୍କ) ସହିତ ମୋର କେମେଷ୍ଟ୍ରି ଦେଖିବାକୁ ମିଳିବ ।



## ଷ୍ଟାଇଲିସ୍ ହିରୋ ଲୋହିତାକ୍ଷ

ଷ୍ଟାଇଲ ଯେମିତି, ସ୍ମାଇଲ ସେମିତି । ହାଇଟ୍ ଯେମିତି, ଫାଇଟ୍ ସେମିତି । ଯେମିତି କନ୍ଦେଇ ପାରନ୍ତି, ସେମିତି ହସେଇ ବି ପାରନ୍ତି । ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ' ଜରିଆରେ ଇଣ୍ଡଷ୍ଟ୍ରିରେ ଆଉ ଜଣେ ନାୟକଙ୍କର ଆବିର୍ଭାବ ଘଟିବାକୁ ଯାଉଛି । ସେ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ । ତାଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ଦେଖି ନୂଆପିଢ଼ିର ସବୁ ନାୟିକା ଫିଦା । ଯଦିଓ ଆଗରୁ ସେ ଅନେକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି । ତେବେ ନାୟକ ଭାବରେ ଏହା ତାଙ୍କର ପ୍ରଥମ ସିନେମା । 'ହୋମ୍ ପ୍ରଡକ୍ସନ' ବ୍ୟାନରର ଏହି ଚଳଚ୍ଚିତ୍ରରେ ତାଙ୍କୁ ଉପସ୍ଥାପିତ କରାଯାଉଛି । ତେଣୁ ନିର୍ମାତା ଦେବାଶିଷ ପଟ୍ଟନାୟକ କୌଣସିଥିରେ କିଛି ଊଣା କରି ନାହାଁନ୍ତି ଏବଂ ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ନିର୍ଭରଯୋଗ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ହାତରେ । ଲୋହିତାକ୍ଷଙ୍କୁ ଆଖିରେ ରଖି କାହାଣୀ ଲେଖା ଯାଇଛି ଏବଂ ତାଙ୍କ ବିପକ୍ଷରେ ଜଣେ ନବାଗତାଙ୍କୁ ସୁଯୋଗ ମିଳିଛି । ସେହି ନାୟିକାଙ୍କ ନାଁ ହେଉଛି ଅଭିଲିପ୍ସା । ନିଜର ନୂଆ ଲୁକ, ନୂଆ ଇମେଜ ଓ ନୂଆ ଅନ୍ଦାଜରେ ଲୋହିତାକ୍ଷ ସମସ୍ତଙ୍କର ମନ ଜିଣିବେ ବୋଲି ପ୍ରଯୋଜନା ସଂସ୍ଥା ଦୃଢ ଆଶାବାଦୀ ଅଛନ୍ତି । 'ଲଢେଇ' ଆଗାମୀ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି ।

## ନଭେମ୍ବରରେ 'ଦର୍ପଣ'



ଦର୍ପଣ ଭିତରେ ଦିଶିବ ଏକ ଭୟଙ୍କର ଚେହେରା । ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ । ଯାହାକୁ ଦେଖି ହଲରେ ଥରିବେ ଦର୍ଶକ । ଭରପୂର କମେଡ଼ି ସହିତ ଡ୍ରାମା ବି ଜବରଦସ୍ତ । ଏମିତି ଏକ ନିଆରା ରହସ୍ୟଭରା କାହାଣୀକୁ ନେଇ ନଭେମ୍ବରରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦର୍ପଣ' । ନିତିଦିନିଆ ଜୀବନରେ ଦର୍ପଣ ହିଁ ଦେଖାଏ ପ୍ରତିଛବି । ବେଳେବେଳେ ମଣିଷ ସାମ୍ନାରେ ଏହାକୁ ରଖିଦେଲେ ହୁଏତ ମୁହଁ ତଳେ ଲୁଚିଥିବା ଭିନ୍ନ ଏକ ଭୟଙ୍କର ରୂପ ସାମ୍ନାକୁ ଆସିଯାଏ । ଏହିଭଳି ଏକ ରହସ୍ୟଭରା କାହାଣୀକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ସିନେମାର ନିର୍ଦ୍ଦେଶକ ଭରତ ପୁଷ୍ପରାଗ । ପ୍ରଥମ ଥର 'ସାୟନ୍ ପ୍ରଡକ୍ସନ ହାଉସ୍' ବ୍ୟାନରରେ ନିର୍ମାଣ ହୋଇଛି ପ୍ରଥମ ଓଡ଼ିଆ ହରର୍ ସହ ସାଇକୋ ଥ୍ରିଲର୍ ସିନେମା 'ଦର୍ପଣ' । ଯାହା ଏକ ଭୟାନକ କାହାଣୀ ଉପରେ ଆଧାରିତ । ଯେଉଁଥିରେ ହରର୍, ସସ୍‌ପେନ୍ସ ଓ ଫାମିଲି ଡ୍ରାମା ସହ ଭରପୂର କମେଡି ମଧ୍ୟ ରହିଛି । ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ନଜର ଆସୁଛନ୍ତି ଅଙ୍କିତ କୁମାର । ଅଙ୍କିତଙ୍କ ବିପକ୍ଷରେ ଅଛନ୍ତି ସୁନ୍ଦରୀ ନାୟିକା ତୃପ୍ତି ମୀରାମ୍ବିକା । ଆଗରୁ ତୃପ୍ତି ଓ ଅଙ୍କିତ୍ ଅନେକ ସିନେମା ସହ ବଡ଼ ପରଦାରେ ମଧ୍ୟ ଅଭିନୟ କରିସାରିଛନ୍ତି । ଏହି ଦର୍ପଣ ସିନେମା ମାଧ୍ୟମରେ ଏ ଦୁହିଁଙ୍କୁ ଦମଦାର ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ । ଏତଦ୍ ବ୍ୟତୀତ ଏହି ସିନେମାରେ ନୂଆ ଓ ପୁରୁଣା ଉଭୟ କଳାକାରମାନଙ୍କୁ ଦର୍ଶକ ଦେଖିବାକୁ ପାଇବେ । ହିରଣ୍ମୟୀ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା, ଏମିତି ବହୁତ କଳାକାରଙ୍କୁ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଦିଲ୍ଲୀପ କୁମାର ସାହୁ । ଏହାର ସୁଟିଂ ଓଡ଼ିଶା ସମେତ ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ହେଉଛି । 'ଦର୍ପଣ' ଚଳଚ୍ଚିତ୍ରରେ ମ୍ୟୁଜିକ୍ ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ । ସେହିପରି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି । ଏହାର ସଂଳାପ ଲେଖିଛନ୍ତି କମେଶ ଶୁକ୍ଳା ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ । ଉକ୍ତ ଚଳଚ୍ଚିତ୍ରରେ ଦର୍ଶକମାନେ ନିହାତି ଭାବରେ କିଛି ଭିନ୍ନ ଦେଖିବାକୁ ପାଇବେ ବୋଲି ପ୍ରଯୋଜକ ଆଶା ରଖିଛନ୍ତି ।



## ଓଟିଟିରେ 'ଘମାଘୋଟ୍'ର ରେକର୍ଡ

ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଗତ ସେପ୍ଟେମ୍ବର ୨୨ରେ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟରେ ଡିଜିଟାଲ୍ ପ୍ରିମିୟର ହୋଇଥିଲା । ଯାହାକି ଓଟିଟିରେ ରେକର୍ଡ ବ୍ରେକ୍ କରିଛି । ମାତ୍ର ୨୧ ଦିନରେ ୪ ଲକ୍ଷ ଭିୟୁଜ୍ ଏହା ସଂଗ୍ରହ କରିଛି । 'କୌସ୍ତଵ ଡ୍ରିମୱାର୍କ୍ସ ଷ୍ଟୁଡିଓ' ଅଧୀନରେ ତଥା କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା. ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ଓଡ଼ିଶାର ଫିଲ୍ମ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା । ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ରାଜ୍ୟରେ ଗ୍ୟାଙ୍ଗ ୱାରର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା ନିର୍ଦ୍ଦେଶକ ରାଜା ଡି. କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା । ଫଳରେ ଏହା ଫାଇଟ୍ ଦୃଶ୍ୟଗୁଡ଼ିକକୁ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ କରିଥିଲା । ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍‌ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ।





## 'ହେ ମା'ର ଶୁଭମୁକ୍ତି

ଶାରଦୀୟ ଦୁର୍ଗାପୂଜା ଅବସରରେ 'ମଞ୍ଜୟ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ଆଧୁନିକ ମ୍ୟୁଜିକ୍ ଭିଡିଓ 'ହେ ମା'ର ଶୁଭମୁକ୍ତି ହୋଇଯାଇଛି । ଏହାର ପରିକଳ୍ପନା କରିଛନ୍ତି ମଙ୍ଗଳ ଜ୍ୟୋତି ଦାସ । ଗୀତ ଲେଖିଛନ୍ତି ବିଶିଷ୍ଟ ଗୀତିକାର ସଚି ମହାନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ । କଣ୍ଠଦାନ କରିଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା । ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ ନେଇଥିବା ବେଳେ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ । ତେବେ ଏହି ଆଧୁନିକ ମ୍ୟାଜିକ୍ ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି ।

**ପରଦା ପଛର କାହାଣୀ**

## ଗୁଳି ବର୍ଷଣ ମଧ୍ୟରେ ଫିଲ୍ମ ସୁଟିଂ

ହିନ୍ଦୀ ସିନେମା ଜଗତରେ ଜଣେ ସାହସୀ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ପରିଚିତ ଫିରୋଜ ଖାନ୍ । ବଲିଉଡ୍‌ର ଜଗତରେ ସେ 'କାଓବୟ' ଭାବେ ପରିଚିତ । ସେ ଜଣେ ଲୋକପ୍ରିୟ ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ଥିଲେ । ଫିରୋଜ ଖାନ୍ ତାଙ୍କ ଷ୍ଟାଇଲିସ୍ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ତାଙ୍କ ନିର୍ମିତ ଫିଲ୍ମରେ ଗ୍ଲାମର୍, ବୋଲ୍‌ଡ ଦୃଶ୍ୟ ଅଧିକ ଥାଏ । ସେ ଫିଲ୍ମରେ ପରଫେକ୍ଟ ସଟ୍ ଦେବା ପାଇଁ ଯେ କୌଣସି ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ସୁଟିଂ କରିବାକୁ ଆଗେଇ ଆସୁଥିଲେ । ତାଙ୍କ ଫିଲ୍ମ 'ଧର୍ମାତ୍ମା'କୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ସେ ଏହି ଫିଲ୍ମକୁ ଗୁଳି ବର୍ଷଣ ମଧ୍ୟରେ ସୁଟିଂ କରିଥିଲେ । ନିର୍ଦ୍ଦେଶକ ଭାବେ ତାଙ୍କ ପ୍ରଥମ ଫିଲ୍ମ 'ଧର୍ମାତ୍ମା'ର ଯୋଜନା କରୁଥିଲେ, ଏହି ଫିଲ୍ମଟିକୁ ସେ କୌଣସି ସାଧାରଣ ସ୍ଥାନ ନୁହେଁ,ବରଂ ସୁନ୍ଦର ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସୁଟିଂ କରିବେ । ଏହାରି ମଧ୍ୟରେ ତାଙ୍କ ନଜର ଆଫଗାନିସ୍ତାନ ଉପରେ ପଡ଼ିଥିଲା । କିନ୍ତୁ ସେତେବେଳେ ସେଠାରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା । ସ୍ଥିତି ଏତେ ଖରାପ ଥିଲା ଯେ, ଫିଲ୍ମ ନିର୍ମାତାମାନେ ସେଠାକୁ ଯିବାକୁ ଭୟ କରୁଥିଲେ । କିନ୍ତୁ ଫିରୋଜ ଖାନ୍ ଆଫଗାନିସ୍ତାନର ମରୁଭୂମି ଓ ପାହାଡ଼ରେ ଫିଲ୍ମ ସୁଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ଫିଲ୍ମର କାହାଣୀ ଅନୁସାରେ ଏହି ସ୍ଥାନ ପରଫେକ୍ଟ ବୋଲି ସେ କହିଥିଲେ । ସୁଟିଂ ସମୟରେ ତାଙ୍କ ଟିମ୍ ଉପରେ ଅଚାନକ ଗୁଳି ମାଡ଼ ହୋଇଥିଲା । ସୁଟିଂ ସେଟ୍‌ରେ ଥିବା ସମସ୍ତ କଳାକାର ଭୟଭୀତ ହୋଇପଡ଼ିଥିଲେ । ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଭାବିଥିଲେ । କିନ୍ତୁ ଫିରୋଜ ଖାନ୍ ହାର ମାନି ନଥିଲେ । ସେଠାକାର ତତ୍କାଳୀନ ରାଷ୍ଟ୍ରପତି ମୋହମ୍ମଦ ଦାଉଦ ଖାନଙ୍କୁ ଭେଟିଥିଲେ । ରାଷ୍ଟ୍ରପତିଙ୍କୁ ତାଙ୍କ ଫିଲ୍ମର କାହାଣୀ କହିବା ସହ ଆଫଗାନିସ୍ତାନ ସୌନ୍ଦର୍ଯ୍ୟକୁ ସମଗ୍ର ବିଶ୍ୱରେ ଦେଖାଇବାକୁ ଚାହୁଁଥିବା କହିଥିଲେ । ଫିରୋଜ ଖାନ୍‌ଙ୍କ ସାହସ ଓ ନିଷ୍ଠା ଦେଖି ପ୍ରଭାବିତ ହୋଇଥିଲେ ରାଷ୍ଟ୍ରପତି । ତାଙ୍କୁ ଓ ତାଙ୍କ ଟିମ୍‌କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇଥିଲେ । ଫଳରେ ଫିରୋଜ ଖାନ୍ ନିର୍ଭୟରେ ନିଜ ଫିଲ୍ମ ସୁଟିଂ କରିଥିଲେ । ତେଣୁ ସେ ନିଜ ଫିଲ୍ମ ପାଇଁ କିଛି ବି କରିପାରନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଥିଲା ।



### ପ୍ରଥମ ଟେଷ୍ଟରେ ଜାଡେଜା ଶ୍ରେଷ୍ଠ, ୧୦ରୁ ଦ୍ୱିତୀୟ ମୁକାବିଲା

# ଭାରତ ଇନିଂସ ଓ ୧୪୦ ରନରେ ବିଜୟୀ

**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟମ୍ୟାଚ୍‌କୁ ଘରୋଇ ଭାରତ ଅଢ଼େଇ ଦିନରେ ଜିତିନେଇଛି। ପ୍ରଥମ ଦିନରୁ ଏକତରଫା ହୋଇଥିବା ଏହି ମ୍ୟାଚ୍ ଶନିବାର ୩ୟ ଦିନରେ ସମାପ୍ତ ହୋଇଥିଲା। ଅହମ୍ମଦାବାଦ ଟେଷ୍ଟକୁ ଭାରତ ଇନିଂସ ଓ ୧୪୦ ରନ୍‌ରେ ଜିତିବାରେ ସଫଳ ହୋଇଛି। ରବୀନ୍ଦ୍ର ଜାଡ଼େଜା ଓ ମହମ୍ମଦ ସିରାଜ୍‌ଙ୍କ ବୋଲିଂ ସଫଳତା ବଳରେ ଭାରତ ଏହି ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୨୮୬ ରନ୍ ପଛରେ ରହିଥିବା ୱେଷ୍ଟଇଣ୍ଡିଜ୍ ୨ୟ ଇନିଂସରେ ମାତ୍ର ୧୪୬ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ଭାରତ ଅପରାଜେୟ ୧-୦ ଲିଡ୍ ନେଇପାରିଛି। ଆସନ୍ତା ୧୦ରୁ ଦିଲ୍ଲୀରେ ଉଭୟ ଦଳଙ୍କ ମଧ୍ୟରେ ୨ୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍ ଖେଳାଯିବ। ଅପରାଜିତ ଶତକ ସହ ୪ଟି ୱିକେଟ୍ ନେଇଥିବା ରବୀନ୍ଦ୍ର ଜାଡ଼େଜା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଏହି ମ୍ୟାଚ୍‌ର ଶୁକ୍ରବାର ୨ୟ ଦିନ ଶେଷରେ ଭାରତ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍‌ରେ ୪୪୮ ରନ୍ କରିଥିଲା। ଶନିବାର ତୃତୀୟ ଦିନ ସକାଳୁ ସେହି ସ୍କୋର୍‌ରେ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ୨୮୬ ରନ୍ ଆଗରେ ରହିଥିଲା। ରବୀନ୍ଦ୍ର ଜାଡ଼େଜା ୧୦୪ ଓ ୱାଶିଂଟନ ସୁନ୍ଦର ୯ ରନ୍‌କରି ଅପରାଜିତ ଥିଲେ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିମ୍ନମାନର ବ୍ୟାଟିଂ କରିଥିଲା। ଉଭୟ ଇନିଂସ୍‌କୁ ମିଶାଇ ୱେଷ୍ଟଇଣ୍ଡିଜ୍‌ର ଜଣେ ମାତ୍ର ବ୍ୟାଟ୍‌ସମ୍ୟାନ୍ ଅର୍ଦ୍ଧଶତକ ହାସଲ କରି ପାରିନଥିଲେ। ଦୁଇ ଓପ୍‌ନର ଜନ୍ କ୍ୟାମ୍ପବେଲ୍ ୧୪ ଓ ତ୍ୟାଗନାରାୟଣ ଚନ୍ଦ୍ରପଲ ୮ ରନ୍ କରିଥିଲେ। ମଧ୍ୟକ୍ରମରେ ବ୍ରାଣ୍ଡନ୍ କିଙ୍ଗ୍ (୫) ଏବଂ ଅଧିନାୟକ ରୋଷ୍ଟନ୍ ଚେଜ୍ ଓ ସାଇ ହୋପ୍ ୧ ରନ୍ ଲେଖାଏଁ କରିଥିଲେ। ୪୬ ରନ୍‌ରେ ଇଣ୍ଡିଜ୍ ୫ଟି ୱିକେଟ୍ ହରାଇବା ପରେ ଆଲିକ୍ ଆଥାନେଜ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୪୬ ରନ୍ ଯୋଗ କରିଥିଲେ। ଆଥାନେଜ୍ ୩ଟି ଚୌକା ସହ ସର୍ବାଧିକ ୩୮ ରନ୍ କରିଥିଲେ। ଜଷ୍ଟିନ୍ ଗ୍ରିଭ୍‌ସ ୪ଟି ଚୌକା ସହ ୨୫ ରନ୍ କରିଥିଲେ। ଶେଷ ୱିକେଟ୍‌ରେ ୨୬ ରନ୍ ହୋଇଥିବା ବେଳେ ଏଥିରୁ ଜେଡେନ୍ ସିଲ୍‌ସ ୧୨ ବଲ୍‌ରୁ ୨ଟି ଛକା ଓ ଗୋଟିଏ ଚୌକା ସହ ୨୨ ରନ୍ କରିଥିଲେ। ଯୋହାନ୍ ଲେନ୍ ୧୪ ରନ୍ କରିଥିବା ବେଳେ ଖାରି ପିଏରେ ୧୩ ରନ୍‌କରି ଅପରାଜିତ ଥିଲେ। ରବୀନ୍ଦ୍ର ଜାଡ଼େଜା ୫୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ମହମ୍ମଦ ସିରାଜ୍ ୩୧ ରନ୍‌ରେ ୩ଟି ଓ କୁଲଦୀପ ଯାଦବ ୨୩ ରନ୍‌ଦେଇ ୨ଟି ୱିକେଟ୍ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ**
୧୬୨/୧୦ (ଜଷ୍ଟିନ୍ ଗ୍ରୀଭସ୍-୩୨, ଶାଇ ହୋପ୍-୨୬, ରୋଷ୍ଟୋନ ଚେଜ୍-୨୪, ସିରାଜ-୪/୪୦, ବୁମ୍‌ରା-୩/୪୨, କୁଲଦୀପ ଯାଦବ-୨/୨୫)।

**ଭାରତ ପ୍ରଥମ ଇନିଂସ**
୪୪୮/୫, ଘୋଷିତ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪ ନଟ୍‌ଆଉଟ, ଲୋକେଶ ରାହୁଲ-୧୦୦, ଚେଜ୍-୨/୯୦)।

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ**
୧୪୬/୧୦ (ଆଲିକ୍ ଆଥାନାଜେ-୩୮, ଗ୍ରୀଭ୍ସ-୨୫, ଜେଡେନ ସିଲ୍ସ-୨୨, ଜାଡେଜା-୪/୫୪, ସିରାଜ-୩/୩୧, କୁଲଦୀପ-୨/୩୧)।

**● ୧୪୮ ବର୍ଷର କ୍ରିକେଟ ଇତିହାସରେ ପ୍ରଥମ**

## ଗୋଟିଏ ବର୍ଷରେ ୨ଥର ୧୦୦ରେ ଆଉଟ ହେଲେ ରାହୁଲ

**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଘରୋଇ ଭାରତ ଏକ ଇନିଂସ ଓ ୧୪୦ ରନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଲୋକେଶ ରାହୁଲ ଶତକୀୟ ଇନିଂସ ଖେଳି ଦଳକୁ ବଡ଼ ବିଜୟ ଦେବାରେ ସହାୟତା କରିଥିଲେ। ଇନିଂସ ଓପନ କରିଥିବା ରାହୁଲ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଏଥିସହ ସେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ଦୁଇଥର ଠିକ୍ ୧୦୦ ରନରେ ଆଉଟ୍ ହେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍। ରାହୁଲ ଏଥିପୂର୍ବରୁ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ସିରିଜରେ ଲର୍ଡ୍ସରେ ଠିକ୍ ୧୦୦ ରନ କରିବା ପରେ ଆଉଟ୍ ହୋଇଥିଲେ। ୧୮୭୭ ମସିହାରୁ ଟେଷ୍ଟ କ୍ରିକେଟ୍ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୧୪୮ ବର୍ଷ ମଧ୍ୟରେ କୌଣସି କ୍ରିକେଟର ଗୋଟିଏ ବର୍ଷରେ ଦୁଇଥର ଟେଷ୍ଟରେ ୧୦୦ ରନରେ ଆଉଟ ହୋଇ ନ ଥିଲେ। ସେହିଭଳି ବିଶ୍ୱର ୭ମ କ୍ରିକେଟର୍ ଭାବେ ରାହୁଲ ଟେଷ୍ଟ କ୍ରିକେଟରେ ଦୁଇଥର ୧୦୦ ରନରେ ଆଉଟ୍ ହୋଇଛନ୍ତି।

## କ୍ରିକେଟ୍‌ରୁ ରସନାରାଙ୍କ ଅବସର



**ଭୁବନେଶ୍ୱର, ୪।୧୦ (ସମିସ):** ଓଡ଼ିଶାର ଆନ୍ତର୍ଜାତିକ ମହିଳା କ୍ରିକେଟର ରସନାରା ପରୱିନ ସମସ୍ତ ଫର୍ମାଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷ ବୟସ୍କା ରାସନାରା ୨୦୧୨ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ଭାରତ ପାଇଁ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୪ଟି ୱିକେଟ୍ ନେଇଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ୍ ମହିଳା ଦଳ ବିପକ୍ଷରେ ରାସନାରା ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ୱିକେଟ୍ ପାଇନଥିଲେ। ବଲାଙ୍ଗିରର ଅଫ୍‌ସ୍ପିନର ରାସନାରା ପରୱିନ ପାଖାପାଖି ୨ ଦଶନ୍ଧି ଓଡ଼ିଶା ମହିଳା ଦଳ ପାଇଁ ଖେଳିଥିଲେ। ଓଡ଼ିଶା ଓ ଭାରତୀୟ କ୍ରିକେଟ୍ ପ୍ରତି ରାସନାରାଙ୍କ ଅବଦାନ ପାଇଁ ଓସିଏ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ତାଙ୍କ ଉଲ୍ଲେଖନୀୟ କ୍ରିକେଟ୍ ଜୀବନର ଲାଗି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ରାସନାରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ରଣଜୀ ଦଳରୁ ବିପ୍ଳବ, ସୂର୍ଯ୍ୟକାନ୍ତ, ଶାନ୍ତନୁ ବାଦ୍

**ଭୁବନେଶ୍ୱର, ୪।୧୦ (ସମିସ):** ରଣଜୀ ଟ୍ରଫିର ୨୦୨୫-୨୬ ଋତୁ ଚଳିତମାସ ୧୫ରୁ ଆରମ୍ଭ ହେଉଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ରହିଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୫ ଜଣିଆ ଓଡ଼ିଶା ଦଳ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଘୋଷଣା କରିଛି। ଗତବର୍ଷ ଓଡ଼ିଶା ଛାଡ଼ି ମଧ୍ୟପ୍ରଦେଶ ଚାଲି ଯାଇଥିବା ବ୍ୟାଟ୍‌ସମ୍ୟାନ ଶୁଭ୍ରାଂଶୁ ସେନାପତି ପୁଣି ଓଡ଼ିଶା ଫେରିବା ପରେ ତାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଓପ୍‌ନର ସ୍ୱସ୍ତିକ ସାମଲ ଉପଅଧିନାୟକ ହୋଇଛନ୍ତି। ଗତବର୍ଷ ଓଡ଼ିଶାର ନେତୃତ୍ୱ ନେଇଥିବା ଓପ୍‌ନର ଶାନ୍ତନୁ ମିଶ୍ର ଦଳରୁ ବାଦ୍ ପଡ଼ିଛନ୍ତି। ଶାନ୍ତନୁଙ୍କ ସହ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶାନ୍ତନୁ ଓ ବିପ୍ଳବ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ଦଳରେ ୩ ଜଣ ନୂଆ ମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଓପ୍‌ନିଂ ବ୍ୟାଟ୍‌ସମ୍ୟାନ ଗୌରବ ଚୌଧୁରୀ, ଅଲ୍‌ରାଉଣ୍ଡର ସମ୍ବିତ ବରାଳ ଓ ବାମହାତି ସ୍ପିନର ବାଦଲ ବିଶ୍ୱାଳ। ଓଡ଼ିଶା ଅକ୍ଟୋବର ୧୫ରୁ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦାର ମୁକାବିଲା କରିବ। ଅକ୍ଟୋବର ୨୫ରୁ କାନପୁରରେ ଉତ୍ତର ପ୍ରଦେଶ ଓ ନଭେମ୍ବର ୧ରୁ ବାରବାଟୀରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଓଡ଼ିଶା ଏହି ୩ଟି ମ୍ୟାଚ୍ ଖେଳିବ। ଗତବର୍ଷ ଏଲିଟ୍ ଗ୍ରୁପ୍ 'ଏ'ରେ ଥିବା ଓଡ଼ିଶା ଦଳ ଦୁର୍ବଳ ପ୍ରଦର୍ଶନ କରି ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୧୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଥିଲା। ଘୋଷିତ ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୁପର (ଉଭୟେ ୱିକେଟ୍ ରକ୍ଷକ), ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ ରାଉଳ, ରାଜେଶ ମହାନ୍ତି, ତାରିଣୀ ସ' ଓ ତାପସ ଦାସ।

## ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବାତିଲ

**କଲମ୍ବୋ, ୪।୧୦ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ରେ ଶନିବାର ଏଠାରେ ହେବାକୁ ଥିବା ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ବର୍ଷା ଲାଗି ରହିବାରୁ ଟସ୍ ମଧ୍ୟ ପଡ଼ିନଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ଫଳାଫଳରେ ଶ୍ରୀଲଙ୍କା ଲାଭବାନ ହୋଇଛି। ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇବା ଘରୋଇ ଦଳ ପକ୍ଷେ ବେଶ୍ କଷ୍ଟକର ହୋଇଥାନ୍ତା। ଭାରତଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଶ୍ରୀଲଙ୍କା ୧ ପଏଣ୍ଟ ପାଇ ଖାତା ଖୋଲିପାରିଛି। ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲ ଶୀର୍ଷରେ ପହଞ୍ଚିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଏକ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଆସନ୍ତା ୮ରେ କଲମ୍ବୋରେ ପାକିସ୍ତାନର ମୁକାବିଲା କରିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ ଖେଳିଥିବା ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା।

### ଇରାନୀ କପ୍ କ୍ରିକେଟ

## ଲକ୍ଷ୍ୟ ୩୬୧; ଅବଶିଷ୍ଟ ଭାରତ ଏକାଦଶ ୩୦/୨

**ନାଗପୁର, ୪।୧୦ (ଏଜେନ୍ସି):** ଚଳିତ ଇରାନୀ କପ୍ କ୍ରିକେଟ୍ ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ବିପକ୍ଷରେ ରଣଜୀ ଟ୍ରଫି ଚମ୍ପିଆନ୍ ବିଦର୍ଭ ଦୃଢ଼ ସ୍ଥିତିରେ ରହିଛି। ବିଦର୍ଭ ପ୍ରଥମ ଇନିଂସରେ ୩୪୨ ରନ୍ କରିଥିଲା। ପ୍ରଥମ ଇନିଂସରେ ୧୨୮ ରନ୍ ଆଗରେ ଥିବା ବିଦର୍ଭ ଶନିବାର ୪ର୍ଥ ଦିନରେ ୨ୟ ଇନିଂସରେ ୨୩୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଛି।

ଫଳରେ ଅବଶିଷ୍ଟ ଭାରତକୁ ୨ୟ ଇନିଂସରେ ୩୬୧ ରନ୍‌ର ବିଜୟଲକ୍ଷ୍ୟ ମିଳିଛି। ଏହାର ପିଛାକରି ୪ର୍ଥ ଦିନ ଶେଷରେ ଅବଶିଷ୍ଟ ଭାରତ ୨ ୱିକେଟ୍ ହରାଇ ୩୦ ରନ୍ କରିପାରିଛି। ୮ଟି ୱିକେଟ୍ ବାକିଥାଇ ଅବଶିଷ୍ଟ ଭାରତ ଆଉ ୩୩୧ ରନ୍ ଆବଶ୍ୟକ କରୁଛି। ରବିବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିନ। ଯଦି ଅବଶିଷ୍ଟ ଭାରତ ମ୍ୟାଚ୍ ଡ୍ର ରଖେ; ତେବେ ପ୍ରଥମ ଇନିଂସରେ ଆଗୁଆ ରହିଥିବା ବିଦର୍ଭ ଦଳ ଚମ୍ପିଆନ୍ ହେବ। ଅବଶିଷ୍ଟ ଭାରତର ୨ୟ ଇନିଂସରେ ଅଭିମନ୍ୟୁ ଈଶ୍ୱରନ୍ ୧୭ ଓ ଆର୍ଯ୍ୟନ୍ ଜୁୟାଲ ୬ ରନ୍‌କରି ଆଉଟ୍ ହୋଇଥିଲେ। ଈଶାନ୍ କିଷନ୍ ୫ ଓ ଅଧିନାୟକ ରଜତ ପଟିଦାର ୨ ରନ୍‌କରି ଅପରାଜିତ ଅଛନ୍ତି। ୩ୟଦିନ ଶେଷରେ ବିଦର୍ଭ ୨ୟ ଇନିଂସରେ ୨ ୱିକେଟ୍‌ରେ ୯୬ ରନ୍ କରିଥିଲା। ୪ର୍ଥ ଦିନରେ ଧ୍ରୁବ ସୋରେ ୨୭ ଓ ଡାନିସ୍ ମାଲେୱାର ୧୬ ରନ୍‌କରି ଆଉଟ୍ ହୋଇଥିଲେ। ଅଧିନାୟକ ଅକ୍ଷୟ ୱାଡ୍‌କର ୪ଟି ଚୌକା ସହ ୩୬ ଓ ହର୍ଷ ଦୁବେ ୩ଟି ଚୌକା ସହ ୨୯ ରନ୍ କରିଥିଲେ। ତଳ ଅର୍ଡରରେ ଦର୍ଶନ ନାଲ୍‌କାଣ୍ଡେ ୩୫ ଓ ଯଶ ଠାକୁର ୧୩ ରନ୍ କରିଥିଲେ। ଭାରତ ପାଇଁ ଟେଷ୍ଟ ଖେଳିଥିବା ଅଂଶୁଳ କାମ୍ବୋଜ ୪ଟି ଏବଂ ସାରାଂଶ ଜୈନ, ମାନବ ସୁତାର ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍ ୧୯ରୁ

## ରୋହିତଙ୍କ ସ୍ଥାନରେ ଗିଲ୍ ଅଧିନାୟକ

**ଶର୍ମା ସ୍ଥାନ ବଜାୟ ରଖିଲେ**
**କୋହଲି ସାମିଲ, ବୁମ୍‌ରାଙ୍କୁ ବିଶ୍ରାମ**
**ବାଦ୍ ପଡ଼ିଲେ ରବୀନ୍ଦ୍ର ଜାଡେଜା**

**ମୁମ୍ବାଇ,୪।୧୦(ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଶୁବମନ ଗିଲ୍ ଅଧିନାୟକ ମନୋନୀତ ହୋଇଛନ୍ତି। ସେ ନିୟମିତ ଅଧିନାୟକ ଥିବା ରୋହିତ ଶର୍ମାଙ୍କ ସ୍ଥାନରେ ପ୍ରଥମଥର ଭାରତୀୟ ଦଳର ନେତୃତ୍ୱ ନେବେ। ଅଷ୍ଟ୍ରେଲିଆରେ ଏହି ଦିନିକିଆ ସିରିଜ୍ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବ। ୨୬ ବର୍ଷୀୟ ଗିଲ୍ ମଧ୍ୟ ରୋହିତ ଶର୍ମାଙ୍କ ଅବସର ପରେ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଏବେ ୨୦୨୭ ବିଶ୍ୱକପ୍ ଆଉ ଦୁଇ ବର୍ଷ ରହିଛି। ଏଣୁ ଗିଲଙ୍କୁ ତାଙ୍କ ଟିମ୍ ଚୟନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ହେଡ୍ କୋଚ୍ ଗୌତମ ଗମ୍ଭୀର, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ସହ ପରାମର୍ଶ ପରେ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯାଇଛି।

ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଶେଷଥର ଭାରତ ପକ୍ଷରୁ ଖେଳିଥିବା ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଛି। ଅନ୍ୟ ସମସ୍ତ ଖେଳାଳି ଆଶାଅନୁଯାୟୀ ଦଳରେ ସ୍ଥାନ ପାଇଛନ୍ତି। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। କିନ୍ତୁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍ ଦିଆଯାଇଛି। ଏହା ପରେ ନଭେମ୍ବର-ଡିସେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଓ ୨୦୧୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ସହ ଦିନିକିଆ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ନଭେମ୍ବର ୮ରେ ଶେଷ ହେବ। ଏହି ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।

**ଘୋଷିତ ଦଳ**
ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ ଓ ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା।

## ମାର୍ଶଙ୍କ ଶତକ; ଅଷ୍ଟ୍ରେଲିଆ ଟି୨୦ ସିରିଜ୍ ବିଜୟୀ

**ମାଉଣ୍ଟ ମୌଙ୍ଗନୁଇ, ୪।୧୦:** ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଟ୍ୱେଣ୍ଟି୨୦ ସିରିଜ୍ ଜିତିନେଇଛି ଅଷ୍ଟ୍ରେଲିଆ। ଅଧିନାୟକ ମିଚେଲ ମାର୍ଶଙ୍କ ଅପରାଜିତ ଶତକ ବଳରେ ଶନିବାର ୩ୟ ତଥା ଅନ୍ତିମ ଟ୍ୱେଣ୍ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଜିତିନେଇଛି। ବ୍ୟାଟିଂ ବିଫଳତା ଭୋଗି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୧୫୬ ରନ୍ କରିଥିଲା। ପରେ ଅଷ୍ଟ୍ରେଲିଆର ବ୍ୟାଟ୍‌ସମ୍ୟାନ ମଧ୍ୟ ବିଫଳ ହୋଇଥିଲେ ହେଁ ମାର୍ଶ ଗୋଟିଏ ପଟେ ଛିଡ଼ାହୋଇ ଅପରାଜିତ ଶତକ ମାରି ଦଳକୁ ଜିତାଇଥିଲେ।




୧୨ଟି ବଲ୍ ବାକିଥାଇ ୭ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ଜିତିଥିଲା। ୨ୟ ଟ୍ୱେଣ୍ଟି୨୦ ବାତିଲ ହୋଇଥିବା ବେଳେ ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ଶୃଙ୍ଖଳା ଜିତିବାରେ ସଫଳ ହୋଇଛି। ଜୀବନର ପ୍ରଥମ ଟି-୨୦ ଶତକ ହାସଲ କରିଥିବା ମାର୍ଶ ୫୨ ବଲ୍‌ରୁ ୭ଟି ଛକା ଓ ୮ଟି ଚୌକା ସହ ୧୦୩ ରନ୍‌କରି ଅପରାଜିତ ଥିଲେ। ମିଚେଲ ମାର୍ଶ ଏହି ମ୍ୟାଚ୍‌ର ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମାର୍ଶ ଉଭୟ ବ୍ୟାଟିଂ ଓ ନେତୃତ୍ୱ ନେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

## ନକ୍‌ଭୀଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ

**କରାଚି, ୪।୧୦ (ଏଜେନ୍ସି):** ଏସିଆ କପ୍ ଫାଇନାଲରେ ଜିତିବା ପରେ ଭାରତୀୟ ଖେଳାଳି ଜିଦ୍ ଧରିଥିଲେ ଯେ ପାକିସ୍ତାନ ସରକାରରେ ମନ୍ତ୍ରୀ ଥିବା ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ସେମାନେ ଟ୍ରଫି ଗ୍ରହଣ କରିବେ ନାହିଁ। ପରେ ନକ୍‌ଭି ଟ୍ରଫି ଧରି ତାଙ୍କ ହୋଟେଲ ରୁମ୍‌କୁ ଚାଲି ଯାଇଥିଲେ। ତାଙ୍କର ଏହି ନୀତି ପାଇଁ ନକ୍‌ଭିଙ୍କୁ ସ୍ୱତନ୍ତ୍ର ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କରାଚିରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନକ୍‌ଭିଙ୍କୁ ସହିଦ୍ ଜୁଲ୍‌ଫିକର ଅଲୀ ଭୁଟ୍ଟୋ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ପିପିପି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦାରି ଉତ୍ସବରେ ମୁଖ୍ୟ ଅତିଥି ହେବେ। ପୁଣି ନକ୍‌ଭି କହିଛନ୍ତି ଯେ ଭାରତୀୟ ଦଳ ଦୁବାଇସ୍ଥିତ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ହିଁ ଟ୍ରଫି ଗ୍ରହଣ କରିପାରିବେ। ସେ ନିଜେ ଟ୍ରଫି ପ୍ରଦାନ କରିବେ ବୋଲି ନକ୍‌ଭି ଜିଦ୍ ଧରିଛନ୍ତି। ବିସିସିଆଇକୁ ସେ କ୍ଷମା ମାଗିଛନ୍ତି ବୋଲି ଭାରତ ଯେଉଁ ଦାବିକରୁଛି; ତାହା ମିଥ୍ୟା ବୋଲି ନକ୍‌ଭି କହିଛନ୍ତି।

## ୱାର୍ଲ୍ଡ ପାରା ଆଥଲେଟିକ୍ସ: ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ନୂଆଦିଲ୍ଲୀ,୪।୧୦(ଏଜେନ୍ସି):** ଏଠାରେ ଚାଲିଥିବା ୱାର୍ଲ୍ଡ ପାରାଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଏକତା ଭାୟାନ ଭାରତ ଲାଗି ୧୮ଶ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ୱାର୍ଲ୍ଡ ପାରା ଆଥଲେଟିକ୍ସରେ ଭାରତ ତାହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ପ୍ରତିଯୋଗିତାର ୭ମ ଦିନରେ ଭାରତ ୩ଟି ପଦକ ଜିତିଛି। ଏକତା ଏଫ୍‌୫୧ କ୍ଲବ୍ ଥ୍ରୋ କାଟାଗୋରୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତାଙ୍କ ଛଡ଼ା ଟି୬୪ ହାଇଜମ୍ପରେ ପ୍ରବୀଣ କୁମାର ଓ ସଟ୍‌ପୁଟ ଏଫ୍‌୫୭ରେ ସୋମନ ରାଣା କାଂସ୍ୟ ପଦକ ବିଜୟୀ ହୋଇଥିଲେ।

### ମହିଳା ଦିନିକିଆ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ଲଢ଼େଇ

**କଲମ୍ବୋ, ୦୪।୧୦ (ଏଜେନ୍ସି):** ଭାରତରେ ଚାଲିଥିବା ଆଇସିସି ମହିଳା ଦିନିକିଆର ୧୩ତମ ସଂସ୍କରଣରେ ରବିବାର ଏକ ହାଇଭୋଲଟେଜ ମୁକାବିଲା ଖେଳାଯିବ। ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ସାମ୍ନା କରିବେ। ଟୁର୍ଣ୍ଣାମେଣ୍ଟର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କାର ଆର୍ ପ୍ରେମଦାସ ଷ୍ଟାଡିୟମରେ ଏହି ମ୍ୟାଚ୍ ରବିବାର ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ରାଜନୈତିକ କାରଣ ଲାଗି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ନ ହେବାରୁ ଆଇସିସି ପାକିସ୍ତାନର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲା।

ପୂର୍ବରୁ ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚରେ ୭ ୱିକେଟରେ ବାଂଲାଦେଶ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେଣୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମଧ୍ୟ ଓ ନିମ୍ନକ୍ରମରେ ଅମନଜୋତ୍ କୌର ଓ ଦୀପ୍ତି ଶର୍ମା ଲଢ଼ୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁ ଭାରତ ୮ ୱିକେଟରେ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ କିନ୍ତୁ ସ୍ମୃତି ମନ୍ଧାନା (୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ) ଓ ଜେମିମା ରୋଡ୍ରିଗ୍ସ୍‌ଜ (୦) ନିରାଶ କରିଥିଲେ। ତେଣୁ ଆସନ୍ତାକାଲି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ ଏହି ୩ ବରିଷ୍ଠ ଖେଳାଳିଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି।




**ଭାରତ ସପକ୍ଷରେ ରେକର୍ଡ:**

ରେକର୍ଡ ଉପରେ ନଜର ପକାଇଲେ ମହିଳା ଦିନିକିଆ କ୍ରିକେଟରେ ଭାରତ ଓ ପାକିସ୍ତାନ ୧୧ଥର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତୀୟ ମହିଳା ଦଳ ସମସ୍ତ ୧୧ଟି ଯାକ ମ୍ୟାଚ୍ ଜିତି ଅଗ୍ରଣୀ ରହିଛି। ତେଣୁ ରେକର୍ଡ ଭାରତ ସପକ୍ଷରେ ରହିଛି। ଶେଷଥର ଲାଗି ଦୁଇ ଦଳ ୨୦୨୨ରେ ଏକ ଦିନିକିଆ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୧୦୭ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା।

## ଖେଳାଳି ହାତ ମିଳାଇବେ ନାହିଁ

**ନୂଆଦିଲ୍ଲୀ, ୪।୧୦ (ଏଜେନ୍ସି):** ରବିବାର ମହିଳା ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ହେବ। ଏସିଆ କପ୍‌ରେ ପୁରୁଷ କ୍ରିକେଟରଙ୍କ ପରି ଏହି ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ମହିଳା ଖେଳାଳି ହାତ ମିଳାଇବେ ନାହିଁ ବୋଲି ଜାଣିବାକୁ ମିଳିଛି। ଏହା ବିଷୟରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଭାରତ ଉକ୍ତ ମ୍ୟାଚ୍ ଖେଳିବ ଏବଂ କ୍ରିକେଟ୍‌ର ସମସ୍ତ ନିୟମ ପାଳନ କରାଯିବ। ତେବେ ଉଭୟ ଦଳର ଖେଳାଳି ହାତ ମିଳାଇବେ କିମ୍ବା କୋଳାକୋଳି ହେବ; ତାହା ମୁଁ କହିପାରିବି ନାହିଁ। ଆମର ଧ୍ୟାନ ଖେଳ ଉପରେ ରାଜନୀତି ଉପରେ ନୁହେଁ। ଗତ ସପ୍ତାହକ ମଧ୍ୟରେ ଦୁଇ ଦେଶର ସମ୍ପର୍କରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ; ବରଂ ଏହା ଖରାପ ହୋଇଛି। ଏଣୁ କ୍ରିକେଟ୍ ବୋର୍ଡ ଏଭଳି ଘଟଣାରୁ ଦୂରେଇ ରହିବାକୁ ଉଚିତ ମନେ କରୁଛି। କୌଣସି ନିୟମ ଭଙ୍ଗ କିମ୍ବା କାହାରିକୁ ଅପମାନିତ କରିବା ବିସିସିଆଇର କାମ ନୁହେଁ। ଖେଳୁଆଡ଼ ମନୋଭାବ ଓ ନିୟମ ଅନୁଯାୟୀ ଖେଳିବାକୁ ଆମେ ଗୁରୁତ୍ୱ ଦେଇଛୁ ଏବଂ ଦେବୁ ମଧ୍ୟ ବୋଲି ସାଇକିଆ କହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS